ବର୍ଷ-୨୬, ସଂଖ୍ୟା-୨୦୧
ଭୁବନେଶ୍ୱର
୨୭, ଜୁଲାଇ ୨୦୨୬ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 201
Bhubaneswar
27 July, 2026, Monday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

**Mahabharat**



ଜ୍ୟୋର୍ତିମୟୀଙ୍କୁ
ଶୁଭେଚ୍ଛାର
ସୁଅ

## ରଥାରୂଢ଼ ଶ୍ରୀବିଗ୍ରହଙ୍କୁ ଲାଗିହେଲା ଅଧରପଣା



ପୁରୀ, ୨୬।୭(ମହାଭାରତ): ଆଷାଢ଼ ଶୁକ୍ଳ ଦ୍ୱାଦଶୀ ତିଥିରେ ରଥ ଉପରେ ରଥାରୂଢ଼ ଶ୍ରୀବିଗ୍ରହଙ୍କ ସମ୍ମୁଖରେ ଅଧରପଣା ପୂଜା ନୀତି ରବିବାର ରାତିରେ ସମ୍ପନ୍ନ ହୋଇଛି। ରଥ ଉପରେ ତିନି ଠାକୁରଙ୍କ ଅଧର ଉଚ୍ଚର ୯ଟି ହାଣ୍ଡିରେ ପଣା ଲାଗି ପରେ ରଥ ଉପରେ ଅଧରହାଣ୍ଡିକୁ ଭାଙ୍ଗି ଚଣ୍ଡିଚାମୁଣ୍ଡା, ଅଶରୀରୀମାନଙ୍କ ଉଦ୍ଦେଶ୍ୟରେ ପଣା ଉତ୍ସର୍ଗ କରାଯାଇଛି। ରତ୍ନସିଂହାସନ ଛାଡି ବଡଦାଣ୍ଡରେ ରଥରେ ଅବତରଣ ପରେ ମହାପ୍ରଭୁଙ୍କ ଦର୍ଶନ ସହ ମୁକ୍ତି ପାଇଁ ଘୁରି ବୁଲୁଥିବା ଚଣ୍ଡୀଚାମୁଣ୍ଡା, ଅଶରୀରୀମାନେ ତୃପ୍ତ ହୋଇଛନ୍ତି। ହଜାର ହଜାର ଭକ୍ତ ଆଜି ମହାପ୍ରଭୁଙ୍କ ଏହି ଅଧର ନୀତି ଦର୍ଶନ କରିଛନ୍ତି। ଏଥିପାଇଁ ଆଜି ବି ସିଂହଦ୍ୱାର, ବଡଦାଣ୍ଡ ଲୋକାରଣ୍ୟ ହୋଇଛି।

ପ୍ରଥମେ ରାତି ପ୍ରାୟ ୯ଟା ୧୫ରେ ବଡଠାକୁର ଶ୍ରୀବଳଭଦ୍ରଙ୍କ ଅଧରହାଣ୍ଡି ଭଙ୍ଗାଯାଇଥିଲା। ତା ପରେ ମା' ସୁଭଦ୍ରାଙ୍କ ଅଧର ନୀତି ସମ୍ପନ୍ନ ହୋଇ ରାତି ୯ଟା ୩୦ରେ ହାଣ୍ଡି ଭଙ୍ଗା ଯାଇଥିଲା। ଶେଷରେ ରାତି ୯ଟା ୪୩ରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅଧରହାଣ୍ଡି ଭଙ୍ଗା ସହ ଅଧରନୀତି ଶେଷ ହୋଇଥିଲା।

ଅଧରପଣା ନୀତି ଶେଷ ହେବା ପରେ ଏବେ ମହାପ୍ରଭୁଙ୍କ ନୀଳାଦ୍ରି ବିଜେ ପାଇଁ ଶ୍ରୀମନ୍ଦିର ପ୍ରଶାସନ ଓ ସେବାୟତଙ୍କ ପକ୍ଷରୁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ୧୨ ଦିନର ବାହାର ଲୀଳାଖେଳା ଶେଷ କରି ସୋମବାର ତ୍ରୟୋଦଶୀ ତିଥିରେ ଚତୁର୍ଦ୍ଧା ବିଗ୍ରହ ଗୋଟି ପହଣ୍ଡିରେ ରତ୍ନସିଂହାସନକୁ ବିଜେ କରିବେ।

ଏହି ଅବସରରେ ମାନବୀୟ ଲୀଳାର ଅପୂର୍ବ ଦୃଶ୍ୟ ସିଂହଦ୍ୱାରରେ ଦେଖିବାକୁ ମିଳିବ। ସାଙ୍ଗରେ ନ ନେଇଥିବାରୁ ଅଭିମାନ କରିଥିବା ମା' ମହାଲକ୍ଷ୍ମୀଙ୍କୁ ରସଗୋଲା ଭୋଗ ଖୁଆଇ ମାନଭଞ୍ଜନ କରିବେ ମହାପ୍ରଭୁ ଶ୍ରୀଜଗନ୍ନାଥ। ନୀଳାଦ୍ରିବିଜେ ପାଇଁ ସୋମବାର ପ୍ରାତଃ ୪ଟାରୁ ମଙ୍ଗଳ ଆଳତି ସହ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତି ଆରମ୍ଭ କରାଯାଉଛି।

# ପରୀକ୍ଷା ସଂସ୍କାର ପାଇଁ ଉଚ୍ଚସ୍ତରୀୟ ଟାସ୍କ ଫୋର୍ସ ଗଠିତ

ନୂଆଦିଲ୍ଲୀ, ୨୬।୭(ମହାଭାରତ): ପ୍ରସିଦ୍ଧ ପ୍ରଯୁକ୍ତି ବିଶେଷଜ୍ଞ ନନ୍ଦନ ନିଲେକଣିଙ୍କ ନେତୃତ୍ୱରେ ପରୀକ୍ଷା ସଂସ୍କାର ପାଇଁ ଏକ ଉଚ୍ଚସ୍ତରୀୟ ଟାସ୍କ ଫୋର୍ସ ଗଠନ କରାଯାଇଛି। ପ୍ରଧାନମନ୍ତ୍ରୀ ତାଙ୍କ ଇନ୍‌ଷ୍ଟା ଭିଡିଓ ବାର୍ତାରେ ଏହି ସୂଚନା ଦେଇଛନ୍ତି।

ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଶିକ୍ଷା ପ୍ରଣାଳୀରେ ବିଶ୍ୱାସ, ପାରଦର୍ଶିତା ଓ ଅଧିକ ପ୍ରଯୁକ୍ତି ବ୍ୟବହାରକୁ ମନେରଖି,

### ଟାସ୍କଫୋର୍ସରେ ଇସ୍ରୋର ପୂର୍ବତନ ଅଧ୍ୟକ୍ଷ



ବିଶ୍ୱ ବିଖ୍ୟାତ ପ୍ରଯୁକ୍ତି ବିଶେଷଜ୍ଞ ନନ୍ଦନ ନିଲେକଣିଙ୍କ ନେତୃତ୍ୱରେ ଏହି ଉଚ୍ଚାଧିକାର ପ୍ରାପ୍ତ କାର୍ଯ୍ୟବଳ ଗଠନର ସିଦ୍ଧାନ୍ତ ନିଆଯାଇଛି। ଏହି କାର୍ଯ୍ୟବଳ 'ପରୀକ୍ଷା ସଂସ୍କାର' ଉପରେ କେନ୍ଦ୍ରିତ ହେବ ଏବଂ ଏହାର ରିପୋର୍ଟ ଆଧାରରେ ଆଗାମୀ ପରୀକ୍ଷାମାନଙ୍କର ବିଶ୍ୱସନୀୟତା ଶୀଘ୍ର ସୁନିଶ୍ଚିତ କରାଯିବ।

ସେ ଆହୁରି କହିଛନ୍ତି ଯେ, ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସୁରକ୍ଷିତ କରିବା ପାଇଁ କେନ୍ଦ୍ର ସରକାର ଲଗାତାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳ କରୁଥିବା ଅଭିଯୁକ୍ତମାନେ ଜେଲରେ ଅଟକ ରହିଛନ୍ତି। ଫାଷ୍ଟ ଟ୍ରାକ୍ କୋର୍ଟ ଗଠନ କରାଯାଇଛି ଏବଂ ସଂସଦରେ ମଧ୍ୟ କଠୋର ବ୍ୟବସ୍ଥା ସହିତ ନୂଆ ଆଇନ ଆଣିବା ପ୍ରକ୍ରିୟା ଚାଲିଛି।

ଉଲ୍ଲେଖନୀୟ ଯେ, ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ବିରୋଧରେ ସିଜେପିର ଯୁବକେନ୍ଦ୍ରିତ ଆନ୍ଦୋଳନ ପରେ ସରକାର ପରୀକ୍ଷା ସଂସ୍କାର ଦିଗରେ ଧାରାବାହିକ ପଦକ୍ଷେପ ନେଉଛି। ପ୍ରଥମ ପର୍ଯ୍ୟାୟରେ ଏହା ସମ୍ବନ୍ଧୀୟ ଆଇନକୁ କଠୋର କରାଯାଇଥିବାବେଳେ, ବର୍ତ୍ତମାନ ଏହି କାର୍ଯ୍ୟବଳ ଗଠନ କରାଯାଇଛି।

ଅନ୍ୟପକ୍ଷରେ କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଆଜି ଶିକ୍ଷା ମନ୍ତ୍ରାଳୟର ଦାୟିତ୍ୱ ଗ୍ରହଣ କରିଛନ୍ତି। ଧର୍ମେନ୍ଦ୍ର ପ୍ରଧାନ ଶିକ୍ଷାମନ୍ତ୍ରୀ ପଦରୁ ଇସ୍ତଫା ଦେବାପରେ ରାଷ୍ଟ୍ରପତି ଦ୍ରେ ?ପଦୀ ମୁର୍ମୁ ଗତକାଲି ପ୍ରହ୍ଲାଦ ଯୋଶୀଙ୍କୁ ଶିକ୍ଷା ମନ୍ତ୍ରାଳୟର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରିଥିଲେ। ଏହାର ଦିନକ ପରେ ଯୋଶୀ ଆଜି କର୍ତ୍ତବ୍ୟ ଭବନରେ ଔପଚାରିକ ଭାବେ ଶିକ୍ଷା ମନ୍ତ୍ରାଳୟ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ମଧ୍ୟ ଖାଉଟି ବ୍ୟାପାର, ଖାଦ୍ୟ ଏବଂ ସାର୍ବଜନିକ ବିତରଣ ମନ୍ତ୍ରାଳୟ ଦାୟିତ୍ୱରେ ରହିଛନ୍ତି।ଦାୟିତ୍ୱ ଗ୍ରହଣ କରିବାପରେ ଯୋଶୀ ଆଜି ଶିକ୍ଷା ମନ୍ତ୍ରାଳୟ ଅଧୀନରେ ଚାଲୁଥିବା ବିଭିନ୍ନ ପ୍ରମୁଖ ଯୋଜନା ଓ ପଦକ୍ଷେପର କାର୍ଯ୍ୟକାରିତାର ସମୀକ୍ଷା ପାଇଁ ଏକ ବୈଠକର ଅଧ୍ୟକ୍ଷତା କରିଥିଲେ। ଶିକ୍ଷା ବିଭାଗ ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀ ଏହି ସମୀକ୍ଷା ବୈଠକରେ ଉପସ୍ଥିତ ଥିଲେ। ବୈଠକରେ ମଧ୍ୟ ଉଚ୍ଚଶିକ୍ଷା ସଚିବ ଡ ବିନୀତ ଜୋଶୀ, ଗଣଶିକ୍ଷା ଓ ସାକ୍ଷରତା ସଚିବ ଟିକେ ଅନିଲ କୁମାରଙ୍କ ସମେତ ମନ୍ତ୍ରାଳୟର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ମଧ୍ୟ ଯୋଗ ଦେଇଥିଲେ। ଦାୟିତ୍ୱ ଗ୍ରହଣ କରିବାପରେ ଯୋଶୀ ସାମ୍ବାଦିକମାନଙ୍କୁ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପୂର୍ଣ୍ଣ ବିଶ୍ୱାସର ସହ ମୋ ଉପରେ ଏହି ନୂଆ ଦାୟିତ୍ୱ ନ୍ୟସ୍ତ କରିଛନ୍ତି। ମୁଁ ସବୁକିଛି ବିସ୍ତୃତ ଭାବେ ସମୀକ୍ଷା କରୁଛି।

ପୂରା ମନ୍ତ୍ରାଳୟ କିଭଳି କାର୍ଯ୍ୟ କରୁଛି ତାହା ମୁଁ ଭଲଭାବେ ବୁଝିବାକୁ ଚେଷ୍ଟା କରୁଛି। ଏହା ମୋ ପାଇଁ ଏକ ନୂଆ ବିଷୟବସ୍ତୁ। ଆଜି ମୁଁ ଦାୟିତ୍ୱ ନେବାପରେ ବରିଷ୍ଠ ଅଧିକାରୀମାନଙ୍କ ସହ ବିସ୍ତୃତ ଆ ?ଲୋଚନା କଲି। ଯୋଶୀ ସାମ୍ବାଦିକମାନଙ୍କୁ କହିଛନ୍ତି, ଏହା ଅତି ବଡ ମନ୍ତ୍ରାଳୟ। ତେଣୁ ମୁଁ ଏହାକୁ ସମ୍ପୂର୍ଣ୍ଣ ଭା ?ବେ ବୁଝିବା ପରେ ହିଁ ଆପଣମାନଙ୍କ ସହ ବିସ୍ତୃତ ଭାବେ କଥା ହୋଇପାରିବି। ଦାୟିତ୍ୱ ନେବାପରେ ଯୋଶୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଦାୟିତ୍ୱ ଗ୍ରହଣ କଲେ ନୂଆ ଶିକ୍ଷା ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ



## ଜ୍ୟୋତିର୍ମୟୀ ଇଣ୍ଡିଆନ୍ ଆଇଡଲ୍ ବିଜେତା

ଭୁବନେଶ୍ୱର ୨୬।୭(ମହାଭାରତ): ଜାତୀୟ ସ୍ତରୀୟ ଟେଲିଭିଜନ ରିୟଲିଟି ସୋ'ରେ ଓଡିଆ ଝିଅ ଚମକିଛନ୍ତି। 'ଇଣ୍ଡିଆନ୍ ଆଇଡଲ'ର ୧୬ତମ ସଂସ୍କରଣରେ ଓଡିଆ ଝିଅ ଜ୍ୟୋତିର୍ମୟୀ ନାୟକ ବଡ ସଫଳତା ହାସଲ କରିଛନ୍ତି। ଜ୍ୟୋତିର୍ମୟୀ 'ଇଣ୍ଡିଆନ୍ ଆଇଡଲ'ର ୧୬ତମ ସଂସ୍କରଣରେ ଚାମ୍ପିଅନ ହେବା ସହିତ ଓଡିଶାର ଗର୍ବ ବାଢ଼ାଇଛନ୍ତି।



ଇଣ୍ଡିଆନ୍ ଆଇଡଲ୍ ୧୬ତମ ସଂସ୍କରଣ ଶେଷରେ ୧୦ ମାସର ଦୀର୍ଘ ଯାତ୍ରା ସମାପ୍ତ କରିଛି। ଏହି ସୋ'ରେ ଓଡ଼ିଶାର ଝିଅ ଜ୍ୟୋତିର୍ମୟୀ ନାୟକ (୨୪)ଙ୍କୁ ବିଜେତା ଘୋଷଣା କରାଯାଇଛି ଏବଂ ଜବଲପୁରର ତନିଷ୍କ ଶୁକ୍ଲା ପ୍ରଥମ ରନର୍ସଅପ୍ ହୋଇଛନ୍ତି। ଇଣ୍ଡିଆନ୍ ଆଇଡଲ୍‌ର ୧୬ତମ ସିଜିନ୍‌ର ବିଚାରକ ଥିଲେ ଶ୍ରେୟା ଘୋଷାଲ୍, ବିଶାଲ୍ ଦଦଲାନି ଏବଂ ବାଦଶା। ଏହି ବର୍ଷ, ସୋ'ର ଥିମ୍, ଯାଦେଁ କି ପ୍ଲେଲିଷ୍ଟ, ଦର୍ଶକଙ୍କ ମନରେ ଏତେ ଭଲ ଲାଗିଥିଲା ଯେ ସୋ'କୁ ତିନି ମାସ ପାଇଁ ଦୁଇଟି ଏକ୍ସଟେନ୍ସନ୍ ଦିଆଯାଇଥିଲା। ଜ୍ୟୋତିର୍ମୟୀ ୨୦ ଲକ୍ଷ ଟଙ୍କା ପୁରସ୍କାର ଜିତିଥିବା ବେଳେ, ସେ ତାଙ୍କର ବିଜୟର ଶ୍ରେୟ ସଂଗୀତ ଚିକିତ୍ସା ମାଧ୍ୟମରେ ସୁସ୍ଥ ହୋଇଥିବା କର୍କଟ ରୋଗୀଙ୍କୁ ଦେଇଛନ୍ତି।

ସୋ'ରେ ତାଙ୍କର ୧୦ ମାସର ଯାତ୍ରା ବିଷୟରେ କହି ଇଣ୍ଡିଆନ୍ ଆଇଡଲ୍ ୧୬ ବିଜେତା ଜ୍ୟୋତିର୍ମୟୀ ନାୟକ କହିଛନ୍ତି, ଏହି ଯାତ୍ରା ପ୍ରାୟ ଗୋଟିଏ ବର୍ଷ ହେଲାଣି। ମୁଁ ୧୪ ସେପ୍ଟେମ୍ବରରେ ମୁମ୍ବାଇ ଆସିଥିଲି ଏବଂ ଏହା ଏକ ବହୁତ ଭଲ ଯାତ୍ରା ଥିଲା। ଖୁସିର କଥା ଏହା ମଧ୍ୟ ଫଳପ୍ରଦ ହୋଇଥିଲା, ଟ୍ରଫି ଜିତି। ମୁଁ କେବେ ପୁରସ୍କାର ରାଶି ଜିତିବା ବିଷୟରେ ଭାବି ନଥିଲି; ମୁଁ କେବଳ ମୋର ସର୍ବୋତ୍ତମ ପ୍ରଦର୍ଶନ କରିବା ଏବଂ ଭଲ ମତାମତ ପାଇବା ବିଷୟରେ ଚିନ୍ତା କରିଥିଲି। ଯେହେତୁ ମୁଁ ଟଙ୍କା ବିଷୟରେ ଚିନ୍ତା କରି ନଥିଲି, ମୁଁ ଜାଣିନାହିଁ ମୁଁ ଏହାକୁ କେଉଁଠାରେ ବ୍ୟବହାର କରିବି; ଏବେ ମୁଁ ଏହା ବିଷୟରେ ଚିନ୍ତା କରିବି।

## ବଜ୍ରପାତରେ ବାପା-ପୁଅଙ୍କ ମୃତ୍ୟୁ

କାମାକ୍ଷାନଗ. ୨୬।୭(ମହାଭାରତ):: ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ଅନ୍ତର୍ଗତ ବାଲିପଡ଼ା ଗାଁରେ ବଜ୍ରପାତରେ ବାପା ଓ ପୁଅଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସନ୍ତୋଷ ଦେହୁରୀ ଓ ତାଙ୍କ ୨୮ ବର୍ଷୀୟ ପୁଅ ସତ୍ୟ ନାରାୟଣ ଦେହୁରୀ।ସୂଚନା ଅନୁଯାୟୀ, ବାପା-ପୁଅ ଉଭୟ ବିଲରେ ଧାନ ରୋଇବା କାମରେ ବ୍ୟସ୍ତ ଥିବାବେଳେ ହଠାତ୍ ବଜ୍ରପାତ ହୋଇଥିଲା। ଏଥିରେ ଉଭୟ ଗୁରୁତର ଭାବେ ଆହତ ହୋଇଥିଲେ। ସେମାନଙ୍କୁ ତୁରନ୍ତ ଉଦ୍ଧାର କରି କାମାକ୍ଷାନଗର ଉପଖଣ୍ଡ ଡାକ୍ତରଖାନାକୁ ନେଇଥିଲେ।ତେବେ ଡାକ୍ତରଖାନାରେ ପହଞ୍ଚିବା ପରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଏହି ଅକାଳ ମୃତ୍ୟୁ ଘଟଣା ପରେ ବାଲିପଡ଼ା ଗାଁରେ ଶୋକର ଛାୟା ଖେଳିଯାଇଛି।

## ବଙ୍ଗୋପସାଗରରେ ଅବପାତ ସୃଷ୍ଟି



ଭୁବନେଶ୍ୱର, ୨୬।୭(ମହାଭାରତ): ରାଜ୍ୟରେ ଆଗାମୀ ଦିନରେ ଆହୁରି ବର୍ଷାର ପରିମାଣ ବଢିବ।ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଓ ସଂଲଗ୍ନ ପଶ୍ଚିମବଙ୍ଗ ଉପକୂଳ ଅଞ୍ଚଳରେ ଏକ ଅବପାତ ସୃଷ୍ଟି ହୋଇଛି। ପାଣିପାଗ ବିଭାଗର ଆକଳନ ଅନୁଯାୟୀ, ଆଗାମୀ ୨୪ ଘଣ୍ଟା ମଧ୍ୟରେ ଅଧିକ ଘନୀଭୂତ ହୋଇ ଗଭୀର ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି।ଏହି ଅବପାତ ପ୍ରଭାବରେ ଓଡ଼ିଶାରେ ବର୍ଷାର ପରିମାଣ ବହୁମାତ୍ରାରେ ବୃଦ୍ଧି ପାଇବ। ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଜାରି ରହିବାର ସମ୍ଭାବନା ରହିଛି। ବିଶେଷକରି ଉତ୍ତର ଏବଂ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଏହାର ପ୍ରଭାବ ସବୁଠାରୁ ଅଧିକ ଅନୁଭୂତ ହେବ। ଏହାଛଡ଼ା ଉପକୂଳବର୍ତ୍ତୀ ଏବଂ ଏହାର ଆଖପାଖ ଜିଲ୍ଲାଗୁଡ଼ିକରେ ମଧ୍ୟ ପ୍ରବଳ ବର୍ଷା ନେଇ ସତର୍କତା ଜାରି କରାଯାଇଛି।କେନ୍ଦୁଝର ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ଆଶଙ୍କା ରହିଥିବାରୁ ବିଭାଗ ପକ୍ଷରୁ 'ରେଡ୍ ଆଲର୍ଟ' ଜାରି କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସମ୍ଭାବ୍ୟ ବର୍ଷାକୁ ଦୃଷ୍ଟିରେ ରଖି ରାଜ୍ୟର ଅନ୍ୟ ୧୦ଟି ପ୍ରମୁଖ ଜିଲ୍ଲାକୁ 'ଅରେଞ୍ଜ ୱାର୍ଣ୍ଣିଂ' ଦିଆଯାଇଛି। ଅବପାତ ପ୍ରଭାବରେ ଉପକୂଳରେ ପବନର ବେଗ ବୃଦ୍ଧି ପାଇବା ସହ ସମୁଦ୍ର ଅଶାନ୍ତ ରହିବ। ଏହି କାରଣରୁ ସୁରକ୍ଷା ଦୃଷ୍ଟିରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ଭିତରକୁ ପ୍ରବେଶ ନ କରିବାକୁ ପରାମର୍ଶ ଦିଆଯାଇଛି। ଅବପାତ ପ୍ରଭାବରେ ଜିଲ୍ଲାରେ ପ୍ରବଳ ବର୍ଷାର ସମ୍ଭାବନା ଥିବାରୁ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ଆସନ୍ତାକାଲି ସମସ୍ତ ସ୍କୁଲରେ ଛୁଟି ଘୋଷଣା କରାଯାଇଛି। ଏନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି।ମୟୂରଭଞ୍ଜ ଜିଲ୍ଲାର ସମସ୍ତ ସରକାରୀ ଓ ଘରୋଇ ବିଦ୍ୟାଳୟ ସହ ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପାଠପଢ଼ା ବନ୍ଦ ରହିବ।

## ଆମେରିକା ଆଗରେ ମୁଣ୍ଡ ନୁଆଁଇବୁ ନାହିଁ: ଆରାଘଚି

ତେହରାନ ୨୬।୭(ମହାଭାରତ):ଆମେରିକାର ଚାପ କିମ୍ବା ଧମକ ଆଗରେ ତେହେରାନ ମୁଣ୍ଡ ନୁଆଁଇବ ନାହିଁ ବୋଲି ସାଂଘାଇ ସହଯୋଗ ସଂଗଠନ (ଏସସିଓ) ବୈଠକରେ ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚି ସ୍ପଷ୍ଟ କରି ଦେଇଛନ୍ତି। ସେ କହିଛନ୍ତି ତାଙ୍କ ଦେଶ କୌଣସି ପ୍ରକାରର ବଳ ପ୍ରୟୋଗ ନିକଟରେ ଆତ୍ମସମର୍ପଣ କରିବ ନାହିଁ।କିର୍ଗିଜସ୍ତାନର ଚୋଲପୋନ୍-ଆଟାରେ ସାଂଘାଇ ସହଯୋଗ ସଂଗଠନର ବୈଦେଶିକ ମନ୍ତ୍ରୀ ପରିଷଦର ବୈଠକ ପରେ ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା କରିବା ସମୟରେ ଆରାଘଚିଙ୍କୁ ଇରାନ ଓ ଆମେରିକା ଦ୍ୱିପାକ୍ଷିକ ଆଲୋଚନା ବିଷୟରେ ପଚରାଯିବାରୁ ସେ କହିଥିଲେ ତେହେରାନ ଏବଂ ୱାସିଂଟନ ମଧ୍ୟରେ ମୁଖ୍ୟ ପ୍ରତିବନ୍ଧକ ଯୋଗାଯୋଗ ମାଧ୍ୟମର ଅଭାବ ନୁହେଁ, ବରଂ ଆମେରିକା ତରଫରୁ କ୍ରମାଗତ ଭାବେ ଭୟ ପ୍ରଦର୍ଶନ ଏବଂ ବଳପ୍ରୟୋଗ ନୀତି। ଆରାଘଚି କହିଥିଲେ ଇରାନ ସ୍ପଷ୍ଟ କରିଛି, ଆମେରିକାର ଦାଦାଗିରି ଆଗରେ ମୁଣ୍ଡ ନୁଆଁଇବ ନାହିଁ। ସେ ଏହା ମଧ୍ୟ ଦର୍ଶାଇଛନ୍ତି ଯେ, ମଧ୍ୟସ୍ଥର ଭୂମିକା ଗ୍ରହଣ କରୁଥିବା ପାକିସ୍ତାନ ସହିତ ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା କରିବା ଏକ ସ୍ୱାଭାବିକ ପଦକ୍ଷେପ। ଇରାନ ଜନତାଙ୍କୁ ସୁରକ୍ଷା ଦେବା ଏବଂ ହର୍ମୁଜ୍ ପ୍ରଣାଳୀରେ ଇରାନର ସ୍ୱାର୍ଥକୁ ସୁରକ୍ଷା ଦେବା ଆମର ନୀତି। ଯେ ପର୍ଯ୍ୟନ୍ତ ଇରାନ ଲୋକଙ୍କ ଆଇନଗତ ଉଦ୍ଦେଶ୍ୟ ଏବଂ ଦାବି ପୂରଣ ନ ହୋଇଛି, ଆମେ ଆମର କାର୍ଯ୍ୟ ଜାରି ରଖିବୁ। ଆମେ ଧମକକୁ ଭୟ କରୁନାହୁଁ କିମ୍ବା ଚାପ ଆଗରେ ମୁଣ୍ଡ ନୁଆଁଇବୁ ନାହିଁ ଏବଂ ଧମକର ଭାଷାକୁ ଆମେ ସହ୍ୟ କରିବୁ ନାହିଁ।

# ପାକିସ୍ତାନ ସହ କେବଳ ପିଓକେ ଆଲୋଚନା : ରାଜନାଥ

ଦ୍ରାସ, ୨୬।୭(ମହାଭାରତ): ରବିବାର ଦିନ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଛନ୍ତି ଯେ ଭାରତ କେବଳ ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ) ପ୍ରସଙ୍ଗରେ ପାକିସ୍ତାନ ସହିତ ଆଲୋଚନା କରିବ। ଦ୍ରାସର କାର୍ଗିଲ ଯୁଦ୍ଧ ସ୍ମାରକୀରେ କାର୍ଗିଲ ବିଜୟ ଦିବସ ସମାରୋହକୁ ସମ୍ବୋଧିତ କରିବା ସମୟରେ ସିଂ ଏହି ଘୋଷଣା କରିଥିଲେ। ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି ଯେ ପଡ଼ୋଶୀ ଦେଶ ସହିତ ଭବିଷ୍ୟତରେ ଯେକୌଣସି ଆଲୋଚନା କେବଳ ପିଓକେ ପ୍ରସଙ୍ଗରେ ହେବ। ପିଓକେ ଭାରତର ଏକ ଅବିଚ୍ଛେଦ୍ୟ ଅଙ୍ଗ।



ସେ କହିଥିଲେ ଯେ ପାକିସ୍ତାନ ନିଜର ରାଷ୍ଟ୍ରୀୟ ନୀତିର ଅଂଶବିଶେଷ ଭାବେ ଆତଙ୍କବାଦକୁ ସଂସ୍ଥାଗତ କରିଛି ଏବଂ ଏହାର ସାମରିକ ପ୍ରତିଷ୍ଠାନ ଏବଂ ଆତଙ୍କବାଦୀ ସଙ୍ଗଠନ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ। ସିଂ କହିଛନ୍ତି ଯେ ଭାରତୀୟ ସେନା 'ଅପରେସନ୍ ସିନ୍ଦୁର' ମାଧ୍ୟମରେ ଆତଙ୍କବାଦୀ ଏବଂ ସେମାନଙ୍କ ସମର୍ଥକମାନଙ୍କୁ ଉପଯୁକ୍ତ ଜବାବ ଦେଇଛି ଯେ ଭାରତ ଯେକୌଣସି ଶତ୍ରୁତାପୂର୍ଣ୍ଣ କାର୍ଯ୍ୟାନୁଷ୍ଠାନର ଆହୁରି ଅଧିକ ଶକ୍ତି ସହିତ ଜବାବ ଦେବାକୁ ସକ୍ଷମ । ଭାରତର ସାର୍ବଭୌମତ୍ୱ ପ୍ରତି ବିପଦ ସୃଷ୍ଟି କରିବାର ଯେକୌଣସି ପ୍ରୟାସର ଉପଯୁକ୍ତ ଜବାବ ଆମ ସଶସ୍ତ୍ର ବାହିନୀ ଦେବ ବୋଲି ସେ କହିଛନ୍ତି।

୧୯୯୯ କାରଗିଲ ଯୁଦ୍ଧରେ ସହିଦ ହୋଇଥିବା ସୈନିକମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ପ୍ରତିରକ୍ଷା ମନ୍ତ୍ରୀ ଏହି ସଂଘର୍ଷକୁ କେବଳ ଏକ ସାମରିକ ଏବଂ କୂଟନୈତିକ ବିଜୟ ନୁହେଁ ବରଂ ଏକ ଐତିହାସିକ ମୁହୂର୍ତ୍ତ ବୋଲି ବର୍ଣ୍ଣନା କରିଥିଲେ ଯାହା ବିଶ୍ୱ ସମ୍ମୁଖରେ ଭାରତୀୟ ସୈନିକମାନଙ୍କ ସାହସ, ଦୃଢ ସଂକଳ୍ପ ଏବଂ ସର୍ବୋଚ୍ଚ ବଳିଦାନକୁ ପ୍ରଦର୍ଶିତ କରିଥିଲା। ସେ କହିଥିଲେ ଯେ କାର୍ଗିଲ ଯୁଦ୍ଧ ସ୍ମାରକୀରେ ଖୋଦିତ ଶହୀଦମାନଙ୍କ ନାମ ଦେଶର ପ୍ରତ୍ୟେକ ଅଂଚଳ, ଧର୍ମ ଏବଂ ସମ୍ପ୍ରଦାୟର ପ୍ରତିନିଧିତ୍ୱ କରିଥାଏ, ଯାହା ଭାରତର ଏକତାକୁ ପ୍ରତିଫଳିତ କରିଥାଏ ଏବଂ ଦେଶକୁ ବିଭାଜିତ କରିବାକୁ ଚେଷ୍ଟା କରୁଥିବା ଲୋକମାନଙ୍କ ପାଇଁ ଏକ ଦୃଢ଼ ବାର୍ତ୍ତା ପ୍ରେରଣ କରିଥାଏ।

ଭାରତ ଏବଂ ପାକିସ୍ତାନ ମଧ୍ୟରେ ତୁଳନା କରି ସିଂ କହିଛନ୍ତି ଯେ ଭାରତ ନବସୃଜନ, ପ୍ରଯୁକ୍ତିବିଦ୍ୟା, ଉଦ୍ୟୋଗୀତା ଏବଂ ମହାକାଶ ଅନୁସନ୍ଧାନ ମାଧ୍ୟମରେ ଅଗ୍ରଗତି କରୁଥିବାବେଳେ ପାକିସ୍ତାନ ଆତଙ୍କବାଦ, ଉଗ୍ରବାଦ ଏବଂ ସୀମା ପାର ଅନୁପ୍ରବେଶକୁ ପ୍ରୋତ୍ସାହିତ କରୁଛି। ସେ କହିଛନ୍ତି ଯେ ଭାରତ ସେମିକଣ୍ଡକ୍ଟର, ଷ୍ଟାର୍ଟଅପ୍, ସାଟେଲାଇଟ୍ ଏବଂ ଡିଜିଟାଲ୍ ଭିତ୍ତିଭୂମି ନିର୍ମାଣ କରୁଥିବାବେଳେ ପାକିସ୍ତାନ ଆତଙ୍କବାଦ ଏବଂ ଛାୟାଯୁଦ୍ଧକୁ ପ୍ରୋତ୍ସାହିତ କରୁଛି।

ଯୁଦ୍ଧର ବୀରତ୍ୱ କାହାଣୀକୁ ସ୍ମରଣ କରି ସିଂ କହିଛନ୍ତି ଯେ ଅନେକ ସୈନିକ ସେମାନଙ୍କ କୋଡ଼ିଏ ବର୍ଷର ପ୍ରାରମ୍ଭରେ ଥିଲେ ଏବଂ ଅନେକ ସ୍ୱପ୍ନ ଏବଂ ଆକାଂକ୍ଷା ରଖିଥିଲେ, ତଥାପି ସେମାନେ ଖୁସିରେ ରାଷ୍ଟ୍ର ସେବାରେ ନିଜ ଜୀବନ ଉତ୍ସର୍ଗ କରିଥିଲେ। ସେ ମଧ୍ୟ ସହିଦ ସୈନିକମାନଙ୍କ ପରିବାର-ସେମାନଙ୍କ ମାଆ, ପତ୍ନୀ ଏବଂ ପିଲାମାନଙ୍କ ସମେତ ଗଭୀର ଦୁଃଖକୁ ମନେ ପକାଇଥିଲେ।

# ସ୍ୱର୍ଣ୍ଣ ଜିତିଲେ ମୀରାବାଇ ଚାନୁ

ନୂଆଦିଲ୍ଲୀ ୨୬।୭(ମହାଭାରତ):ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଷ୍ଟାର୍ ? ଭାରୋତ୍ତୋଳକ ମୀରାବାଇ ଚାନୁଙ୍କ ସଫଳତା। ମହିଳା ୪୮ କିଲୋଗ୍ରାମ ବର୍ଗରେ ଚାମ୍ପିଅନ୍ ? ହୋଇ ଭାରତ ପାଇଁ ଖୋଲିଲେ ସ୍ୱର୍ଣ୍ଣ ପଦକ ଖାତା। ୩୧ ବର୍ଷୀୟା ମୀରାବାଇ ଚାନୁ ରବିବାର ଦିନ ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରେକର୍ଡ ସ୍ତରୀୟ ଓଜନ ଉଠାଇ ମହିଳା ୪୮ କିଲୋଗ୍ରାମ ବର୍ଗରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହା ପୂର୍ବରୁ ଭାରତ ଗୋଟିଏ ରୌପ୍ୟ ଓ ଗୋଟିଏ କାଂସ୍ୟ ପଦକ ନିଜ ନାଁରେ କରି ସାରିଛି।



ଚାନୁ ଲଗାତାର ତିନୋଟି ରାଜ୍ୟଗୋଷ୍ଠୀ କ୍ରୀଡାରେ ସ୍ୱର୍ଣ୍ଣ ପଦକ ଜିତିଥିବା ପ୍ରଥମ ଭାରତୀୟ ଭାରୋତ୍ତୋଳକ ହୋଇଛନ୍ତି। ସେ ଇତିହାସ ରଚିଛନ୍ତି । ୨୦୧୮ ଓ ୨୦୨୨ ଓ ୨୦୨୬ ରେ ଚାନୁ ପୂରା ବିଶ୍ୱରେ ତ୍ରିରଙ୍ଗା ଉଡ଼ାଇଛନ୍ତି।

ମୀରାବାଇ ଚାନୁ ସ୍ନାଚରେ ୮୫ କିଲୋଗ୍ରାମ ଓଜନ ଉଠାଇ ରାଜ୍ୟଗୋଷ୍ଠୀ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଉଭୟ କ୍ଷେତ୍ରରେ ନୂଆ ରେକର୍ଡ ସୃଷ୍ଟି କରି ଥିଲେ। ଏହାପରେ କ୍ଲିନ୍ ? ଆଣ୍ଡ ଜର୍କରେ ୧୦୫ କିଲୋଗ୍ରାମ ଓଜନ ଉଠାଇ ଆଉ ଏକ ନୂଆ ରେକର୍ଡ ସହ ମୋଟ ୧୯୦ କିଲୋଗ୍ରାମ ଓଜନ ଉଠାଇ ସ୍ୱର୍ଣ୍ଣ ପଦକ ନିଜ ନାମରେ କରିଛନ୍ତି।

ଟୋକିଓ ଅଲିମ୍ପିକ୍ସରେ ରୌପ୍ୟ ପଦକ ବିଜେତା ମୀରାବାଇ ୨୦୧୪ ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ମଧ୍ୟ ରୌପ୍ୟ ପଦକ ପାଇ ଥିଲେ।୨୦୨୬ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତ ଏପର୍ଯ୍ୟନ୍ତ ତିନୋଟି ପଦକ ନିଜ ନାମରେ କରି ସାରିଛି। ଋଷିକାନ୍ତ ସିଂହ ୬୦ କିଲୋଗ୍ରାମ ୱେଟଲିଫ୍ଟିଂ ବର୍ଗରେ ରୌପ୍ୟ ପଦକ ଜିତିଥିବା ବେଳେ ୱିଷ୍ଣୁ କୁମାର ପୁରୁଷ ହେଭିୱେଟ୍ ? ପାରା-ଲିଫ୍ଟିଂରେ କାଂସ୍ୟ ପଦକ ହାସଲ କରିଛନ୍ତି। ସେହିପରି ମୀରାବାଇ ଚାନୁ ୪୮ କିଲୋଗ୍ରାମ ୱେଟଲିଫ୍ଟିଂରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି।

ଭାରତୀୟ ଭାରୋତ୍ତୋଳକମାନେ ୧୯୯୦, ୨୦୦୨, ୨୦୧୮ ଏବଂ ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସର୍ବଶ୍ରେଷ୍ଠ ପ୍ରଦର୍ଶନକାରୀ ଦେଶର ମାନ୍ୟତା ହାସଲ କରି ଥିଲେ। ମୋଟ ୧୩୩ ଟି ପଦକ (୪୬ଟି ସ୍ୱର୍ଣ୍ଣ) ସହ ଭାରତ ଏହି ପ୍ରତିଯୋଗିତାର ଇତିହାସରେ ଅଷ୍ଟ୍ରେଲିଆ ପରେ ଦ୍ୱିତୀୟ ସଫଳତମ ଦେଶ। ୨୦୨୨ ବର୍ମିଂହାମ୍ ଗେମ୍ସରେ ଭାରତ ୩ଟି ସ୍ୱର୍ଣ୍ଣ ଏବଂ ୩ଟି ରୌପ୍ୟ ସହ ମୋଟ ୧୦ଟି ପଦକ ଜିତି ପଦକ ତାଲିକାର ଶୀର୍ଷରେ ଥିଲା। ଏହି କ୍ରମରେ ଗ୍ଲାସଗୋରେ ମଧ୍ୟ ଦଳ ଠାରୁ ଆଉ ଏକ ଦମଦାର ପ୍ରଦର୍ଶନର ଆଶା କରାଯାଉଛି।ପୂର୍ବତନ ବିଶ୍ୱ ଚାମ୍ପିଅନ୍ ? ଏବଂ ଅଲିମ୍ପିକ୍ ? ରୌପ୍ୟ ବିଜେତା ଚାନୁଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ସ୍କ ?ର ହେଉଛି ୨୦୫ କିଲୋଗ୍ରାମ (ସ୍ନାଚ୍ ? ୮୯ କିଗ୍ରା ଓ କ୍ଲିନ୍ ? ଆଣ୍ଡ ଜର୍କ ୧୧୬ କିଗ୍ରା), ଯାହାକି ୪୮ କିଲୋଗ୍ରାମ ବର୍ଗର ଅନ୍ୟ ସମସ୍ତ ପ୍ରତିଯୋଗୀଙ୍କ ତୁଳନାରେ ଯଥେଷ୍ଟ ଅଧିକ। ଭାରତ ଗ୍ଲାସଗୋରେ ଏପର୍ଯ୍ୟନ୍ତ ମୋଟ ତିନୋଟି ପଦକ ଜିତି ସାରିଛି।

# ପନୀର ଭୁଜିଆ

ପନୀରକୁ ଶାକାହାରୀ ଭୋଜନରେ ବହୁତ ପସନ୍ଦ କରାଯାଏ । କାରଣ ଯେତେବେଳେ ବି କୌଣସି ସ୍ପେଶାଲ ଡ଼ିସ ପ୍ରସ୍ତୁତ କରାଯାଏ ସେତେବେଳେ ଆଗ ପନୀରକୁ ରଖାଯାଏ । ଏମିତିରେ ଆଜି ଆମେ ଆପଣଙ୍କ ପାଇଁ ଝଟପଟ ପସ୍ତୁତ ହେଉଥିବା ମସାଲାଦାର ପନୀର ଭୁଜିଆ ନେଇ ଆସିଛୁ । ତେବେ ଆସନ୍ତୁ ଜାଣିବା ଏହା ବନାଇବାର ପ୍ରସ୍ତୁତି ।

ଆବଶ୍ୟକ ସାମଗ୍ରୀ

ପନୀର-୧୦୦ଗ୍ରାମ,ଟମାଟୋ-୨ଟା,ପିଆଜ-୧ (ଛୋଟ କଟା ହୋଇଥିବା),କଞ୍ଚା ଲଙ୍କା-୨,ଅଦା-ଅଳ୍ପ ପେଶା ହୋଇଥିବା,ରସୁଣ-୨କୋଳା,ସୁଖିଲା ମସଲା,ଜିରା -୧/୪ ଚାମଚ,ହଳଦି-ଚିମୁଟାଏ,ଗରମ ମସଲା-୧/୨ ଚାମଚ,ତେଲ-ଆବଶ୍ୟକ ଅନୁଯାୟୀ,ଲୁଣ-ସ୍ୱାଦାନୁସାରେ

ପ୍ରସ୍ତୁତି ପ୍ରଣାଳୀ:

ସର୍ବ ପ୍ରଥମେ ପନୀରକୁ କଦୁକସ କରିଦିଅନ୍ତୁ । ତାପରେ ତେଲ କିମ୍ବା ଘିଅ ଗରମ କରନ୍ତୁ । ଏହା ପରେ ଜିରା, ପିଆଜ,କଞ୍ଚା ଲଙ୍କା,ଅଦା ଏବଂ ରସୁଣ ପକାନ୍ତୁ । ଏହା ସୁନେଲୀ ରଙ୍ଗ ହେବା ଯାଏଁ ଭାଜନ୍ତୁ । ଏହା ପରେ ଟମାଟୋ ପକାଇ ପାଣି ମାରି ଦିଅନ୍ତୁ । ତାପରେ ସୁଖିଲା ମସଲା ପକାଇ ଭାଜନ୍ତୁ ।ଏହା ପରେ ମସଲାରେ ପନୀର ପକାଇ ଭାଜନ୍ତୁ । ଅଳ୍ପ ଭାଜି ହେବା ପରେ ପ୍ରସ୍ତୁତ ହୋଇଗଲା ଆପଣଙ୍କର ପନୀର ଭୁଜିଆ ।



ଖବର

# ବକ୍ସ ଅଫିସରେ କମାଲ୍ କରୁଛି ଇନ୍ଦ୍ର କୁମାରଙ୍କ କମେଡି ସିନେମା 'ଧମାଲ ୪'



ଜଣାଶୁଣା ନିର୍ଦ୍ଦେଶକ ଇନ୍ଦ୍ର କୁମାରଙ୍କ କମେଡି ସିନେମା 'ଧମାଲ ୪' ବକ୍ସ ଅଫିସରେ ସଫଳତା ହାସଲ କରିଛି। ଗତ ୧୦ ତାରିଖରେ ମୁକ୍ତିଲାଭ କରିଥିବା ଏହି ସିନେମା ହଲରେ ଦୁଇ ସପ୍ତାହରୁ ଅଧିକ ସମୟ ବିତିସାରିଛି। କିଛି ଦିନ ପାଇଁ ଫିଲ୍ମର କଲେକ୍ସନ ହ୍ରାସ ପାଇଥିଲା, କିନ୍ତୁ ଶନିବାର ଅଜୟ ଦେବଗନ ଏବଂ ଅରଶଦ ୱାର୍ସି ଅଭିନୀତ ଫିଲ୍ମଟି ପୁଣି ଥରେ ବକ୍ସ ଅଫିସରେ ଭଲ ପ୍ରଦର୍ଶନ କରିଛି।ମୁକ୍ତିଲାଭର ଷୋଡ଼ଶ ଦିନରେ, କମେଡି ଫ୍ରାଞ୍ଚାଇଜ୍ ଫିଲ୍ମଟି ଆୟରେ ଏକ ଉଲ୍ଲେଖନୀୟ ବୃଦ୍ଧି ପରିଲକ୍ଷିତ ହୋଇଛି। ଅଜୟ ଦେବଗନଙ୍କ ଧମାଲ ୪ ଗତ ଶୁକ୍ରବାର ଦିନ ଗୋଟିଏ ଦିନରେ ୨.୨୫ କୋଟି ଟଙ୍କା ସଂଗ୍ରହ କରିଥିଲା, କିନ୍ତୁ ଶନିବାର ସିନେମାର ଆୟ ବୃଦ୍ଧି ଘଟିଥିଲା। ପ୍ରାରମ୍ଭିକ ରିପୋର୍ଟ ଅନୁଯାୟୀ ଧମାଲ୪ ଶନିବାର ପ୍ରାୟ ସାଢ଼େ ୪ କୋଟି ଟଙ୍କା ରୋଜଗାର କରିଥିଲା। ଫିଲ୍ମଟି ପ୍ରାୟ୫,୧୯୫ଶୋ ପାଇଛି। ଧମାଲ ୪ ଏପର୍ଯ୍ୟନ୍ତ ଘରୋଇ ବକ୍ସ ଅଫିସରେ ମୋଟ ୧୪୩.୪୦ କୋଟି ଟଙ୍କା ରୋଜଗାର କରିଛି। ଏହି ଫିଲ୍ମଟି ୧୫୦ କୋଟି କ୍ଲବରେ ସାମିଲ ହେବା ପାଇଁ ମାତ୍ର ୬ କୋଟି ଟଙ୍କା ଦୂରରେ ଅଛି। ଭାରତରେ ଏପର୍ଯ୍ୟନ୍ତ ଏହି ସିନେମାର ମୋଟ ଆୟ ୧୭୦.୬୧ କୋଟି ଟଙ୍କାରେ ପହଞ୍ଚିଛି।ଧମାଲ ୪ କେବଳ ଘରୋଇ ବକ୍ସ ଅଫିସରେ ନୁହେଁ ବରଂ ସାରା ବିଶ୍ୱରେ ମଧ୍ୟ ଭଲ ପ୍ରଦର୍ଶନ କରୁଛି। ଫିଲ୍ମଟି ସାରା ବିଶ୍ୱରେ ୧୯୪.୧୧ କୋଟି ଟଙ୍କା ସଂଗ୍ରହ କରିଛି। ଏହା ବିଦେଶୀ ବଜାରରେ ମୋଟ ସାଢେ ୨୩ କୋଟି ଟଙ୍କା ରୋଜଗାର କରିଛି। କାହାଣୀଟି ଅଜୟ ଦେବଗନ, ଅର୍ସଦ ୱାରସୀ, ରିତେଶ ଦେଶମୁଖ ଏବଂ ଜାଭେଦ ଜାଫରିଙ୍କ ଚାରିପାଖରେ ଘୂରି ବୁଲୁଛି। ସେମାନେ ଧନ ଖୋଜିବା ପାଇଁ ଗ ନାମକ ଏକ ପର୍ବତରେ ପହଞ୍ଚନ୍ତି, କିନ୍ତୁ ପ୍ରତ୍ୟେକ ଥର ପରି ସେମାନେ ଖାଲି ହାତରେ ଫେରନ୍ତି।

# ଦେବୀ ଭୁବନେଶ୍ୱରୀ



ଭୁବନର ଦେବୀ ହୋଇଥିବାରୁ ତାଙ୍କ ନାମ ଭୁବନେଶ୍ୱରୀ (ଭୁବନ+ଈଶ୍ୱରୀ) ହୋଇଛି । ସମଗ୍ର ଭୁବନ ଗଠନରେ ତାଙ୍କର ଭୂମିକା ରହିଛି । ତାଙ୍କରି କୃପାରୁ ସମଗ୍ର ଭୁବନ ପରିଚାଳିତ ହୋଇଥାଏ । ଦେବୀ ଭୁବନେଶ୍ୱରୀଙ୍କର ଶକ୍ତି ଉପାସନାରେ ସ୍ୱତନ୍ତ୍ର ସ୍ଥାନ ରହିଛି । ଦେବୀ ଭୁବନେଶ୍ୱରୀଙ୍କ ଆରାଧନା ଭକ୍ତର ସମସ୍ତ ମନୋସ୍କାମନା ପୂରଣ କରିଥାଏ । ଏପରିକି ଭୁବନେଶ୍ୱରୀଙ୍କ କୃପାରୁ ନବଗ୍ରହଙ୍କ ପ୍ରଭାବ ମଧ୍ୟ ହ୍ରାସ ପାଏ । ଭାରତର ବିଭିନ୍ନ ସ୍ଥାନରେ ଦେବୀ ଭୁବନେଶ୍ୱରୀଙ୍କ ଉପାସନା ସ୍ଥଳୀ ରହିଛି । ଆମ ରାଜ୍ୟର ରାଜଧାନୀ ଭୁବନେଶ୍ୱରର ନାମ ଦେବୀ ଭୁବନେଶ୍ୱରୀଙ୍କ ନାମାନୁସାରେ ହୋଇଛି । ଶ୍ରୀଜଗନ୍ନାଥ ମନ୍ଦିର, ତାମିଲନାଡୁର ପୁଡୁକୋଟ୍ଟାଇ, ଶ୍ରୀଲଙ୍କାର ମାନିପଲ୍ଲବମ୍ ଆଦି ସ୍ଥାନରେ ଭୁବନେଶ୍ୱରୀଙ୍କର ପୀଠ ରହିଛି । ଦେବୀ ସମଲେଶ୍ୱରୀ ଏବଂ କଟକ ଚଣ୍ଡୀ ପୀଠରେ ମଧ୍ୟ ଭୁବନେଶ୍ୱରୀଙ୍କ ଉପାସନା କରାଯାଏ ।

# ସଫଳତାର ଚାବିକାଠି

ସାଧାରଣତଃ ଜୀବନରେ ସଫଳତା ପାଇବା ପାଇଁ ବହୁତ ପରିଶ୍ରମ କରିବାକୁ ପଡିଥାଏ । କଠିନ ପରିଶ୍ରମ ବିନା କୌଣସି ସଫଳତା ସିଡି ଚଢି ହୁଏ ନାହିଁ। ସଫଳତା ମିଳିଲେ କେବଳ ଧନ ହିଁ ନୁହେଁ ବ୍ୟକ୍ତିର ଦକ୍ଷତା, ଆତ୍ମବିଶ୍ୱାସ ଏବଂ ଲୋକପ୍ରିୟତା ମଧ୍ୟ ବଢିଥାଏ । ସଫଳତାର ଚାବି କହୁଛି ଯେଉଁମାନେ ଭଲ ଜ୍ଞାନ ଏବଂ ଭଲ ସଂଗତ ଉପରେ ଗମ୍ଭୀର ରୁହନ୍ତି, ସେମାନେ ସର୍ବଦା ସଫଳତା ପାଇଥାନ୍ତି ଏବଂ ସମ୍ମାନ ମଧ୍ୟ ପାଆନ୍ତି । ଯଦି ତୁମେ ଜୀବନରେ ସଫଳ ହେବାକୁ ଚାହୁଁଛ ତେବେ ଏହି ଜିନିଷଗୁଡ଼ିକୁ କେବେ ହେଲେ ଅଣଦେଖା କରନ୍ତୁ ନାହିଁ । ତେବେ ସଫଳତାର ସିଡି ଆପଣାଇବାକୁ ହେଲେ ଜାଣନ୍ତୁ ସେହି ଗୁଡିକ ବିଷୟରେ

ଯୋଗ୍ୟ ହୁଅ, ସବୁବେଳେ କିଛି ନୂଆ ଶିଖ:

ସଫଳତାର ଚାବି କହୁଛି ଜୀବନରେ ସଫଳତା ସେହିମାନଙ୍କ ପାଇଁ ଆସିଥାଏ ଯେଉଁମାନେ ସର୍ବଦା ଶିକ୍ଷା ଗ୍ରହଣ କରିବାକୁ ପ୍ରସ୍ତୁତ ଥାନ୍ତି । ଏହିପରି ଭାବରେ ଲୋକମାନେ ସଦା-ସର୍ବଦା କିଛି ନୂଆ ଶିଖନ୍ତି । ଜ୍ଞାନ ଆହରଣ ପାଇଁ ସର୍ବଦା ପ୍ରସ୍ତୁତ ରହିଥାନ୍ତି । କହିବାକୁ ଗଲେ ଶିକ୍ଷା ପାଇବା ପାଇଁ କୌଣସି ବୟସ ନଥାଏ । ଜ୍ଞାନ ଆହରଣ କରିବାକୁ ହେଲେ ଜଣେ ଆତ୍ମବିଶ୍ୱାସ ରହିବା ଆବଶ୍ୟକ । ଯେତେବେଳେ ଜଣେ ବ୍ୟକ୍ତି ସଂପୂର୍ଣ୍ଣ ରୂପେ ସ୍ଥିର ହୁଏ, ସେତେବେଳେ କେହି ତାଙ୍କୁ କିଛି ଶିଖିବାକୁ ଅଟକାଇ ପାରିବେ ନାହିଁ ।

ରୀତିନୀତି ଏବଂ ସଂଗତ ପ୍ରତି ଧ୍ୟାନ ଦେବାକୁ ନିଶ୍ଚିତ ହୁଅନ୍ତୁ:

ସଫଳତାର ଚାବି କହେ ଯେ ମୂଲ୍ୟବୋଧ ଏବଂ ସଂଗତର ଭଲ ହେଲେ ଶିକ୍ଷାର ଗୁରୁତ୍ୱ ମଧ୍ୟ ରହିଥାଏ । ସଂସ୍କୃତ ମାଧ୍ୟମରେ ହିଁ ଶିକ୍ଷାକୁ କିପରି ବ୍ୟବହାର କରାଯିବ ସେଥିପାଇଁ ପ୍ରେରଣା ମିଳିଥାଏ । ସଂଗତ ସହ ସଫଳତାର ରାସ୍ତା ସହଜ ହୋଇଯାଏ ।

ସର୍ବଦା ଭଲ କାର୍ଯ୍ୟ କର:

ସଫଳତାର ଚାବି କହେ ଯେ ଜଣେ ସର୍ବଦା କଠିନ ପରିଶ୍ରମ କରିବାକୁ ପ୍ରସ୍ତୁତ ହେବା ଉଚିତ୍ । ଉଚିତ୍ ଫଳ ବିଷୟରେ ଚିନ୍ତା କରନ୍ତୁ ନାହିଁ । ଯଦି କାମଟି ଭଲ, ତେବେ ଏହାର ଭଲ ଫଳାଫଳ ମିଳିବ । ମଣିଷର କଲ୍ୟାଣ ପାଇଁ ଜଣେ ସର୍ବଦା ଗମ୍ଭୀର ହେବା ଉଚିତ୍ । ତୁମେ



ଯାହା ବି କାମ କର, ଅନ୍ୟମାନଙ୍କୁ କେତେ ଲାଭ ମିଳିବ ଏହା ଉପରେ ଚିନ୍ତା କରିବା ଉଚିତ୍ ।

ଏହିସବୁ ଲୋକମାନଙ୍କ ଠାରୁ ଦୂରରେ ରୁହନ୍ତୁ:

ସଫଳତାର ଚାବି କହୁଛି ଯେ ଜଣେ ତାଙ୍କ ସଂଗତ ପ୍ରତି ଯତ୍ନବାନ ହେବା ଉଚିତ୍ । ଖରାପ ସଂଗତ ହେତୁ ଜଣେ ଦକ୍ଷ ବ୍ୟକ୍ତି ମଧ୍ୟ ନିଜ ପ୍ରତିଭାର ପୂର୍ଣ୍ଣ ଲାଭ ଅନ୍ୟମାନଙ୍କୁ ଦେବାରେ ସକ୍ଷମ ହୁଅନ୍ତି ନାହିଁ । ଏଥିପାଇଁ ଖରାପ ସଂଗତ ସର୍ବଦା ପରିତ୍ୟାଗ କରାଯିବା ଉଚିତ୍ । ଏହି ପ୍ରକାର ବ୍ୟକ୍ତି ସମସ୍ତ ପ୍ରକାର ପ୍ରତିଭାକୁ ନଷ୍ଟ କରିଥାଏ । ବ୍ୟକ୍ତିଙ୍କୁ ଲକ୍ଷ୍ୟରୁ ବିଚ୍ୟୁତ କରେ ।

# ବୈଦିକ ସଂସ୍କୃତିରେ ଶିବ ତତ୍ତ୍ୱ

ବୈଦିକ ସଂସ୍କୃତିରେ ଶିବଙ୍କୁ ମଙ୍ଗଳମୟ ସଚ୍ଚିଦାନନ୍ଦ ପରଂବ୍ରହ୍ମ ରୂପେ ଅଭିହିତ କରାଯାଇଥାଏ। ବାସ୍ତବରେ ବୈଦିକ ସାହିତ୍ୟର ଶୈବ ଉପାସନାର ଧାରା ଏଯାବତ ପ୍ରଚଳିତ ରହିଆସିଛି। ଐତିହାସିକମାନେ ଖ୍ରୀ:ପୂ: ୩୦୦୦ରେ ସିନ୍ଧୁ ସଭ୍ୟତାର ବିକାଶ ସମୟରେ ପଶୁପତି ଉପାସନା ପ୍ରଚଳିତ ଥିବା ବିଷୟରେ ମତ ଦେଇଛନ୍ତି। କୂର୍ମ ପୁରାଣ ଓ ବାୟୁ ପୁରାଣ ମତରେ କଳିଯୁଗରେ ନର୍ମଦା ନଦୀ କୂଳରେ କରବଣ ଗ୍ରାମରେ ଶିବ ଏକ ଅଗ୍ନିହୋତ୍ରୀ ବ୍ରାହ୍ମଣ ରୂପରେ ଜନ୍ମ ଗ୍ରହଣ କରିଥିଲେ। ପାତଞ୍ଜଳିଙ୍କ ଯୋଗସୂତ୍ରରେ ଶିବ ଭାଗବତ ମାନଙ୍କ ସମ୍ପର୍କରେ ବର୍ଣ୍ଣନା ରହିଛି। ମେଘାସ୍ଥିନିସ୍ଙ୍କ ଐତିହାସିକ ବିବରଣୀରେ ମଧ୍ୟ ଶିବ ଉପାସନା ସମ୍ପର୍କରେ ଉଲ୍ଲେଖ ରହିଛି। କୁଶାଣମାନଙ୍କ ମୁଦ୍ରାରେ ମଧ୍ୟ ଏକ ପାର୍ଶ୍ୱରେ ଶିବ ତ୍ରିଶୂଳ ଧରିଥିବା ଓ ଅନ୍ୟପାର୍ଶ୍ୱରେ ବୃଷଭ ଥିବାର ଦେଖାଯାଏ। ଗୁପ୍ତଯୁଗରେ ଶୈବଧର୍ମର ବିକାଶ ବିଷୟ ଦ୍ୱିତୀୟ ଚନ୍ଦ୍ରଗୁପ୍ତଙ୍କ ମଥୁରା ଶିଳାଲିପିରୁ ଜଣାଯାଏ। ମହାଭାରତ,ଶିବ ପୁରାଣ,ସ୍କନ୍ଦ ପୁରାଣ, କୂର୍ମ ପୁରାଣ, ମତ୍ସ୍ୟ ପୁରାଣ, ଲିଙ୍ଗ ପୁରାଣ ଓ ବିଷ୍ଣୁ ପୁରାଣ ପ୍ରଭୃତିରେ ଶିବଙ୍କ ମହିମା ଓ ଦାର୍ଶନିକ ରହସ୍ୟ ବର୍ଣ୍ଣନା କରାଯାଇଛି।

ସମସ୍ତ ଦର୍ଶନ ସର୍ବପ୍ରଥମେ ଶିବଙ୍କ ମୁଖରୁ ନିଃସୃତ ହୋଇ ଗିରିଜାଙ୍କ କର୍ଣ୍ଣରେ ପ୍ରବେଶ କରିଥିବାରୁ ତନ୍ତ୍ରକୁ ଆଗମ କୁହାଯାଏ। ତନ୍ତ୍ର ମତରେ ଶିବଙ୍କୁ ସକଳ ନିଷ୍କଳ ରୂପେ ଅର୍ଚ୍ଚନା କରାଯାଏ। ସକଳ ଅର୍ଥାତ ସାକାର ରୂପେ ଶିବଙ୍କୁ ପଂଚବକ୍ତ୍ର ଭାବରେ ଧ୍ୟାନ କରାଯାଏ। ସେହି ପଂଚବକ୍ତ୍ର ହେଲେ – ସଦ୍ୟୋଜାତ, ବାମଦେବ, ଅଘୋର, ତତ୍ପୁରୁଷ ଓ ଈଶାନ। ନିଷ୍କଳ ରୂପରେ ସେ ନିରାକାର,ନିର୍ଗୁଣ ପରଂବ୍ରହ୍ମ ରୂପରେ ଉପାସିତ। ଅଷ୍ଟମ ଶତାବ୍ଦୀରେ ଆଦି ଶଙ୍କରାଚାର୍ଯ୍ୟ ପ୍ରମାଣିକ ଭାବରେ ସମନ୍ୱୟବାଦର ମତ ପ୍ରବର୍ତ୍ତନ କରି ପଂଚାୟତନ ପୂଜାର ବ୍ୟବସ୍ଥା କରି ଶୈବ ଦର୍ଶନର ସାର୍ବଭୌମତ୍ୱ ପ୍ରତିଷ୍ଠା କରିଥିଲେ। ତେଣୁ ତାଙ୍କ ମତରେ—



"ନ ଶୈବୋ ନ ଶାକ୍ତୋ ନ ବା ବୈଷ୍ଣବୋ ବା,
ଚିଦାନନ୍ଦ ରୂପଂ ଶିବୋହଂ ଶିବୋହମ୍"।

ଉପମନ୍ୟୁ ଜଣେ ଶ୍ରେଷ୍ଠ ଶିବଭକ୍ତ ଥିଲେ। ଗୁରୁଙ୍କ ନିର୍ଦ୍ଦେଶରେ ଗାଇ ଚରାଉଥିବା ସମୟରେ ବାଛୁରୀର କ୍ଷୀର ଖାଇବାକୁ ବାରଣ ଫଳରେ ଅର୍କପତ୍ର ଖାଇ ସେ ଚକ୍ଷୁ ହରାଇଥିଲେ। ପୁନର୍ବାର ଶିବଙ୍କୁ ଧ୍ୟାନ କରିବା ପରେ ସେ ନିଜର ଚକ୍ଷୁ ଫେରି ପାଇଥିଲେ। ତାଙ୍କ ରଚିତ ଶିବସ୍ତୁତି ଏକ ଅଦ୍ୱିତୀୟ ରଚନା। ଋଷି ମାର୍କଣ୍ଡେୟ ଶିବତତ୍ତ୍ୱର ସମ୍ପୂର୍ଣ୍ଣ ଜ୍ଞାନ ବଳରେ ଓ ତ୍ର୍ୟମ୍ବକ ମନ୍ତ୍ର ଜପକରି ଚିରଞ୍ଜିବୀ ହୋଇଥିଲେ। ଈଶାନ ସଂହିତାରେ ଯଥାର୍ଥରେ ଶିବରାତ୍ରି ବ୍ରତ ସଂପର୍କରେ କୁହାଯାଇଛି- ଶିବରାତ୍ରି ବ୍ରତଂ ପୁଣ୍ୟଂ ସର୍ବପାପ ପ୍ରଣାଶନମ୍। ଆଚାଣ୍ଡାଳ ମନୁଷ୍ୟାଣାଂ ଭୁକ୍ତି, ମୁକ୍ତି ପ୍ରଦାୟକମ୍। ଫାଲ୍‌ଗୁନ କୃଷ୍ଣ ଚତୁର୍ଦ୍ଦଶୀରେ ଶିବରାତ୍ରି ପାଳନ କରାଯାଏ। ଏହି ବ୍ରତ ପାଳନ ମୂଳରେ ଏକ ଲୋକକଥା ବହୁଳ ପ୍ରଚଳିତ। ଥରେ ବାରାଣସୀରେ ସୁସ୍ୱର ନାମକ ଗୋଟିଏ ଶିକାରୀ ଏକ ହରିଣ ଶୀକାର କରି ଜଙ୍ଗଲ ମଧ୍ୟରେ ଘରକୁ ଫେରୁଥିବା ସମୟରେ ରାତ୍ରିର ଆଗମନ ଯୋଗୁଁ ସେ ଆଉ ଅଗ୍ରସର ନ ହୋଇ ରାତ୍ର ଯାପନ ପାଇଁ ଗୋଟିଏ ବୃକ୍ଷ ଉପରେ ରହି ରାତ୍ର ଯାପନ କରିଥିଲା। କ୍ଷୁଧା ଓ ଆତ୍ମୀୟଙ୍କ ଚିନ୍ତାରୁ ଦୁଃଖ ସହିତ ତାର ଲୋତକରୁ ଅଶ୍ରୁ ନିର୍ଗତ ହୋଇ ତଳେ ପଡୁଥିଲା। ଅଲକ୍ଷରେ ସେ ବୃକ୍ଷର ପତ୍ରକୁ ଛିଣ୍ଡାଇ ପକାଉଥିଲା। ଯେଉଁ ବୃକ୍ଷ ଉପରେ ସେ ଆଶ୍ରୟ ନେଇଥିଲା ସେ ବୃକ୍ଷଟି ଥିଲା ବେଲ ବୃକ୍ଷ। ଅଲକ୍ଷରେ ବେଲପତ୍ର ଛିଣ୍ଡାଇ ତଳକୁ ପକାଉଥିଲା ମାତ୍ର ତଳେ ଶିବଲିଙ୍ଗ ଟିଏ ଥିଲା। ତେଣୁ ସେ ଶିକାରୀ ମୃତ୍ୟୁ ପରେ ଅଲକ୍ଷରେ କରିଥିବା ଶିବ ପୂଜାର ପ୍ରଭାବରେ ଶିବଲୋକ ପ୍ରାପ୍ତ ହୋଇଥିଲା। ବାସ୍ତବିକ ଶିବରାତ୍ରିର ମହିମା ଅବର୍ଣ୍ଣନୀୟ। ଚତୁର୍ଦ୍ଦଶୀର ଚାରି ପ୍ରହରରେ ଭକ୍ତମାନେ ଦୁଗ୍ଧ, ଦଧି, ଘୃତ ଓ ମହୁରେ ଶିବଲିଙ୍ଗଙ୍କୁ ଅଭିଷେକ କରି ନାନାବିଧ ପୁଷ୍ପ, ଧୂପ ଓ ନୈବିଦ୍ୟ ସମର୍ପଣ କରନ୍ତି ଏବଂ ରାତ୍ର ଉଜାଗର ରହି ମହାଦୀପ ଦର୍ଶନ କରି କୃତାର୍ଥ ହୁଅନ୍ତି ଓ ନିଜ ଆତ୍ମାରେ ଜ୍ଞାନ ଓ ସତ୍ୟର ଜ୍ୟୋତିକୁ ପ୍ରଜ୍ୱଳିତ କରି ଅଖଣ୍ଡ ଶିବ ଚେତନା ଲାଭ କରିଥାନ୍ତି।

# ପ୍ରସିଦ୍ଧ ଋଷିଙ୍କ ସମ୍ପର୍କରେ

ଶ୍ରୀମଦ୍‌ଭଗବଦ୍ ଗୀତାରେ କୁହାଯାଇଛି ଯେ ଯାହାର ମନ ଦୁଃଖରେ ବିଚଳିତ ହୁଏ ନାହିଁ, ଯିଏ ସୁଖର ଇଚ୍ଛା କରିନଥାଏ। ଯିଏ ଦ୍ୱେଷ, ଭୟ ଏବଂ କ୍ରୋଧରୁ ମୁକ୍ତ ରହିଥାଏ, ସେପରି ନିଶ୍ଚଳ ବୁଦ୍ଧିସମ୍ପନ୍ନ ମନୁଷ୍ୟ ମୁନି ବା ଋଷି ବୋଲାଇବାର ଯୋଗ୍ୟ । ସନ୍ଥ, ସାଧୁ, ଋଷି, ଯତି, ତପସ୍ୱୀ, ଭିକ୍ଷୁ, ଶ୍ରମଣ ଆଦି ଅନେକ ନାମ ରହିଥିଲେ ବି ଏମାନେ ସମସ୍ତେ ଈଶ୍ୱରଙ୍କ ଅତି ନିକଟତର ବୋଲି ଶାସ୍ତ୍ରରେ ଏମାନଙ୍କ ମହିମା ବର୍ଣ୍ଣନା କରାଯାଇଛି । ଏମାନେ ସମାଜ କଲ୍ୟାଣ ପାଇଁ ବଳିଷ୍ଠ ଯୋଗଦାନ ଦେଇଛନ୍ତି । ବୈଦିକ ଏବଂ ପୌରାଣିକ କାଳରେ ଏପରି ଅନେକ ପ୍ରସିଦ୍ଧ ଋଷିଙ୍କ ସମ୍ପର୍କରେ ଉଲ୍ଲେଖ କରାଯାଇଛି ଯେଉଁମାନେ କୌଣସି ନା କୌଣସି କାରଣ ପାଇଁ ପ୍ରସିଦ୍ଧି ହାସଲ କରିଥିଲେ। ମହର୍ଷି ଅଙ୍ଗିରା ଥିଲେ ଋକ୍‌ବେଦର ପ୍ରସିଦ୍ଧ ଋଷି । ସେ ବ୍ରହ୍ମାଙ୍କ ପୁତ୍ର ଥିଲେ। ତାଙ୍କ ପୁତ୍ର ବୃହସ୍ପତି ଦେବତାମାନଙ୍କର ଗୁରୁ ଥିଲେ । ଋକ୍‌ବେଦ୍‌ରେ ଉଲ୍ଲେଖ ରହିଛି ଯେ ଋଷି ଅଙ୍ଗିରା ସର୍ବପ୍ରଥମେ ଅଗ୍ନି ଉତ୍ପନ୍ନ କରିଥିଲେ। ବିଶ୍ୱାମିତ୍ରଙ୍କୁ ଗାୟତ୍ରୀ ମନ୍ତ୍ରର ପ୍ରଣେତା ବୋଲି କୁହାଯାଏ । ବେଦମନ୍ତ୍ରର ସର୍ବପ୍ରଥମ ଦ୍ରଷ୍ଟାଙ୍କ ମଧ୍ୟରେ ତାଙ୍କୁ ଗଣନା କରାଯାଇଥାଏ । ଆୟୁର୍ବେଦାଚାର୍ଯ୍ୟ ସୁଶ୍ରୁତ ତାଙ୍କର ପୁତ୍ର ଥିଲେ । ବିଶ୍ୱାମିତ୍ରଙ୍କ ପରମ୍ପରାରେ ଚାଲୁଥିବା ଋଷିଗଣ ତାଙ୍କ ନାମ ଧାରଣ କରିଥିଲେ । ଏହି ପରମ୍ପରା ଅନ୍ୟ ଋଷିଙ୍କ ସହିତ ମଧ୍ୟ ଚାଲିଥାଏ। ବିଶ୍ୱାମିତ୍ରଙ୍କ ଅନ୍ୟନାମ କୌଶିକ ଥିଲା । ବେଦକାଳର ଅନ୍ୟଜଣେ ପ୍ରମୁଖ ଋଷି ଥିଲେ ବଶିଷ୍ଠ । ସେ ସପ୍ତର୍ଷିଙ୍କ ମଧ୍ୟରେ ଅନ୍ୟତମ । ସେ ଋକ୍‌ବେଦର ଅନେକ ମନ୍ତ୍ର ରଚନା କରିଥିଲେ। ତାଙ୍କୁ ମଧ୍ୟ ଗାୟତ୍ରୀ ମନ୍ତ୍ରର ସାଧକ କୁହାଯାଏ । ତାଙ୍କ ପତ୍ନୀ ଦେବୀ ଅରୁନ୍ଧତୀ ବୈଦିକ କର୍ମକାଣ୍ଡରେ ତାଙ୍କର ସହଭାଗିନୀ ଥିଲେ । ମହର୍ଷି କଶ୍ୟପ ବେଦ ଏବଂ ପୁରାଣ କାଳର ମହାନ ଋଷିଙ୍କ ମଧ୍ୟରେ ପରିଗଣିତ ହୋଇଥାନ୍ତି । ସେ ମାରୀଚ ଋଷିଙ୍କ ପୁତ୍ର ଥିଲେ। ସ୍କନ୍ଦ ପୁରାଣରେ ଉଲ୍ଲେଖ ରହିଛି ଯେ ମହର୍ଷି କଶ୍ୟପଙ୍କ ପୁତ୍ର ରୂପେ ଦେବ, ଅସୁର ଏବଂ ନାଗମାନେ ଜନ୍ମ ନେଇଥିଲେ । ମହର୍ଷି ଭୃଗୁଙ୍କ ପୁତ୍ର ଥିଲେ ମହର୍ଷି ଯମଦଗ୍ନି । ମହର୍ଷି ଜମଦଗ୍ନିଙ୍କ ପୁତ୍ର ରୂପେ ଭଗବାନ ବିଷ୍ଣୁ ଅବତାର ନେଇ ପର୍ଶୁରାମ ନାମରେ ଖ୍ୟାତି ଲାଭ କରିଥିଲେ । ସେ ଗୋବଂଶର ରକ୍ଷା ନିମନ୍ତେ ଋକ୍‌ବେଦର ୧୬ଟି ମନ୍ତ୍ର ରଚନା କରିଥିଲେ । ସ୍କନ୍ଦ ପୁରାଣର କେଦାର ଖଣ୍ଡରେ ଥିବା ବର୍ଣ୍ଣନା ଅନୁଯାୟୀ ସେ ଆୟୁର୍ବେଦ ଏବଂ ଚିକିତ୍ସା ବିଜ୍ଞାନର ମଧ୍ୟ ବିଦ୍ୱାନ ଥିଲେ । ସପ୍ତର୍ଷିଙ୍କ ମଧ୍ୟରେ ଜଣେ ଥିଲେ ଋଷି ଅତ୍ରି । ସେ ଋକ୍‌ବେଦର ପଞ୍ଚମ ମଣ୍ଡଳର ଅଧିକାଂଶ ସୂତ୍ର ରଚନା କରିଥିଲେ। ସେ ଚନ୍ଦ୍ରବଂଶର ପ୍ରବର୍ତ୍ତକ ଥିଲେ। ମହର୍ଷି ଅତ୍ରି ଆୟୁର୍ବେଦର ଆଚାର୍ଯ୍ୟ ଥିଲେ। ଅତ୍ରି ଏବଂ ଅନସୂୟାଙ୍କ ପୁତ୍ର ରୂପେ ଅପାଲା ଏବଂ ପୁନର୍ବସୁଙ୍କ ଜନ୍ମ ହୋଇଥିଲା। ଅପାଲାଙ୍କ ଦ୍ୱାରା ଋକ୍‌ବେଦର ସୂକ୍ତ ରଚନା କରାଯାଇଥିଲା। ପୁନର୍ବସୁ ମଧ୍ୟ ଆୟୁର୍ବେଦର ପ୍ରସିଦ୍ଧ ଗୁରୁ ଥିଲେ। ନର-ନାରାୟଣ ମଧ୍ୟ ମହାନ ଋଷିଙ୍କ ମଧ୍ୟରୁ ଅନ୍ୟତମ ଥିଲେ। ସେ ଋକ୍‌ବେଦର ମନ୍ତ୍ରଦ୍ରଷ୍ଟା ଥିଲେ ଏବଂ ଋଷି ଧର୍ମ ଏବଂ ମାତାମୂର୍ତ୍ତି ଦେବୀଙ୍କ ପୁତ୍ର ଥିଲେ। ନର ଏବଂ ନାରାୟଣ ଦୁହେଁ ଭାଗବତ୍ ଧର୍ମ ତଥା ନାରାୟଣ ଧର୍ମର ମୂଳ ପ୍ରବର୍ତ୍ତକ ଥିଲେ। ପରାଶର ଋଷି ଥିଲେ ମହର୍ଷି ବଶିଷ୍ଠଙ୍କ ପୁତ୍ର । ସେ ନିଜ ପିତାଙ୍କ ସହିତ ହିମାଳୟ ଯାଇ ସେଠାରେ ବେଦ ମନ୍ତ୍ର ଦ୍ରଷ୍ଟା ହୋଇପାରିଥିଲେ। ସେ ମହର୍ଷି ବ୍ୟାସଙ୍କ ପିତା ଥିଲେ। ଭରଦ୍ୱାଜ ମୁନି ଥିଲେ ଦେବଗୁରୁ ବୃହସ୍ପତିଙ୍କ ପୁତ୍ର। ସେ ଯନ୍ତ୍ର ସର୍ବସ୍ୱ ନାମକ ଗ୍ରନ୍ଥ ରଚନା କରିଥିଲେ। ଏଥିରେ ବିମାନ ନିର୍ମାଣ, ପ୍ରୟୋଗ ଏବଂ ସଂଚାଳନ ସମ୍ବନ୍ଧୀୟ ବିସ୍ତାର ପୂର୍ବକ ବର୍ଣ୍ଣନା ରହିଛି । ସେ ଆୟୁର୍ବେଦର ଋଷି ଥିଲେ ତଥା ଧନ୍ୱନ୍ତରୀ ତାଙ୍କର ପ୍ରିୟ ଶିଷ୍ୟ ଥିଲେ ॥

# ଇଣ୍ଟିଗ୍ରେଟେଡ୍ ଫରେଷ୍ଟ ମନିଟରିଂ ଓ କମାଣ୍ଡ ସେଣ୍ଟର ଉଦଘାଟିତ

ଭୁବନେଶ୍ୱର,୨୬।୭ (ମହାଭାରତ): ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତନ ଏବଂ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶ ରାମ ସିଂଖୁଂଟିଆ ବୁଧବାର ଅରଣ୍ୟ ଭବନଠାରେ ଇଂଟିଗ୍ରେଟେଡ୍ ଫରେଷ୍ଟ ମନିଟରିଂଓ କମାଣ୍ଡ ସେଂଟର ର ଉଦ୍ଘାଟନ କରିଛନ୍ତି। ଏହି ଅତ୍ୟାଧୁନିକ କେନ୍ଦ୍ର ପ୍ରତିଷ୍ଠା ମାଧ୍ୟମରେ ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତନ ବିଭାଗ ପ୍ରଯୁକ୍ତି-ନିର୍ଭର ବନ ପ୍ରଶାସନ ଏବଂ ନିରନ୍ତର ପ୍ରାକୃତିକ ସମ୍ପଦ ପରିଚାଳନା ଦିଗରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି। ଏହି ଅବସରରେ ମନ୍ତ୍ରୀ କହିଥିଲେ ଯେ, ଅତ୍ୟାଧୁନିକ ଡିଜିଟାଲ୍ ପ୍ରଯୁକ୍ତିର ପ୍ରୟୋଗ ବନ ପ୍ରଶାସନକୁ ଅଧିକ ସୁଦୃଢ଼ କରିବା ସହ ସ୍ୱଚ୍ଛତା ବୃଦ୍ଧି କରିବ ଏବଂ ଓଡ଼ିଶାର ବନ ସମ୍ପଦର ସଂରକ୍ଷଣ ଓ ନିରନ୍ତର ପରିଚାଳନା ପାଇଁ ସମୟୋପଯୋଗୀ ନିଷ୍ପତି ଗ୍ରହଣରେ ସହାୟକ ହେବ। ଇଂଟିଗ୍ରେଟେଡ୍ ଫରେଷ୍ଟ ମନିଟରିଂ ଓ କମାଣ୍ଡ ସେଣ୍ଟରକୁ ଏକ କେନ୍ଦ୍ରୀଭୂତ ଡିଜିଟାଲ୍ ପ୍ଲାଟଫର୍ମ ଭାବେ ବିକଶିତ କରାଯାଇଛି, ଯାହା ରିଅଲ୍-ଟାଇମ୍ ନିରୀକ୍ଷଣ ଓ ତଥ୍ୟଭିତିକ ନିଷ୍ପତି ଗ୍ରହଣକୁ ସୁଗମ କରିବ। ଏଥିରେ ବିଭିନ୍ନ ଡିଜିଟାଲ୍ ବ୍ୟବସ୍ଥା ଓ ଜିଓସ୍ପେସିଆଲ୍ ପ୍ରଯୁକ୍ତିର ସମନ୍ୱୟ କରାଯାଇ ବନ ସୁରକ୍ଷା, କ୍ଷେତ୍ରସ୍ତରୀୟ କାର୍ଯ୍ୟକଳାପ ଓ ପ୍ରଶାସନିକ ସ୍ୱଚ୍ଛତାକୁ ଅଧିକ ସୁଦୃଢ଼ କରାଯିବ। ଏହି ଅବସରରେ ବିଭାଗର ପ୍ରମୁଖ ଡିଜିଟାଲ୍ ପ୍ଲାଟଫର୍ମ ଓଡ଼ିଶା ଫରେଷ୍ଟ ମ୍ୟାନେଜମେଂଟ ସିଷ୍ଟମ୍ ଏବଂ ଅନ୍ୟାନ୍ୟ ସୂଚନା ପ୍ରଯୁକ୍ତି-ଆଧାରିତ ପଦକ୍ଷେପଗୁଡ଼ିକର ପ୍ରଦର୍ଶନ କରାଯାଇଥିଲା। ଏହି ପ୍ଲାଟଫର୍ମଗୁଡ଼ିକ ମାଧ୍ୟମରେ ବନ ସୁରକ୍ଷା, ବୃକ୍ଷରୋପଣ, ବନାଗ୍ନି ପରିଚାଳନା, ପାଟ୍ରୋଲିଂ,ଆସେଟ୍ ମ୍ୟାନେଜମେଂଟ, ଜିଓସ୍ପେସିଆଲ୍ ମ୍ୟାପିଂ, କ୍ଷତିପୂରକ ବନୀକରଣ ପାଇଁ ଲ୍ୟାଣ୍ଡ ବ୍ୟାଙ୍କ ଏବଂ ନାଗରିକ ସେବାଗୁଡ଼ିକର ଅନଲାଇନ୍ ନିରୀକ୍ଷଣ ଏକୀକୃତ ଡିଜିଟାଲ୍ ବ୍ୟବସ୍ଥା ମାଧ୍ୟମରେ ସମ୍ଭବ ହୋଇପାରୁଛି। ଏହି ପଦକ୍ଷେପ ପରିବେଶ ସଂରକ୍ଷଣ କ୍ଷେତ୍ରରେ ଡିଜିଟାଲ୍ ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ଓଡ଼ିଶାର



ନେତୃତ୍ୱକୁ ଆହୁରି ମଜବୁତ କରିବା ସହ ବନ ବିଭାଗର କାର୍ଯ୍ୟଦକ୍ଷତା, ସମନ୍ୱୟ ଓ ସେବା ପ୍ରଦାନ ବ୍ୟବସ୍ଥାରେ ଉଲ୍ଲେଖନୀୟ ଉନ୍ନତି ଆଣିବ ବୋଲି ଆଶା କରାଯାଉଛି। ଏହି ଅବସରରେ ମନ୍ତ୍ରୀ ଡବ୍ଲ୍ୟୁଡବ୍ଲ୍ୟୁଡବ୍ଲ୍ୟୁ.ଓଏଫଏସଡିଏସ.ଓଡ଼ିଶା.ଜିଓଭି.ଇନ୍ ର ନବୀକୃତ ୱେବସାଇଟ୍‌ର ଶୁଭ ଉନ୍ମୋଚନ କରିଥିଲେ। ଏହା ସହିତ ଭାରତରେ ଜାଇକା ସହାୟତାପ୍ରାପ୍ତ ବନୀକରଣ ପ୍ରକଳ୍ପଗୁଡ଼ିକର ୧୪ତମ ଜାତୀୟ କର୍ମଶାଳାର ସ୍ମରଣିକା ଏବଂ ଓଡ଼ିଶା ଫରେଷ୍ଟ୍ରି ସେକ୍ଟର ଡେଭେଲପମେଣ୍ଟ ପ୍ରୋଜେକ୍ଟ (ଦ୍ୱିତୀୟ ପର୍ଯ୍ୟାୟ)ର ବାର୍ଷିକ ରିପୋର୍ଟ (୨୦୨୫-୨୬)କୁ ମଧ୍ୟ ଉନ୍ମୋଚନ କରାଯାଇଥିଲା। ଏହି ପ୍ରକାଶନଗୁଡ଼ିକରେ ପ୍ରକଳ୍ପର ସଫଳତା, ଉତମ କାର୍ଯ୍ୟପଦ୍ଧତି ଏବଂ ନିରନ୍ତର ବନୀକରଣ ଓ ସାମୁଦାୟିକ ବିକାଶ କ୍ଷେତ୍ରରେ ସହଯୋଗୀ ପ୍ରୟାସଗୁଡ଼ିକ ଉଲ୍ଲେଖ କରାଯାଇଛି। ଉଦଘାଟନୀ ସମାରୋହରେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ବନବାହିନୀ ମୁଖ୍ୟ, ଓଡ଼ିଶା ଡ଼ଃ କେ. ମୁରୁଗେଶନ, ପିସିସିଏଫ୍ (କେଏଲ୍) ଶ୍ରୀମତୀ ଉମା ନନ୍ଦୁରୀ, ଓଏଫ୍ଏସ୍ ?ଡିପିର ମୁଖ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଜି. ରାଜେଶ, ସିଏଫ୍ (ଆଇଟି ଏବଂ ଜିଆଇଏସ୍) ଭି. କାର୍ତିକ, ସ୍ୱତନ୍ତ୍ର ଶାସନ ସଚିବ, ସ୍ୱୟଂ ମଲ୍ଲିକ୍, ନିର୍ଦ୍ଦେଶକ, ପରିବେଶ-ତଥା-ସ୍ୱତନ୍ତ୍ର ଶାସନ ସଚିବ, କେ.ଏସ୍. ପ୍ରଦୀପ ସମେତ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# କଏଦୀଙ୍କୁ ନଜର ରଖିବ ଏଆଇ କ୍ୟାମେରା




ଭୁବନେଶ୍ୱର,୨୬।୭ (ମହାଭାରତ): ରାଜ୍ୟର ଜେଲ୍‌ଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ଶକ୍ତିଶାଳୀ କରିବା ପାଇଁ ଏଆଇ ଆଧାରିତ କ୍ୟାମେରା ବ୍ୟବହାର ଆରମ୍ଭ ହୋଇଛି। ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକ ପରେ ଜେଲ୍ ଡିଜି ଏହି ସୂଚନା ଦେଇଛନ୍ତି। ଜେଲ୍ ଡିଜିଙ୍କ କହିବା ଅନୁଯାୟୀ, ଏପର୍ଯ୍ୟନ୍ତ ରାଜ୍ୟର ୨୦ଟି ଜେଲରେ ଏଆଇ କ୍ୟାମେରା ସ୍ଥାପିତ ହୋଇସାରିଛି। ଏହି କ୍ୟାମେରାଗୁଡ଼ିକ ଜେଲ୍ ଭିତରେ ଏବଂ ପରିସରରେ କଏଦୀଙ୍କ ଚଳଚଳନକୁ ସତତ ନଜରରେ ରଖିବ। ଏଆଇ ପ୍ରଯୁକ୍ତି ବ୍ୟବହାର ହେବାରୁ ଜେଲ୍‌ରୁ କଏଦୀ ପଳାଇବା ପ୍ରାୟ ଅସମ୍ଭବ ହୋଇପଡ଼ିଛି। କୌଣସି କଏଦୀ ଜେଲ୍ ପାଚେରୀ ପାଖକୁ ଯାଇଲେ ଆଲାରାମ ବାଜିଉଠିବା ବ୍ୟବସ୍ଥା ରହିଛି। ଏହା ସହିତ, ଜେଲ୍ ଭିତରେ ଅନାବଶ୍ୟକ ଭିଡ଼ ହେବା କିମ୍ବା ଗଣ୍ଡଗୋଳ ସୃଷ୍ଟି ହେଲେ ଏଆଇ କ୍ୟାମେରା ମାଧ୍ୟମରେ ତୁରନ୍ତ ଆଲର୍ଟ ମିଳିବାର ବ୍ୟବସ୍ଥା ହୋଇଛି, ଯାହା ନିୟନ୍ତ୍ରଣରେ ସହାୟକ ହେବ। ଅନ୍ୟପଟେ, କଏଦୀମାନଙ୍କ ପୁନର୍ବାସ ଓ ସୁଧାର ପାଇଁ ରାଜ୍ୟର ୭ଟି ସର୍କଲ ଜେଲରେ ଶୀଘ୍ର ମୁକ୍ତାକାଶ ଜେଲ୍ (ଓପେନ ଏୟାର ଜେଲ୍) ବ୍ୟବସ୍ଥା ଆରମ୍ଭ ହେବାକୁ ଯାଉଛି।

# ଓଜେସି ପକ୍ଷରୁ ରାଜ୍ୟପାଳଙ୍କୁ ସ୍ମାରକପତ୍ର

ଭୁବନେଶ୍ୱର,୨୬।୭ (ମହାଭାରତ): ଓଡ଼ିଶାରେ ଚାଷୀଙ୍କର ବହୁବିଧ ସମସ୍ୟା ଏବଂ ସାରର କଳାବଜାରୀକୁ ନେଇ ଓଜେସି କୃଷକ ମୋର୍ଚ୍ଚା ସଭାପତି ସଂଗ୍ରାମ ମାଝୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଗୁରୁବାର ଓଡ଼ିଶାର ରାଜ୍ୟପାଳଙ୍କୁ ସାକ୍ଷାତ କରି ସ୍ମାରକ ପତ୍ର ପ୍ରଦାନ କରିଥିଲେ ।



ଓଜେସି କୃଷକ ସେଲ୍ ପକ୍ଷରୁ ଦାବି କରାଯାଇଛି ଯେ: ସାର ପାଇଁ ସୋସାଇଟିରେ କେବଳ ଜଣେ ମେମ୍ବର କିମ୍ବା ଲୋନି ହୋଇଥିବା ବାଧ୍ୟତାମୂଳକ ନିୟମକୁ ତୁରନ୍ତ ସରଳ କରାଯାଉ ଏବଂ ସବୁ ମଣ୍ଡି ଓ ପାକ୍ସ/ଲାମ୍ପସ୍ ରେ ପର୍ଯ୍ୟାପ୍ତ ସାର ମହଜୁଦ ରଖାଯାଉ।ସାର ଜମାଖୋର ଓ କଳାବଜାରୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ସେମାନଙ୍କୁ ତୁରନ୍ତ ଗିରଫ ଓ ଜେଲ୍ ପଠାଯାଉ। ଗ୍ରୋମର ସାର ଦରରେ ବସ୍ତା ପିଛା ଯେଉଁ ୧,୦୦୦ ଟଙ୍କା ବୃଦ୍ଧି କରାଯାଇଛି, ତାହା ସରକାର ନିଜ ଆଡୁ ସବସିଡି ଆକାରରେ ବହନ କରି ଚାଷୀଙ୍କୁ ପ୍ରଦାନ କରନ୍ତୁ। ମହଙ୍ଗା ଏନପିକେ ଭଳି ନୂଆ ସାରର ବାଧ୍ୟତାମୂଳକ ଏକ୍ସପେରିମେଂଟ ତୁରନ୍ତ ବନ୍ଦ କରାଯାଇ ଚାଷୀଙ୍କ ଆର୍ଥିକ ବୋଝ ହ୍ରାସ କରାଯାଉ। ବୀମା ଆକଳନ ପାଇଁ ବ୍ୟକ୍ତିଗତ ଜମିକୁ ୟୁନିଟ୍ ଧରାଯାଉ ଏବଂ ଓଡ଼ିଶାର ସର୍ବାଧିକ ସଂଖ୍ୟକ ଭାଗଚାଷୀଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଉ। ଓଡ଼ିଶାର ଅନ୍ନଦାତାଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ରାଜ୍ୟପାଳ ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ତୁରନ୍ତ ହସ୍ତକ୍ଷେପ କରି ରାଜ୍ୟ ସରକାରଙ୍କୁ ଦୃଢ଼ ନିର୍ଦ୍ଦେଶ ଦେବାକୁ ଓଜେସି କୃଷକ ସେଲ୍ ପ୍ରତିନିଧିମଣ୍ଡଳୀ ସ୍ମାରକପତ୍ର ମାଧ୍ୟମରେ ବିନମ୍ର ଅନୁରୋଧ କରିଛନ୍ତି। ଏହି ପ୍ରତିନିଧି ମଣ୍ଡଳୀରେ ଅନ୍ୟମାନଙ୍କ ମଧ୍ୟରେ ଓଜେସିର ଉପସଭାପତି ପ୍ରଦୀପ ପ୍ରଧାନ, ଓଜେସି ସେବା ସଂଗଠନର ଅଧ୍ୟକ୍ଷ, ମନୋଜ ଜେନା, ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ, ପ୍ରତିଷ୍ଠାତା ସଦସ୍ୟ ତଥା କୃଷକ ନେତା ଦୁର୍ଗାଚରଣ ବାରିକ ଉପସ୍ଥିତ ଥିଲେ ।

# ପୌରସଂସ୍ଥା ଗୁଡ଼ିକର ଆର୍ଥିକ କ୍ଷମତା ବୃଦ୍ଧି

ଭୁବନେଶ୍ୱର,୨୬।୭ (ମହାଭାରତ): ସହରାଞ୍ଚଳର ବିକାଶକୁ ତ୍ୱରାନ୍ୱିତ କରିବା, ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାକୁ ସହଜ କରିବା ଏବଂ ପୌରାଞ୍ଚଳ ଗୁଡ଼ିକରେ ଶାସନ ବ୍ୟବସ୍ଥାରେ ସୁଧାର ଆଣିବା ଲକ୍ଷ୍ୟରେ ଓଡ଼ିଶା ସରକାର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶାସନିକ ସଂସ୍କାର ସ୍ୱରୂପ ପୌରସଂସ୍ଥା ଏବଂ ସ୍ମାର୍ଟ ସିଟି ଲିମିଟେଡ୍‌ଗୁଡ଼ିକର ଆର୍ଥିକ କ୍ଷମତା ପରିସରକୁ ସଂଶୋଧିତ କରିଛନ୍ତି । ନଗର ଉନ୍ନୟନ ବିଭାଗ ଦ୍ୱାରା ବିଜ୍ଞାପିତ ଏହି ସଂଶୋଧିତ ବ୍ୟବସ୍ଥା ତୁରନ୍ତ ଲାଗୁ ହେବ। ଏହି ସଂଶୋଧିତ କ୍ଷମତା ଅନୁଯାୟୀ, ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ ଏବଂ ରାଉରକେଲା ସ୍ମାର୍ଟ ସିଟି ଲିମିଟେଡର ଏମଡି ମାନଙ୍କ ଆର୍ଥିକ କ୍ଷମତାକୁ ମହାନଗର ନିଗମର କମିଶନରମାନଙ୍କ ସହିତ ସମାନ କରାଯାଇଛି । ମହାନଗର ନିଗମ ପାଇଁ:ବିଲ୍ ମଞ୍ଜୁରୀ:କାର୍ଯ୍ୟ ବିଲ୍, କ୍ରୟ ବିଲ୍ ଏବଂ କାର୍ଯ୍ୟାଳୟର ଆନୁଷଙ୍ଗିକ ଖର୍ଚ୍ଚ ମଞ୍ଜୁର ପାଇଁ କମିଶନରମାନଙ୍କ ଆର୍ଥିକ ସୀମାକୁ ୧ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି । ପୂର୍ବରୁ ଏହି ସୀମା ଭୁବନେଶ୍ୱର ମହାନଗର ନିଗମ ପାଇଁ ୫୦ ଲକ୍ଷ ଟଙ୍କା ଏବଂ ଅନ୍ୟାନ୍ୟ




ମହାନଗର ନିଗମ ପାଇଁ ୧୫ ଲକ୍ଷ ଟଙ୍କା ଥିଲା । ୧ କୋଟି ଟଙ୍କାରୁ ଅଧିକ ବିଲ୍‌କୁ ମହାନଗର ନିଗମର ଅନୁମୋଦନ ପାଇଁ ଉପସ୍ଥାପନ କରାଯିବ । ଦରମା ଓ ପେନ୍‌ସନ୍: କମିଶନରମାନଙ୍କୁ ଦରମା ଏବଂ ପେନ୍‌ସନ୍ ବିଲ୍ ପ୍ରଦାନ ପାଇଁ ସମ୍ପୂର୍ଣ୍ଣ କ୍ଷମତା ପ୍ରଦାନ କରାଯାଇଛି।

ପ୍ରଶାସନିକ ଅନୁମୋଦନ: ବିଭିନ୍ନ କାର୍ଯ୍ୟ ଓ ପ୍ରକଳ୍ପ ପାଇଁ ପ୍ରଶାସନିକ ଅନୁମୋଦନ ଦେବାର ସୀମା ୨ କୋଟି ଟଙ୍କାରୁ ୩ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ୩ କୋଟିରୁ ୪ କୋଟି ଟଙ୍କା ପର୍ଯ୍ୟନ୍ତ ପ୍ରକଳ୍ପ ଚୁକ୍ତିସମ୍ପର୍କିତ ସ୍ଥାୟୀ କମିଟି, ୪ କୋଟିରୁ ୫ କୋଟି ଟଙ୍କା ପର୍ଯ୍ୟନ୍ତ ମହାନଗର ନିଗମ ଏବଂ ୫ କୋଟି ଟଙ୍କାରୁ ଅଧିକ ପ୍ରସ୍ତାବ ପାଇଁ ପ୍ରାଶାସନିକ ବିଭାଗ ର ଅନୁମୋଦନ ଆବଶ୍ୟକ ହେବ। ପୌରପାଳିକା ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦ ପାଇଁ ନିର୍ବାହୀ ଅଧିକାରୀ ମାନଙ୍କ ପ୍ରଦାନ କ୍ଷମତା ୧୦ ଲକ୍ଷ ଟଙ୍କାରୁ ୨୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି । ୨୦ ଲକ୍ଷ ଟଙ୍କାରୁ ଅଧିକ ବିଲ୍ ପାଇଁ ନିର୍ବାହୀ ଅଧିକାରୀ ଏବଂ ପୌର ଅଧ୍ୟକ୍ଷଙ୍କ ଯୁଗ୍ମ ସ୍ୱାକ୍ଷର ଆବଶ୍ୟକ ହେବ । ଦରମା ଓ ପେନ୍‌ସନ୍: ନିର୍ବାହୀ ଅଧିକାରୀମାନଙ୍କୁ ମଧ୍ୟ ଦରମା ଏବଂ ପେନ୍‌ସନ୍ ବିଲ୍ ପ୍ରଦାନ ପାଇଁ ସମ୍ପୂର୍ଣ୍ଣ କ୍ଷମତା ଦିଆଯାଇଛି। ପ୍ରକଳ୍ପଗୁଡ଼ିକର ପ୍ରଶାସନିକ ଅନୁମୋଦନ ସୀମା ୧୦ ଲକ୍ଷରୁ ୨୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି । ୨୦ ଲକ୍ଷରୁ ୩ କୋଟି ଟଙ୍କା ପର୍ଯ୍ୟନ୍ତ ପ୍ରକଳ୍ପ ପୌର ପରିଷଦ ଦ୍ୱାରା ଅନୁମୋଦିତ ହେବ ଏବଂ ୩ କୋଟି ଟଙ୍କାରୁ ଅଧିକ ପ୍ରକଳ୍ପ ପାଇଁ ପ୍ରାଶାସନିକ ବିଭାଗର ଅନୁମୋଦନ ଆବଶ୍ୟକ ହେବ। ଆର୍ଥିକ କ୍ଷମତାର ଏହି ସଂଶୋଧନ ଦ୍ୱାରା ସ୍ଥାନୀୟ ପୌରସଂସ୍ଥାଗୁଡ଼ିକ ଅଧିକ ଆର୍ଥିକ ସ୍ୱାୟତ୍ତତା ପାଇବା ସହ ସରକାରୀ ପ୍ରକ୍ରିୟାଗତ ବିଳମ୍ବ ହ୍ରାସ ପାଇବ । ଏହା ସହିତ ଓଡ଼ିଶାର ସହରାଞ୍ଚଳଗୁଡ଼ିକରେ ନାଗରିକ ଭିତ୍ତିଭୂମି ଏବଂ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକର ସମୟସୀମା ମଧ୍ୟରେ କାର୍ଯ୍ୟକାରିତା ସୁନିଶ୍ଚିତ ହୋଇପାରିବ ।

# ପ୍ରଶାସନିକ ବିଫଳତା ଓ ସାର କଳାବଜାରୀ ଯୋଗୁଁ ଚାଷୀ ହନ୍ତସନ୍ତ

ଭୁବନେଶ୍ୱର,୨୬।୭ (ମହାଭାରତ): ଚଳିତ ଖରିଫ ଚାଷ ଋତୁରେ ସମଗ୍ର ଓଡ଼ିଶାରେ ଦେଖାଦେଇଥିବା ସାରର ଘୋର ଅଭାବ, ବ୍ୟାପକ କଳାବଜାରୀ ଏବଂ ପ୍ରଶାସନିକ ବିଫଳତା ଯୋଗୁଁ ଲକ୍ଷ ଲକ୍ଷ ଚାଷୀ ହନ୍ତସନ୍ତ ହେଉଛନ୍ତି । ସରକାରଙ୍କ ଚାଷୀ ମାରଣ ନୀତି ଯୋଗୁଁ ଚାଷୀ କଲବଲ ହେଉଥିବାରୁ ଡବଲ ଇଞ୍ଜିନ ସରକାରଙ୍କୁ କଡ଼ା ସମାଲୋଚନା କରିଛି ବିଜୁ ଜନତା ଦଳ । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଡ଼ ଅରୁଣ କୁମାର ସାହୁ କହିଥିଲେ ଯେ, ଚଳିତ ଖରିଫ ଋତୁରେ ରାଜ୍ୟକୁ ପ୍ରାୟ ୧୧.୪୩ ଲକ୍ଷ ମେଟ୍ରିକ ଟନ ସାରର ଆବଶ୍ୟକତା ରହିଛି । କିନ୍ତୁ ୧୭ ଜୁଲାଇ ସୁଦ୍ଧା ମାତ୍ର ପ୍ରାୟ ୧.୮୧ ଲକ୍ଷ ମେଟ୍ରିକ ଟନ ସାର ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ଗୁଡ଼ିକରେ ପହଞ୍ଚିଛି । ଚାଷୀଙ୍କୁ ପ୍ରାୟ ୧.୧୪ ଲକ୍ଷ ମେଟ୍ରିକ ଟନ ସାର ବଣ୍ଟନ କରାଯାଇଛି । ସମଗ୍ର ଖରିଫ ଋତୁରେ ଆବଶ୍ୟକତାର ମାତ୍ର ୧୦ ପ୍ରତିଶତ ସାର ଯୋଗାଣ ହୋଇଥିବାରୁ ରାଜ୍ୟରେ କୃତ୍ରିମ ସାର ସଙ୍କଟ ସୃଷ୍ଟି ହୋଇଛି । ଧାନ ରୁଆ କାମର ଶୀର୍ଷ ସମୟରେ ସାର ସଙ୍କଟ ଚାଷୀମାନଙ୍କୁ ଚିନ୍ତାରେ ପକାଇ ଦେଇଛି । କେନ୍ଦ୍ରରେ ବିଜେପି ସରକାର ପ୍ରାୟ ୧୨ ବର୍ଷ ଧରି କ୍ଷମତାରେ ଥିବା ସତ୍ତ୍ୱେ ତାଳଚେର ସାର କାରଖାନାରେ ଏପର୍ଯ୍ୟନ୍ତ ସାର



ଉତ୍ପାଦନ ହୋଇପାରିଲା ନାହିଁ । ୨୦୧୪ ମସିହାରେ ପ୍ରତି ଏକରରେ ସାର ବାବଦରେ ପ୍ରାୟ ୩,୦୦୦ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ବର୍ତ୍ତମାନ ଏହା ବଢ଼ି ପ୍ରାୟ ୭,୦୦୦ରୁ ୭,୫୦୦ ଟଙ୍କାରେ ପହଞ୍ଚିଛି । ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବାର ପ୍ରତିଶ୍ରୁତି ଦେଇଥିବା ଡବଲ ଇଞ୍ଜିନ ସରକାର ଚାଷୀମାନଙ୍କ ଉପରେ ଆର୍ଥିକ ବୋଝକୁ ଦ୍ୱିଗୁଣିତ କରୁଛନ୍ତି ।

ଶ୍ରୀ ଅତନୁ ସବ୍ୟସାଚୀ ନାୟକ କହିଥିଲେ ଯେ, ରାଜ୍ୟରେ ସାରର କୌଣସି ଅଭାବ ନଥିବା ସରକାରଙ୍କ ଦାବି ସମ୍ପୂର୍ଣ୍ଣ ଅମୂଳକ । ବହୁ ଜିଲ୍ଲାରେ ଚାଷୀମାନେ ଗୋଟିଏ ବସ୍ତା ୟୁରିଆ ପାଇଁ ପ୍ୟାକ୍ସ ଓ ସାର ଦୋକାନ ଆଗରେ ସାରା ରାତି ଅପେକ୍ଷା କରି ରହୁଛନ୍ତି । ୟୁରିଆ ଅଭାବକୁ ଲୁଚାଇବା ପାଇଁ ସରକାର କମ୍ପ୍ଲେକ୍ସ ସାର ଓ ବିକଳ୍ପ ସାର ବ୍ୟବହାରକୁ ପ୍ରୋତ୍ସାହନ ଦେବା ଦୁର୍ଭାଗ୍ୟଜନକ । ସରକାର ୟୁରିଆ ଓ ଡିଏପିର ଅଭାବକୁ ସ୍ୱୀକାର କରି ବିକଳ୍ପ ସାର ଚାଷୀଙ୍କୁ ଯୋଗାଇ ଦେବା ପାଇଁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେବାରୁ ଏହା ସ୍ପଷ୍ଟ ପ୍ରମାଣିତ ଯେ, ଚାଷୀଙ୍କ ସମସ୍ୟା ଦୂର କରିବାରେ ସରକାର ସମ୍ପୂର୍ଣ୍ଣ ବିଫଳ ।

ଶ୍ରୀ ସଞ୍ଜୟ ଦାସବର୍ମା କହିଥିଲେ ଯେ, ରାଜ୍ୟରେ ସାରର କୌଣସି ଅଭାବ ନଥିବା ସମବାୟ ମନ୍ତ୍ରୀ ଦାବି କରୁଥିବା ବେଳେ ସମବାୟ ବିଭାଗର ପ୍ରମୁଖ ଶାସନ ସଚିବ ୟୁରିଆ ଓ ଡିଏପିର ଅଭାବକୁ ସ୍ୱୀକାର କରି ଜିଲ୍ଲା ପ୍ରଶାସନକୁ ବିକଳ୍ପ ସାର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଯାହା ସରକାରଙ୍କ ଦୋମୁହାଁ ନୀତିକୁ ପଦାରେ ପକାଇଛି । ପ୍ରତ୍ୟେକ ଚାଷୀଙ୍କୁ ମାତ୍ର ଗୋଟିଏ ବସ୍ତା ୟୁରିଆ ଦିଆଯାଉଛି, ଯାହା ସମୁଦ୍ରକୁ ଶଙ୍ଖେ ପରି । କ୍ୟୁଆର କୋଡ୍ ଆଧାରିତ ଡିଜିଟାଲ ବଣ୍ଟନ ବ୍ୟବସ୍ଥା ଯୋଗୁଁ ଅନେକ ଚାଷୀ, ବିଶେଷକରି ମହିଳା ଚାଷୀ, ଭାଗଚାଷୀ ଏବଂ ସ୍ମାର୍ଟଫୋନ କିମ୍ବା ଡିଜିଟାଲ ପେମେଣ୍ଟ ସୁବିଧା ନଥିବା ଚାଷୀମାନେ ଏଥିରୁ ବଞ୍ଚିତ ହେଉଛନ୍ତି । ଓଡ଼ିଶା ପାଇଁ ଆସୁଥିବା ସାରକୁ ପଡ଼ୋଶୀ ରାଜ୍ୟକୁ ବେଆଇନ ଭାବେ ଚାଲାଣ କରାଯାଉଛି । ସମବାୟ ସମିତିଗୁଡ଼ିକ ଚାଷୀଙ୍କୁ ୟୁରିଆ ସହିତ ବାଧ୍ୟତାମୂଳକ ଭାବେ ନାନୋ ୟୁରିଆ, ଜିଙ୍କ ଓ ଅନ୍ୟାନ୍ୟ ଉତ୍ପାଦ କିଣିବାକୁ ବାଧ୍ୟ କରୁଛନ୍ତି । ଯାହା ଫଳରେ ଚାଷୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

### ଭିନ୍ନକ୍ଷମଙ୍କୁ ପରିଚୟ ପତ୍ର ମିଳିବାରେ ହେଉଛି ବିଳମ୍ବ

# ପଡ଼ିରହିଛି ୪୪ ହଜାର ଆବେଦନ

ଭୁବନେଶ୍ୱର,୨୬।୭ (ମହାଭାରତ): ଦିବ୍ୟାଙ୍ଗଙ୍କୁ ୟୁନିକ୍ ଡିସେବିଲିଟି ଆଇଡି ବା ୟୁଡିଆଇଡି କାର୍ଡ ପ୍ରଦାନ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରିବାକୁ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି। ବର୍ତ୍ତମାନ ହଜାର ହଜାର ଆବେଦନ ମେଡିକାଲ ଟେଷ୍ଟ ଓ ମେଡିକାଲ ବୋର୍ଡର ଅନୁମୋଦନ ଅପେକ୍ଷାରେ ବିଚାରାଧୀନ ରହିଥିବାରୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ସମସ୍ତ ଜିଲ୍ଲାରେ ନିୟମିତ ମେଡିକାଲ ବୋର୍ଡ ବସାଇବା, ଦିବ୍ୟାଙ୍ଗତା ନିର୍ଣ୍ଣୟ ପାଇଁ ଆବଶ୍ୟକ ବିଶେଷଜ୍ଞ ଡାକ୍ତରଙ୍କ ଉପଲବ୍ଧତା ସୁନିଶ୍ଚିତ କରିବା ଏବଂ ବକେୟା ଆବେଦନଗୁଡ଼ିକର ପ୍ରାଥମିକତା ଭିତ୍ତିରେ ଶୀଘ୍ର ଫଇସଲା କରି ୟୁଡିଆଇଡି କାର୍ଡ ଜାରି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଭାଗର ସୂଚନା ଅନୁସାରେ, ଓଡ଼ିଶାରେ ୟୁଡିଆଇଡି ପୋର୍ଟାଲରେ ଏପର୍ଯ୍ୟନ୍ତ ୧୩ ଲକ୍ଷ ୩୨ ହଜାର ୪୧୫ଟି ଆବେଦନ ପଞ୍ଜୀକୃତ ହୋଇଛି। ସେଥିମଧ୍ୟରୁ ୯ ଲକ୍ଷ ୭୩ ହଜାର ୩୪୪ ଜଣଙ୍କୁ ୟୁଡିଆଇଡି କାର୍ଡ ମିଳିସାରିଥିବା ବେଳେ ୩ ଲକ୍ଷ ୧୪ ହଜାର ୭୨୧ଟି ଆବେଦନ ବାତିଲ ହୋଇଛି। ତେବେ ଏବେ ମଧ୍ୟ ୪୪ ହଜାର ୩୫୦ଟି ଆବେଦନ ବିଭିନ୍ନ ସ୍ତରରେ ବିଚାରାଧୀନ ରହିଛି। ପ୍ରତ୍ୟେକ ଜିଲ୍ଲାରେ ଏହି ପ୍ରକ୍ରିୟାର ନିୟମିତ ସମୀକ୍ଷା କରି ବିଳମ୍ବ ଦୂର କରିବା ସହ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ମେଡିକାଲ ବୋର୍ଡ ଓ ଜିଲ୍ଲା ଦିବ୍ୟାଙ୍ଗ ପୁନର୍ବାସ କେନ୍ଦ୍ର ସହ ସମନ୍ୱୟ ରକ୍ଷା କରି ନିୟମିତ ମୂଲ୍ୟାଙ୍କନ ଶିବିର ଆୟୋଜନ, ଆବେଦନକାରୀଙ୍କୁ ଆବଶ୍ୟକ ପରାମର୍ଶ ଓ ସହଯୋଗ ଯୋଗାଇବା, ଅଭିଯୋଗର ତୁରନ୍ତ ସମାଧାନ କରିବା ଏବଂ ବକେୟା ଆବେଦନର ସ୍ଥିତିର ନିୟମିତ ସମୀକ୍ଷା କରି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ କୁହାଯାଇଛି।

# ଚାଷୀଙ୍କୁ ସାର ଯୋଗାଇପାରୁନି ଲୋକଙ୍କ ସରକାର

ଭୁବନେଶ୍ୱର,୨୬।୭ (ମହାଭାରତ): ଚାଷର ଠିକ୍ ରୁଆ ପୋତା ସମୟରେ ଚାଷୀମାନଙ୍କୁ ସାର ନମିଳିବା ଯୋଗୁଁ ଚାଷୀକୂଳର ସାଂଘାତିକ କ୍ଷତି ହେଉଛି। ଏଭଳି ଏକ ଗୁରୁତର ସମସ୍ୟା ନେଇ ଓଡ଼ିଶା କୃଷକ




ଜନତା କଂଗ୍ରେସ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀରେ କୃଷକ ସେଲ୍ ଅଧ୍ୟକ୍ଷ ସଂଗ୍ରାମ କିଶୋର ମାଝୀ ସରକାରଙ୍କୁ କଠୋର ସମାଲୋଚନା କରିଛନ୍ତି। ସେ କହିଥିଲେ ଯେ,ସରକାର ଏବଂ ସୋସାଇଟି, ମନ୍ତ୍ରୀ, କଳାବଜାରୀ ଓ ଅଫିସରମାନଙ୍କ ମଧୁ ଚନ୍ଦ୍ରିକାରେ ଚାଷ ଓ ଚାଷୀଙ୍କ ଅବସ୍ଥା ବିପର୍ଯ୍ୟସ୍ତ। ସାର ପାଇଁ ବରଗଡ଼, ନୟାଗଡ଼, ନବରଙ୍ଗପୁର, କଟକ, କେନ୍ଦ୍ରାପଡ଼ା ସମେତ ପ୍ରାୟ ସବୁ ଜିଲ୍ଲାର ଚାଷୀ ରାତିଅନିଦ୍ରା ହୋଇ ଲାଇନ ଲଗାଉଥିଲେ ବି ସାର ମିଳୁନାହିଁ। ଏ ସରକାର ଚାଷୀର ଦୁଃଖ ଦୁର୍ଦ୍ଦଶାର ମୁଖ୍ୟ ନାୟକ। ୟୁରିଆ ଦର ୫୦କେଜି ବସ୍ତା ପିଛା ୨୬୬ ଟଙ୍କା ଥିବାବେଳେ, ତାହା ଚାଷୀ ୫ଶହରୁ ୬ ଶହ ଟଙ୍କାରେ କିଣୁଛି। ଯେଉଁ ଗ୍ରୋମର ସାର ୫୦ କେଜି ବସ୍ତା ପିଛା ୨୦୨୫ରେ ୧୨୦୦ ଟଙ୍କା ରହିଥିଲା, ଏବର୍ଷ ଦର ୨୧୦୦ରେ ପହଞ୍ଚି ଯାଇଛି। କିନ୍ତୁ ବିଡ଼ମ୍ବନାର ବିଷୟ ଚାଷୀ ୨୭୦୦ରୁ ୨୮୦୦ ଟଙ୍କାରେ କିଣିବାକୁ ବାଧ ହେଉଛି। ୨୦୧୬ ମସିହାରେ ପ୍ରତି ଏକର ଚାଷଜମିରେ ୟୁରିଆ ୨ ବସ୍ତା, ଗ୍ରୋମର ୨ ବସ୍ତା ପିଛା ପ୍ରାୟ ୩୧୫୫ ଟଙ୍କା ଖର୍ଚ୍ଚ ହେଉଥିଲା। ବର୍ତମାନ ୨୦୨୬ରେ ଚାଷୀ ପକେଟରୁ ୭୦୦୦ ଟଙ୍କା ଖର୍ଚ୍ଚ ହେଉଛି। ପୁଣି ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି, ୫୦କେଜି ସାର ବସ୍ତା ପାଇଁ ଟଙ୍କା ନେଉଛନ୍ତି, ହେଲେ କଳାବଜାରରେ ବସ୍ତା ୪୫କେଜି ଓଜନର ମିଳୁଛି ବୋଲି ଶ୍ରୀ ମାଝୀ ଅଭିଯୋଗ କରିଛନ୍ତି।

# ୪ ବର୍ଷ ଶିଶୁ ଫୁସଫୁସରୁ ବାହାରିଲା ଏଲଇଡି ଲାଇଟ

ଭୁବନେଶ୍ୱର,୨୬।୭ (ମହାଭାରତ): କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନସେସ (କିମସ) ଡାକ୍ତରମାନେ ବିନା ଓପନ ସର୍ଜରୀରେ ଅସ୍ତ୍ରୋପଚାର କରି ଜଣେ ଚାରି ବର୍ଷୀୟା ବାଳିକାର ଫୁସଫୁସରେ ଅଟକି ରହିଥିବା ଏକ ଛୋଟ ଧାତବ ଏଲଇଡି ବଲ୍‌ବକୁ ସଫଳତାର ସହିତ ବାହାର କରି ତାଙ୍କୁ ନୂଆ ଜୀବନ ପ୍ରଦାନ କରିଛନ୍ତି। ଏହି ଜଟିଳ ଚିକିତ୍ସା ପ୍ରକ୍ରିୟାରେ କିମସ ଡାକ୍ତରମାନେ ସର୍ବନିମ୍ନ କ୍ଷତ ସୃଷ୍ଟି ହେଉଥିବା ଆଧୁନିକ ପ୍ରଯୁକ୍ତିର ବ୍ୟବହାର କରିଥିଲେ। ଏହା ଫଳରେ ଓପନ ସର୍ଜରୀର ଆବଶ୍ୟକତା ପଡ଼ିନଥିଲା। ଶିଶୁଟି ଏବେ ସୁସ୍ଥ ରହିଛି। ଏହି ସଫଳ ଅସ୍ତ୍ରୋପଚାର କେବଳ କିମ୍‌ସର ଉନ୍ନତ ଶିଶୁ ଚିକିତ୍ସା ଦକ୍ଷତାକୁ ପ୍ରତିଫଳିତ କରିନାହିଁ, ବରଂ ଜଟିଳ ଚିକିତ୍ସା କ୍ଷେତ୍ରରେ ଆଧୁନିକ ଓ ସର୍ବନିମ୍ନ କ୍ଷତ ସୃଷ୍ଟି ହେଉଥିବା ପ୍ରଯୁକ୍ତି କେତେ ସୁରକ୍ଷିତ ଓ ପ୍ରଭାବଶାଳୀ ହୋଇପାରେ, ତାର ଉଦାହରଣ ସୃଷ୍ଟି କରିଛି। ଅସାବଧାନତା ଯୋଗୁଁ ଶିଶୁଟି ଏକ ଏଲଇଡି ବଲବକୁ ନାକରେ ପୂରାଇ



ଦେଇଥିଲା। କ୍ରମେ ଏହା ଶ୍ୱାସ ମାର୍ଗ ଦେଇ ଫୁସଫୁସକୁ ଚାଲି ଯାଇଥିଲା। ସାଧାରଣ ପ୍ରଣାଳୀରେ ଅନ୍ୟ ଡାକ୍ତରଖାନାରେ ଏହି ବସ୍ତୁଟିକୁ ବାହାର କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ଏହା ସଫଳ ହୋଇନଥିଲା। ଆଠ ଦିନ ଧରି ଶିଶୁଟିର କ୍ରମାଗତ କାଶ ଲାଗି ରହିବାରୁ ତାକୁ କିମସକୁ ଅଣାଯାଇଥିଲା। ଏଠାରେ ଡାକ୍ତରମାନେ ପରୀକ୍ଷା କରି ଏଲଇଡି ବଲ୍‌ବଟି ଫୁସଫୁସରେ ପହଞ୍ଚିଯାଇଥିବା ଜାଣିବାକୁ ପାଇଥିଲେ। ବଲ୍‌ବଟି ଡାହାଣ ଫୁସଫୁସର ନିମ୍ନ ଭାଗରେ ଏକ ସଂକୀର୍ଣ୍ଣ ଶ୍ୱାସ ପଥ ଶାଖାରେ ଅଟକି ଯାଇଥିବା ଜଣାପଡ଼ିଥିଲା। କିମସ କର୍ଣ୍ଣ-ନାସା-ଗଳା ବିଭାଗର ଡାକ୍ତରମାନେ ଏହାକୁ ଏକ ଆହ୍ୱାନ ଭାବେ ଗ୍ରହଣ କରି ସଫଳତାର ସହ ଏଲଇଡି ବଲବକୁ ବାହାର କଲେ। ଅସ୍ତ୍ରୋପଚାରର କିଛି ଘଣ୍ଟା ମଧ୍ୟରେ ଶିଶୁଟି ସୁସ୍ଥ ହେବା ପରେ ସାଧାରଣ ଭାବରେ ଖାଇବାକୁ ସକ୍ଷମ ହୋଇ ପାରିଥିଲା। ପରେ ତାକୁ ହସପିଟାଲରୁ ଡିସଚାର୍ଜ କରାଯାଇଥିଲା। କିମସ କର୍ଣ୍ଣ-ନାସା-ଗଳା ବିଶେଷଜ୍ଞ ଡା ପ୍ରଦୀପ ରଞ୍ଜନ ସାହୁ ଓ ଡା ମନୀଷା ମଲ୍ଲିକ୍, ଆନାସ୍ଥେସିଓଲୋଜି ବିଭାଗର ଡା ବସନ୍ତ କୁମାର ବେହେରା ଓ ରେସପିରେଟୋରି ମେଡ଼ିସିନ ବିଭାଗର ଡା ସ୍ୱଦୀପ ମିଶ୍ରଙ୍କ ମିଳିତ ପ୍ରଚେଷ୍ଟାରେ ଏଭଳି ଜଟିଳ ଅସ୍ତ୍ରୋପଚାର ସଫଳ ହୋଇ ପାରିଛି। ସାଧାରଣତଃ ବୋତାମ, ଖଡ଼ି, କିମ୍ବା ବଲବ ଭଳି ଛୋଟ ବାହ୍ୟ ବସ୍ତୁଗୁଡ଼ିକ ପିଲାମାନେ ଅସାବଧନତା ଯୋଗୁଁ ନାକରେ ପୂରାଇ ଥାଆନ୍ତି। ନିଶ୍ୱାସ ନେବା ସମୟରେ ତାହା ନାକ ଭିତର ଦେଇ ଶ୍ୱାସ ପଥକୁ ଗମ୍ଭୀର କରିଦେଇଥାଏ। ଏହି ବସ୍ତୁଗୁଡ଼ିକ ଫୁସଫୁସରେ ପହଞ୍ଚିବା ପରେ ଏଗୁଡ଼ିକୁ ବାହାର କରିବା ଅତ୍ୟନ୍ତ ଚ୍ୟାଲେଞ୍ଜିଂ ହୋଇଥାଏ ଓ ବେଳେବେଳେ ବଡ଼ ଅସ୍ତ୍ରୋପଚାର ଆବଶ୍ୟକ ହୁଏ।

# ବାୟୁ ପ୍ରଦୂଷଣ ରୋକିବା

ପେଟ୍ରୋଲ, ଡିଜେଲ ଏବଂ କୋଇଲା ଜାଳି ବିଦ୍ୟୁତ ଉତ୍ପାଦନର ବିକଳ୍ପ ହେଲା ଏହି ସବୁ ଶକ୍ତି ଯାହା ଭବିଷ୍ୟତରେ ଭାରତୀୟ ଅର୍ଥନୀତିର ମେରୁଦଣ୍ଡ ପାଲଟିବ ଆଉ ଫସିଲ ଫୁଏଲ ଉପରେ ଆମକୁ ନିର୍ଭର କରିବାକୁ ପଡ଼ିବନି। ଏହା ସହିତ ପରିବେଶ ପ୍ରଦୂଷଣ ଭଳି ସମସ୍ୟାର ମଧ୍ୟ ସମାଧାନ ହୋଇପାରିବ। ସମ୍ପ୍ରତି ପ୍ରଦୂଷଣ ସମସ୍ୟା ଦେଶରେ ସବୁଠାରୁ ବଡ଼ ଚାଲେଞ୍ଜ ହୋଇଛି। ଦିଲ୍ଲୀଠାରୁ ଆରମ୍ଭ କରି ପଲ୍ଲୀ ପର୍ଯ୍ୟନ୍ତ ସବୁଠି ସମାନ ସ୍ଥିତି। ଓଡ଼ିଶାରେ ବାଲେଶ୍ୱର ଭଳି ସହର ଏହାର ଉଦାହରଣ। ତାଳଚେର, ଭୁବନେଶ୍ୱର, ଅନୁଗୋଳ କଥା ନକହିଲେ ଭଲ। ଏହାର ମୁଖ୍ୟ କାରଣ ହେଲା ଯାନ୍ତ୍ରିକିକରଣ। ଏଥିଲାଗି ଗ୍ରୀନ ଏନର୍ଜୀ ବ୍ୟବହାରକୁ ପ୍ରାଥମିକତା ଦିଆଯିବା ଉଚିତ। ବିଶ୍ୱ ବଜାରେ ଅଶୋଧିତ ତୈଳର ଦରବୃଦ୍ଧି ଏବଂ କିଛି ତୈଳ ସମୃଦ୍ଧ ରାଷ୍ଟ୍ରର ଏ କ୍ଷେତ୍ରରେ ଏକଚାଟିଆ କାରବାରରେ ବିଶ୍ୱବାସୀ ଅତିଷ୍ଠ ହେଲେଣି। ବାରମ୍ବାର ତୈଳ ଦର ବୃଦ୍ଧି ହେତୁ ଅର୍ଥନୈତିକ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେଉଛି। ମୁଦ୍ରାସ୍ଫୀତି ବୃଦ୍ଧିର ଏହା ଏକ ପ୍ରମୁଖ କାରଣ। ପେଟ୍ରୋଲ ଓ ଡିଜେଲ ଦରବୃଦ୍ଧି ହେତୁ ସବୁ ପ୍ରକାର ଅତ୍ୟାବଶ୍ୟକ ସାମଗ୍ରୀର ଦର ବଢୁଛି ଏବଂ ଏହା ଫଳରେ ଲୋକଙ୍କ ଜୀବନ ଧାରଣର ମାନ ହ୍ରାସ ପାଉଛି। ପରିବହନ ଖର୍ଚ୍ଚ ବୃଦ୍ଧି ପାଉଛି। ସେହିପରି ଡିଜେଲର ବ୍ୟାପକ ବ୍ୟବହାର ପଳରେ ବାୟୁ ପ୍ରଦୂଷଣ ମଧ୍ୟ ବୃଦ୍ଧି ପାଉଛି। ଡିଜେଲ ପରିବର୍ତ୍ତେ ସିଏନଜି ବ୍ୟବହାରକୁ ଏବେ ପ୍ରାଥମିକତା ଦିଆଯାଉଛି। ଏହା ବି ନ୍ୟାଚୁରାଲ ଗ୍ୟାସରୁ ଉତ୍ପନ୍ନ ହେଉଛି ଯାହା ସବୁ ଦେଶରେ ଉପଲବ୍ଧ ନୁହେଁ। ଏଥିପାଇଁ ଅନେକ ଦେଶ ନ୍ୟାଚୁରାଲ ଗ୍ୟାସ ଚଢ଼ା ଦରରେ ଆମଦାନୀ କରିବାକୁ ବାଧ୍ୟ ହେଉଛନ୍ତି। ସେହିପରି କୋଇଲା ଆଉ ଏକ ଫସିଲ ଇନ୍ଧନ ଯାହା ଥର୍ମାଲ ପାୱାର ଉତ୍ପାଦନ ନିମନ୍ତେ ଆବଶ୍ୟକ। ଶିଳ୍ପ କ୍ଷେତ୍ରରେ କୋଇଲାର ବ୍ୟବହାର ବଢ଼ି ଚାଲିଛି। ୟୁକ୍ରେନ-ରଷିଆ ଯୁଦ୍ଧ ଆରମ୍ଭ ହେବା ପରେ କୋଇଲା ଦର ମଧ୍ୟ ବଢ଼ିଛି। ଫଳରେ କୋଇଲା ଆମଦାନୀ ବାବଦରେ ବିପୁଳ ଅର୍ଥ ବ୍ୟୟ କରିବାକୁ ପଡୁଛି। କୋଇଲାର ବ୍ୟାପକ ବ୍ୟବହାର ଯୋଗୁ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଗ୍ୟାସ ପରିମାଣ ବୃଦ୍ଧି ପାଉଛି। ଏଭଳି ପରିସ୍ଥିତିରେ ବାୟୁ ପ୍ରଦୂଷଣ ଏଭଳି ଏକ ସ୍ଥିତିରେ ପହଞ୍ଚିଛି ଯେ, ଏହା ଜଳବାୟୁ ପରିବର୍ତ୍ତନର ଏକ ପ୍ରମୁଖ କାରଣ ହୋଇଛି। ଜଳବାୟୁ ପରିବର୍ତ୍ତନ ଯୋଗୁ ନାନା ସମସ୍ୟା ସୃଷ୍ଟି ହେଉଛି। ଏହା ପ୍ରାକୃତିକ ବିପର୍ଯ୍ୟୟର ମୁଖ୍ୟ କାରଣ। ଅନିୟମିତ ବର୍ଷା, ଭୟଙ୍କର ଗ୍ରୀଷ୍ମ ପ୍ରବାହ ଏବଂ ବାରମ୍ବାର ଝଡ଼ବାତ୍ୟା ତଥା ମାତ୍ରାଧିକ ବର୍ଷା ହେତୁ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି। ତେଣୁ ବିଶ୍ୱ ସ୍ତରରେ ବାୟୁ ପ୍ରଦୂଷଣ ରୋକିବା, ଜଳବାୟୁ ପରବର୍ତ୍ତନ ଜନିତ ସମସ୍ୟାର ସମାଧାନ କରିବା ଏବଂ ପ୍ରାକୃତିକ ବିପର୍ଯ୍ୟୟକୁ ନିୟନ୍ତ୍ରଣ କରିବା ଏକ ପ୍ରକାର ଚାଲେଞ୍ଜରେ ପରିଣତ ହୋଇଯାଇଛି। ବାୟୁ ପ୍ରଦୂଷଣ ରୋକିବା ବା ବାୟୁରେ ଅଙ୍ଗାରକାମ୍ଳ ଗ୍ୟାସ ମାତ୍ରା ହ୍ରାସ କରିବା ଲାଗି ଏବେ ଏକ ପ୍ରକାର ଜନଆନ୍ଦୋଳନ ଆରମ୍ଭ ହୋଇଛି। ଭାରତ ସରକାର ଏଥିପାଇଁ ଏକ ନିଜସ୍ୱ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ୨୦୭୦ ସୁଦ୍ଧା ଜିରୋ କାର୍ବନ ଏମିଶନ ଲାଗି ଭାରତ ଲକ୍ଷ୍ୟ ରଖିଛି। ଏଥିପାଇଁ ଫସିଲ ବ୍ୟବହାରକୁ ହ୍ରାସ କରି ଗ୍ରୀନ ଏନର୍ଜୀ ଉତ୍ପାଦନ ବୃଦ୍ଧି କରିବା ଏକମାତ୍ର ଉପାୟ। ଭାରତରେ ଏଥିଲାଗି ଏବେ ଯୁଦ୍ଧକାଳୀନ ପ୍ରୟାସ ଆରମ୍ଭ ହୋଇଛି। ଉଭୟ ସରକାରୀ ଏବଂ ବେସରକାରୀ ସ୍ତରରେ ଏଥିଲାଗି ପ୍ରୟାସ ଚାଲିଛି। କୋଟି କୋଟି ଟଙ୍କା ବିନିଯୋଗ ହେଉଛି। ଗ୍ରୀନ ଏନର୍ଜୀ ଉତ୍ପାଦନ ବୃଦ୍ଧି ଲାଗି ସରକାର ମଧ୍ୟ ପ୍ରୋତ୍ସାହନ ପ୍ରଦାନ କରୁଛନ୍ତି। ଅବଶ୍ୟ ଏଥିପାଇଁ ଆହୁରି ଅଧିକ ପ୍ରୋତ୍ସାହନର ଆବଶ୍ୟକତା ରହିଛି। ଏବେ ଭାରତରେ କେତେକ ଘରୋଇ କମ୍ପାନୀ ସୋଲାର ଏବଂ ୱିଣ୍ଡ ପାୱାର ପ୍ରକଳ୍ପ ଆରମ୍ଭ କରିଛନ୍ତି।

# ଉତ୍କଳମଣି ବିଚିତ୍ରାନନ୍ଦ ପ୍ରଧାନ

॥ ସୌଭାଗ୍ୟ ରଂଜନ ମହାନ୍ତି ॥

ଆଜିର ବସ୍ତୁସର୍ବସ୍ୱ ଓ ସ୍ୱାର୍ଥ ସର୍ବସ୍ୱ ସମୟରେ ମନେପଡ଼ିଯାଉଛନ୍ତି ଓଡ଼ିଆ ଜାତିର ମଉଡମଣି ଉତ୍କଳମଣି ଗୋପବନ୍ଧୁ। ପ୍ରତିଟି ଓଡ଼ିଆଙ୍କ ପାଇଁ ତାଙ୍କ ହୃଦୟ କାନ୍ଦୁଥିଲା। ତାଙ୍କର ନିଃସ୍ୱାର୍ଥପର ଓଡ଼ିଆର ପ୍ରିୟ ଭାବନା ସହ ସମସ୍ତଙ୍କ ଦୁଃଖ, ଯନ୍ତ୍ରଣା ଓ କଷ୍ଟ ସମୟରେ ସେ ଛିଡ଼ା ହୋଇ ବଢ଼ାଉଥିଲେ ସାହାଯ୍ୟର ହାତ। ଆଜି ପ୍ରତିଟି ଓଡ଼ିଆ ପ୍ରତିଟି ମୁହୂର୍ତ୍ତରେ ତାଙ୍କୁ ଅତି ସମ୍ମାନର ସହିତ ମନେପକାଉଛନ୍ତି। ସେ ନିଜକୁ ବିଜ୍ଞପିତ କରିବା ପାଇଁ ଚାହୁଁନଥିଲେ। ତାଙ୍କର ପଦପଦବୀ, ସ୍ୱାର୍ଥ, ସମ୍ମାନ, ଗରିମା ବା ବ୍ୟକ୍ତି ଲାଳସା କିଛି ହିଁ ନଥିଲା। ତାଙ୍କର କେବଳ ଥିଲା ଏହି ଜାତି ପ୍ରତି ଦୃଢ଼ ଭଲପାଇବା। ସେ ସମୟରେ ଯେତେବେଳେ ଚାରିଆଡ଼େ ବନ୍ୟା, ବାତ୍ୟା ଓ ଦୁର୍ଭିକ୍ଷର ହା ହାକାର ସବୁଠି ଦୁଃଖ ଭରିଦେଇଥିଲା କିନ୍ତୁ ସେ ସମୟରେ ଉତ୍କଳମଣି ନିଜ ଏକମାତ୍ର ପିଲାର ଜୀବନକୁ ପଛରେ ପକାଇ ଧାଇଁ ଯାଇଥିଲେ ସେବାକାର୍ଯ୍ୟ ପାଇଁ। ତାଙ୍କ ବଳୀଦାନ ପ୍ରାତଃ ସ୍ମରଣୀୟ ଓ ଚିରସ୍ମରଣୀୟ ନିଶ୍ଚୟ। ଆଜିର ସମୟକୁ ଦେଖିଲେ ଆମ ଭିତରେ ଅନେକ ଅଛନ୍ତି ଯେଉଁମାନେ ସେମାନଙ୍କର ବଦାନ୍ୟ କାର୍ଯ୍ୟ ପାଇଁ ନିଜକୁ ପ୍ରଚାର ଓ ପ୍ରସାର ସର୍ବସ୍ୱ ଦିଗରେ ନେଉଛନ୍ତି। ଯଦିଓ ସମସ୍ତେ ସେହି ଚରିତ୍ରର ନୁହଁନ୍ତି କିନ୍ତୁ ଉତ୍କଳମଣି ଗୋପବନ୍ଧୁ ଏହା ଠାରୁ ଥିଲେ ବହୁ ଦୂରରେ। ଓଡ଼ିଶା ଇତିହାସରେ ୧୮୭୭ ମସିହା ଅକ୍ଟୋବର ୯ ତାରିଖ ହେଉଛି ଏକ ଚିରସ୍ମରଣୀୟ ଦିବସ। ସେହିଦିନ ଉତ୍କଳର ଅନ୍ୟତମ ବରପୁତ୍ର, ସ୍ୱାଧିନତା ସଂଗ୍ରାମୀ ପଣ୍ଡିତ ଗୋପବନ୍ଧୁ ଦାସ ଜନ୍ମ ଗ୍ରହଣ କରିଥିଲେ। ଗୋପବନ୍ଧୁଙ୍କ ପରି ଯୋଗଜନ୍ମା ସନ୍ତାନ ପାଇ ଉତ୍କଳମାତା ଧନ୍ୟ ହୋଇଥିଲା। ତ୍ୟାଗ ଓ ମାନବିକତାର ଏକ ମଣି ସଦୃଶ୍ୟ ଥିଲେ ଉତ୍କଳମଣି ଗୋପବନ୍ଧୁ। ପୁରୀ ଜିଲ୍ଲା ସ୍କୁଲରେ ଗୋପବନ୍ଧୁଙ୍କ ପିତା ଗୋପବନ୍ଧୁଙ୍କୁ ଅଧ୍ୟୟନ ପାଇଁ ରାମଚନ୍ଦ୍ର ଦାସଙ୍କ ଦାୟିତ୍ୱରେ ଛାଡିଥିଲେ। ରାମଚନ୍ଦ୍ର ଦାସ ନିଃସ୍ୱ ଓ ନିରାଶ୍ରୟଙ୍କ ସେବା, ଦେଶଭକ୍ତି ଭଳି ମହତ କାର୍ଯ୍ୟ କରିବାକୁ ଛାତ୍ର ମାନଙ୍କୁ ପ୍ରେରଣା ଦେଉଥିଲେ। ଛାତ୍ରଜୀବନରୁ ଗୋପବନ୍ଧୁ ରାମଚନ୍ଦ୍ରଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ତାଙ୍କ ମନରେ ଦେଶାତ୍ମବୋଧ ବିଶେଷ ଭାବରେ ବଢ଼ିଯାଇଥିଲା ଓ ଦରିଦ୍ର ଅସହାୟ ବ୍ୟକ୍ତିଙ୍କ ପାଇଁ ସେବା କରିବାକୁ ସେ କେବେହେଲେ ପଛେଇ ନଥିଲେ। ଛାତ୍ର ଜୀବନରେ ସେ ପୁରୀରେ ସାଙ୍ଗ ଛାତ୍ରମାନଙ୍କୁ ନେଇ 'ପୁରୀ ସେବା ସମିତି" ଗଠନ କରି ଜନ ସେବା କରିବା ପାଇଁ ଦୃଢ଼ ପ୍ରୟାସ କରିଥିଲେ। ପୁରୀ ସହରରେ ହଇଜା ବ୍ୟାପିଥାଏ। କେତେକ ତୀର୍ଥ ଯାତ୍ରୀ ହଇଜାରେ ମୃତ୍ୟୁବରଣ କରିଥାନ୍ତି। କୁଢ଼ କୁଢ଼ ଶବ ଏଣେତେଣେ ପଡିଥାଏ, ଦୁର୍ଗନ୍ଧରେ ସହର ବଜାର ଫାଟି ପଡୁଥାଏ। ଗୋପବନ୍ଧୁ ସେବା ସମିତି ମାଧ୍ୟମରେ ପଡିଥିବା ଶବ ଗୁଡିକ ସହର ବାହାରକୁ ନେଇ ପୋଡି ଦେଇଥିଲେ ଓ ସହରକୁ ସଂକ୍ରମଣ ମୁକ୍ତ କରିଥିଲେ। ଛାତ୍ର ବୟସରେ ଗୋପବନ୍ଧୁଙ୍କର ଦୃଢ଼ ଇଚ୍ଛାଶକ୍ତି ଓ ଜନସେବା କରିବାର ପ୍ରୟାସ ସହରର ଲୋକମାନଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଥିଲା। କେବଳ ସେତିକି ନୁହେଁ, କଟକରେ ମଧ୍ୟ ରେଭେନ୍‌ସା କଲେଜରେ ଅଧ୍ୟୟନ ସମୟରେ 'କର୍ତ୍ତବ୍ୟବୋଧିନୀ' ନାମକ ସମିତି ଗଠନ କରିଥିଲେ। କଲିକତା ବିଶ୍ୱବିଦ୍ୟାଳୟ ଓଡ଼ିଆ ଭାଷା ପ୍ରତି ଅବିଚାର କରିଥିବା ବିରୋଧରେ ଏହି ସମିତି ମାଧ୍ୟମରେ ସଂଗ୍ରାମ କରି ଗୋପବନ୍ଧୁ ଜୟଯୁକ୍ତ ହୋଇଥିଲେ। ଛାତ୍ର ଜୀବନରୁ ଗୋପବନ୍ଧୁଙ୍କ ହୃଦୟରେ ଜନସେବା ଓ ଜାତୀୟତା ଭାବ ଜାଗ୍ରତ ହୋଇଥିଲା, ସେହିଦିନଠାରୁ ସେ ଆଉ ପଛକୁ ଚାହିଁ ନାହାଁନ୍ତି। ଚାଲିଛନ୍ତି ଦେଶ ଓ ଜାତିର ସେବା କରିବା ପାଇଁ ଓ ଅସହାୟଙ୍କ ପାଇଁ ସହାୟତାର ହାତ ବଢ଼ାଇବାର ପ୍ରୟାସ ନେଇ। ୧୯୦୯ ମସିହାରେ ଛୁରିଅନା କୁଞ୍ଜତଳେ ବନବିଦ୍ୟାଳୟ ସ୍ଥାପନ କରି ଗୋପବନ୍ଧୁ ଉତ୍କଳୀୟ ସଂସ୍କୃତିକୁ ଚେତନାଶୀଳ କରାଇଥିଲେ। ନୀଳକଣ୍ଠ, ହରିହର ଗୋଦାବରୀଶ, କୃପାସିନ୍ଧୁ, ଲିଙ୍ଗରାଜ ଓ ଅନନ୍ତ ମିଶ୍ର ଆଦି ଏହି ଅନୁଷ୍ଠାନ ପାଇଁ ଅଗ୍ରଣୀ ଭୂମିକା ନିର୍ବାହ କରିଥିଲେ। ଗୁରୁକୂଳ ଆଶ୍ରମ ପରିବେଶ ମଧ୍ୟରେ ପିଲାମାନଙ୍କୁ ପାଠ ସହ ନୈତିକ ମୂଲ୍ୟବୋଧଭିତ୍ତିକ ଶିକ୍ଷା ପ୍ରଦାନ କରାଯାଉଥିଲା। ଗୋପବନ୍ଧୁଙ୍କର ଏହିଭଳି ମହତ କାର୍ଯ୍ୟକୁ ଦେଖି ଲୋକେ ପ୍ରଶଂସାରେ ଶତମୁଖର ହୋଇଥିଲେ। ଜାତୀୟତାବାଦର ଏକ ନୂତନଧାରା ସତ୍ୟବାଦୀର ସାଧକ ଗୋଷ୍ଠି ସାହିତ୍ୟ ମାଧ୍ୟମରେ ପ୍ରକାଶକରି ଯେଉଁ ମାନବୀୟ ଆଦର୍ଶବାର୍ତ୍ତା ପ୍ରଚାର କରି ଯାଇଛନ୍ତି ତାହା ସେମାନଙ୍କୁ ଚିରଦିନ ପାଇଁ ବଞ୍ଚାଇ ରଖିଥିବ। ସତ୍ୟବାଦୀ ବନବିଦ୍ୟାଳୟ ପ୍ରତିଷ୍ଠା କରିବା ସମୟରେ ଗୋପବନ୍ଧୁ ଓଡ଼ିଆ ଭାଷାକୁ ପ୍ରଚାର ଓ ପ୍ରସାର କରିବା ନିମି 'ସତବାଦୀ' ନାମକ ମାସିକ ସାହିତ୍ୟ ପତ୍ରିକା ଓ 'ସମାଜ' ନାମରେ ସାପ୍ତାହିକ ସମ୍ବାଦ ପତ୍ରିକା ପ୍ରକାଶ କରିଥିଲେ। ସମାଜ ସାପ୍ତାହିକ ପତ୍ରିକା ପରବର୍ତ୍ତୀ ସମୟରେ ମାସିକ ପତ୍ରିକା ଭାବେ ସାରା ଓଡ଼ିଶାରେ ଜନାଦୃତ ହୋଇ ସମ୍ବାଦ ସରବରାହ କ୍ଷେତ୍ରରେ ଖ୍ୟାତି ଅର୍ଜନ କରିଛି। ସମାଜ କାର୍ଯ୍ୟାଳୟ ବନ୍ୟା, ବାତ୍ୟା ସମୟରେ ଦୁର୍ଗତ ଲୋକମାନଙ୍କୁ ଖାଦ୍ୟ ବଣ୍ଟନ କରି, ଅସହାୟମାନଙ୍କୁ ସାହାଯ୍ୟ କରିଥାଏ। ଗୋପବନ୍ଧୁଙ୍କର ଜାତୀୟତାବୋଧ ଥିଲା ଅନ୍ତର୍ମୁଖୀ, ଏଥିରେ ତିଳେମାତ୍ର ସଂକୀର୍ଣ୍ଣତା ଭାବ ନଥିଲା। ତାଙ୍କର ଜାତୀୟ ଚେତନା ଥିଲା ଆକାଶ ପରି ବ୍ୟାପକ। ସେ ଭଲ ଭାବରେ ଜାଣିଥିଲେ, ନିଜସ୍ୱ ପରମ୍ପରା ଓ ସଂସ୍କୃତି ଛାଡି ଜାତୀୟ ଜୀବନ ପରିକଳ୍ପନା କରାଯାଇ ନପାରେ।

ମହା ମାନବ ମହାତ୍ମାଗାନ୍ଧିଙ୍କ ଡାକରାରେ ଗୋପବନ୍ଧୁ ଭାରତୀୟ ସ୍ୱାଧିନତା ସଂଗ୍ରାମରେ ଝାସ ଦେଇଥିଲେ। ପରମୂହୂର୍ତ୍ତରେ ତାଙ୍କୁ ଜେଲ ବରଣ କରିବାକୁ ପଡିଥିଲା। ତାଙ୍କର କେତେକ ପୁସ୍ତକ, ଅବକାଶ ଚିନ୍ତା, କାରା କବିତା, ବନ୍ଦୀର ଆତ୍ମକଥ, ଧର୍ମପଦ, ଗୋମାହାତ୍ମ୍ୟ ଓ ନଚିକେତା ଉପଖ୍ୟାନ ପାଠକ ମାନଙ୍କର ମନଛୁଇଁ ପାରିଛି। ତାଙ୍କ କବିତାରେ ବିରତ୍ୱର ପ୍ରେରଣା, ତ୍ୟାଗ ଓ ସ୍ୱଦେଶପ୍ରୀତି ପ୍ରତିଫଳିତ ହୋଇଅଛି। ମଧୁସୂଦନଦାସଙ୍କ ଠାରୁ ପ୍ରେରଣା ପାଇ ଦେଶ ଓ ଜାତିର ସେବା ଉଦ୍ଦେଶ୍ୟରେ ଗୋପବନ୍ଧୁ ନିର୍ବାଚନ ଜିତି ବିହାର ଓଡ଼ିଶା ଲେଜିସ୍‌ଲେଟିଭ୍ କାଉନସିଲ୍‌ର ସଭ୍ୟ ପଦ ପାଇଥିଲେ। ଓଡ଼ିଶାର ବନ୍ୟା ଦୁର୍ଗତଙ୍କ ପାଇଁ ଗୋପବନ୍ଧୁ ସାହାଯ୍ୟ ସଂଗ୍ରହ କରି ନିଃସ୍ୱ ଓ ନିସହାୟ ଲୋକମାନଙ୍କୁ ଦୁର୍ଦ୍ଦିନରେ ସହାୟ ହୋଇଥିଲେ। ଗୋପବନ୍ଧୁ ମନୁଷ୍ୟର ଦୁଃଖ ଦୈନ୍ୟରେ ଲହୁଲୁହାଣ ହୋଇ ଲୁହ ଝରାଉଥିଲେ ଓ ଘାତ ପ୍ରତିଘାତ ସତ୍ତ୍ୱେ ସହାୟତାର ସମସ୍ତ ପ୍ରୟାସ କରୁଥିଲେ। ନିଜର ବ୍ୟକ୍ତିଗତ ଅଭାବ ଅସୁବିଧାକୁ ଅଣଦେଖାକରି, ସେ ନିଃସ୍ୱ ନିସହାୟକୁ ବଞ୍ଚିବାର ରାହା ଦେଖାଇଥିଲେ। ଗୋପବନ୍ଧୁ ଭାବୁଥିଲେ ମମତା ଓ ଭାତୃଭାବ ହିଁ ହେଉଛି ଜାତୀୟତାର ମୂଳମନ୍ତ୍ର। ବ୍ୟକ୍ତି ସ୍ୱାର୍ଥ ଅପେକ୍ଷା ଗଣସ୍ୱାର୍ଥରେ ଜାତୀୟତାର ବିକାଶ ହୁଏ। ପଣ୍ଡିତ ଗୋପବନ୍ଧୁ ଦାସ ପ୍ରତ୍ୟେକ ଓଡ଼ିଆ ପ୍ରାଣରେ ଭରି ଦେଇଥିଲେ ତ୍ୟାଗ ଓ ଦେଶ ପ୍ରେମର ବାର୍ତ୍ତା। ଦେଶ ଓ ଜାତିର ଉନ୍ନତି ପାଇଁ ସେ ନିଜକୁ ସମର୍ପିତ କରି ଦେଇଥିଲେ। ଦେଶ ଓ ଜାତି ପାଇଁ ଏପରି ଆତ୍ମବଳିଦାନର ପରମ୍ପରା କେବଳ ଗୋପବନ୍ଧୁ ସୃଷ୍ଟି କରି ଯାଇଛନ୍ତି। ସେ ଥିଲେ ଜାତୀୟତାର ଜୀବନ୍ତ ପ୍ରତୀକ। ସମଗ୍ର ବିଶ୍ୱ ସାହିତ୍ୟରେ ଏପରି ଚିନ୍ତାଧାରା ଦେଖିବାକୁ ମିଳେ ନାହିଁ। ବାସ୍ତବରେ ଗୋପବନ୍ଧୁ ଥିଲେ ଜଣେ ଦରଦୀ, ପରପୋକାରୀ, ହୃଦୟବାନ ମଣିଷ। ତାଙ୍କର ତ୍ୟାଗ ଓ ଜାତି ପ୍ରେମ ପାଇଁ ଓଡ଼ିଆ ଜାତି ତାଙ୍କୁ ଚିରଦିନ ପାଇଁ ମନେ ରଖିଥବ। ଉତ୍କଳମଣିଙ୍କୁ ସ୍ମରଣ କରିବା ପାଇଁ ତାଙ୍କ ଜନ୍ମତିଥି ବା ଶ୍ରାଦ୍ଧ ଦିବସରେ କେବଳ ପୁଷ୍ପମାଲ୍ୟ ଦେଲେ ଚଳିବ ନାହିଁ। ତାଙ୍କ ନିଃସ୍ୱାର୍ଥପର ସେବା ମନୋଭାବ ନିଜ ଜୀବନରେ ବ୍ରତ ଭାବେ ଗ୍ରହଣ କଲେ ଏହା ହେବ ଉତ୍କଳମଣିଙ୍କ ପାଇଁ ଶ୍ରେଷ୍ଠ ଅର୍ଘ୍ୟ ଓ ଶ୍ରେଷ୍ଠ ସମ୍ମାନ।

ସେକ୍ଟର -୯, ସିଡିଏ, କଟକ, ଦୂରଭାଷ : ୯୯୩୭୨୨୪୦୮୫,

"
ମହା ମାନବ ମହାତ୍ମାଗାନ୍ଧିଙ୍କ ଡାକରାରେ ଗୋପବନ୍ଧୁ ଭାରତୀୟ ସ୍ୱାଧିନତା ସଂଗ୍ରାମରେ ଝାସ ଦେଇଥିଲେ। ପରମୂହୂର୍ତ୍ତରେ ତାଙ୍କୁ ଜେଲ ବରଣ କରିବାକୁ ପଡିଥିଲା। ତାଙ୍କର କେତେକ ପୁସ୍ତକ, ଅବକାଶ ଚିନ୍ତା, କାରା କବିତା, ବନ୍ଦୀର ଆତ୍ମକଥ, ଧର୍ମପଦ, ଗୋମାହାତ୍ମ୍ୟ ଓ ନଚିକେତା ଉପଖ୍ୟାନ ପାଠକ ମାନଙ୍କର ମନଛୁଇଁ ପାରିଛି। ତାଙ୍କ କବିତାରେ ବିରତ୍ୱର ପ୍ରେରଣା, ତ୍ୟାଗ ଓ ସ୍ୱଦେଶପ୍ରୀତି ପ୍ରତିଫଳିତ ହୋଇଅଛି। ମଧୁସୂଦନଦାସଙ୍କ ଠାରୁ ପ୍ରେରଣା ପାଇ ଦେଶ ଓ ଜାତିର ସେବା ଉଦ୍ଦେଶ୍ୟରେ ଗୋପବନ୍ଧୁ ନିର୍ବାଚନ ଜିତି ବିହାର ଓଡ଼ିଶା ଲେଜିସ୍‌ଲେଟିଭ୍ କାଉନସିଲ୍‌ର ସଭ୍ୟ ପଦ ପାଇଥିଲେ।

# କଳା ଅବତାର, ଅଂଶାବତାର ଓ ରାମାବତାର

॥ ଡା.ଦିଲ୍ଲୀପ କୁମାର ମହାରଣା ॥

ଭଗବାନଙ୍କର କଳା ବା ଅଂଶ ନେଇ ଯଦି କୌଣସି ଅବତାର ପୃଥିବୀରେ ଅବତୀର୍ଣ୍ଣ ହୁଅନ୍ତି ତାହେଲେ ତାଙ୍କୁ ଭଗବାନଙ୍କର କଳା ଅବତାର ବୋଲି କୁହାଯାଏ। ଭଗବାନଙ୍କର କଳା ବା ଅଂଶ ନେଇ ଯଦି କୌଣସି ଅବତାର ପୃଥିବୀରେ ଅବତୀର୍ଣ୍ଣ ହୁଅନ୍ତି ତାହେଲେ ତାଙ୍କୁ ଭଗବାନଙ୍କର କଳାବତାର ବୋଲି କୁହାଯାଏ। ଭଗବାନଙ୍କର ଯେତେ ଗୁଡ଼ିଏ ଅବତାର ଅଛି ତା ମଧ୍ୟରୁ ଅଂଶାବତାର ବା କଳାବତାର ଅଧିକ। କଳାବତାର ଓ ଅଂଶାବତାର ମଧ୍ୟରେ ସାମ୍ୟ ସୁସ୍ପଷ୍ଟ। ଏ ସମ୍ପର୍କରେ ଭାଗବତରେ ଯଥେଷ୍ଟ ଆଲୋଚନା କରାଯାଇଛି। ଭାଗବତ ଦଶମସ୍କନ୍ଦ ପଞ୍ଚମ ଅଧ୍ୟାୟ ୨୪ ପଦରେ ଶେଷନାଗଙ୍କୁ କଳାବତାର ବୋଲି ବର୍ଣ୍ଣନା କରାଯାଇଥିଲା ବେଳେ ଏକାଦଶ ସ୍କନ୍ଦ ଦ୍ୱିତୀୟ ଅଧ୍ୟାୟ ପ୍ରଥମ ପଦରେ ଅଂଶାବତାର ବୋଲି କୁହାଯାଇଛି ତେଣୁ ଅଂଶାବତାର ଓ କଳାବତାର ଭିତରେ ଶବ୍ଦର ପାର୍ଥକ୍ୟ ପରିଲକ୍ଷିତ ହେଲେ ମଧ୍ୟ ଅର୍ଥଗତ ସାମ୍ୟ ସୁସ୍ପଷ୍ଟ। କଳାବତାର ବା ଅଂଶାବତାର ପ୍ରାଚୀନତା ଦେଖିବାକୁ ଗଲେ ମନେ ହୁଏ ଯେ ଏହା ବହୁ ପ୍ରାଚୀନ କାଳରୁ ସାହିତ୍ୟର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖିତ। ସେଥିରେ ଅବତାର ସହିତ କଳାରୂପ ଓ କଳାଶକ୍ତିର ମଧ୍ୟ ବ୍ୟବହାର ହୋଇଛି।

ବିଷ୍ଣୁଙ୍କର ଅବତାର ମଧ୍ୟରେ ହେଉଛି ସପ୍ତମ ଅବତାର। ଏହି ଅବତାର ସମ୍ପୂର୍ଣ୍ଣ ମାନବ ଅବତାର। ଜଣେ ପ୍ରତାପୀ ମେଧା, ପ୍ରଜ୍ଞାଦୀପ୍ତ, ସ୍ଥିତପ୍ରଜ୍ଞା, ବିଚକ୍ଷଣ ଓ ବୀର ଭାବରେ ରାମାବତାର ଚିତ୍ରିତ ହୋଇଛି। ଧର୍ମର ପ୍ରତିଷ୍ଠା ଏବଂ ଅଧର୍ମ ବିରୁଦ୍ଧରେ ସଂଗ୍ରାମ ତଥା ଦୁଷ୍ଟ ସଂହାର ପାଇଁ ଭଗବାନ ମାନବ ଦେହରେ ଅବତୀର୍ଣ୍ଣ ହୁଅନ୍ତି। ଏହି ମୌଳିକ କାରଣ ଲାଗି ରାମଅବତାରର ପ୍ରୟୋଜନ। ଅତ୍ୟାଚାରୀ ରାବଣର ଅତ୍ୟାଚାରରେ ଜର୍ଜରିତ ଧରଣୀକୁ ଉଦ୍ଧାର କରିବା ପାଇଁ ଏବଂ ସତ୍ୟ ଧର୍ମ ନ୍ୟାୟର ପ୍ରତିଷ୍ଠା ପାଇଁ ରାବଣର ବିନାଶ ପାଇଁ ବିଷ୍ଣୁଙ୍କର ରାମଚନ୍ଦ୍ର ଅବତାର।

ପ୍ରାଚୀନ ଯୁଗଠାରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ଭାରତୀୟ ସାହିତ୍ୟରେ ଯେଉଁ ଦୁଇଜଣ କାବ୍ୟ ନାୟକ ସାହିତ୍ୟକୁ ଋଦ୍ଧିମନ୍ତ କରିପାରିଛନ୍ତି ସେମାନେ ହେଲେ ରାଘବ ଶ୍ରୀରାମଚନ୍ଦ୍ର ଏବଂ ବାସୁଦେବ ଶ୍ରୀକୃଷ୍ଣ। ଭାରତୀୟ ସଂସ୍କୃତି ମୁଖ୍ୟତଃ ଏହି ଦୁଇଜଣଙ୍କୁ କେନ୍ଦ୍ର କରି ଗତି କରିଆସିଛି। ରାମଚନ୍ଦ୍ରଙ୍କର ଅବତାରତ୍ୱ ଅପେକ୍ଷା କାବ୍ୟ ନାୟକତ୍ୱ ଅଧିକ ମାତ୍ରାରେ ପ୍ରତିପାଳିତ। କାବ୍ୟ କବିତା ଗୁଡ଼ିକରେ ତାଙ୍କର ବେଦତ୍ୱ ଅପେକ୍ଷା ମାନବୀୟ ଗୁଣାବଳୀକୁ ଅଧିକ ପ୍ରାଧାନ୍ୟ ଦିଆଯାଇଛି। ତେଣୁ ରାମ ସାହିତ୍ୟ ପାଠକଲେ ପାଠକ ଭୁଲିଯାଏ ସେ ରାମଚନ୍ଦ୍ର ଜଣେ ସାଧାରଣ ମାନବ। ପାଠକ ହଜିଯାଏ କାବ୍ୟ ଭିତରେ ମଜିଯାଏ ତାର ଚରିତ୍ର ଗୁଣାବଳୀ ଗୁଡ଼ିକରେ ଭିଜିଯାଏ ତାଙ୍କର ଆଦର୍ଶ ଅନ୍ତର୍ନିହିତ ସତ୍ତା ଭିତରେ। କବି ଜଗନ୍ନାଥ ଦାସ ତାଙ୍କ 'ଟୀକା ରାମାୟଣ'ରେ ରାମଚନ୍ଦ୍ରଙ୍କର ଅବତାର ଗୁଣ ଅପେକ୍ଷା ମାନବୀୟ ଗୁଣର ବିଶେଷ ଗୁରୁତ୍ୱ ଆରୋପ କରିଛନ୍ତି। କବି ରାମଚନ୍ଦ୍ରଙ୍କର ଜନ୍ମ ବୃତ୍ତାନ୍ତ ଆରମ୍ଭ କରିବାକୁ ଯାଇ ବର୍ଣ୍ଣନା କରିଛନ୍ତି ଯେ ରାମଚନ୍ଦ୍ର ହେବେ ସମ୍ପୂର୍ଣ୍ଣ ମାନବ ଯେଉଁଠି ଶଙ୍ଖ, ଚକ୍ର, ଗଦା ପଦ୍ମଧାରୀ ଚତୁର୍ଭୁଜ ଅପେକ୍ଷା ଦୁଇଭୁଜଧାରୀ ମାନବ ଶକ୍ତି, ସାହାସ ସଂଗ୍ରାମର ଅଧିକାରୀ ଅପେକ୍ଷା ଏକ ସାଧାରଣ ମାନବ ରୂପରେ ଗ୍ରହଣ କରିବା ଲାଗି ରାମଚନ୍ଦ୍ରଙ୍କର ଜନ୍ମ ପଛରେ ଥିଲା ପରମବ୍ରହ୍ମଙ୍କର ପରମ ନିର୍ଦ୍ଦେଶ। ସାଧାରଣତଃ ରାବଣର ନିଧନ ହେଉ ବା ଧର୍ମ ସଂସ୍ଥାପନା ନିମିତ୍ତ ହେଉ ଏହି ସବୁ ମଧ୍ୟରେ ଗୋଟିଏ ଅଖଣ୍ଡ ଚେତନା ସ୍ରୋତ ପ୍ରବାହିତ ହେଉଛି ତାହା ହେଉଛି ଇଚ୍ଛାମୟଙ୍କର ଲୀଳା ଯାହାକି ସାଧାରଣ ମଣିଷଙ୍କର ଅପେକ୍ଷା ଏକ ଅଲୌକିକ କାର୍ଯ୍ୟ ରୂପେ ଦୃଷ୍ଟିଗୋଚର ହୋଇପାରେ। କବି ଜଗନ୍ନାଥ ଦାସ ତାଙ୍କ 'ଟୀକା ରାମାୟଣ' ରେ ରାମଚନ୍ଦ୍ରଙ୍କୁ ଏକ ମାନବୀୟ ଚରିତ ରୂପେ କଳ୍ପନା କରିଥିଲେ ହେଁ ଅନେକ ସ୍ଥଳରେ ଦର୍ଶାଇଛନ୍ତି ଯେ ରାମଚନ୍ଦ୍ରଙ୍କ ଦ୍ୱାରା ତାଡ଼କା ନିଧନ ପରେ ତାଡ଼କାର ସ୍ୱର୍ଗ ପ୍ରାପ୍ତ ହେଲା। ଏହି ଦୃଶ୍ୟ ଦେଖି ବିଶ୍ୱାମିତ୍ର ବିଶ୍ୱାସ କଲେ ଯେ ରାମଚନ୍ଦ୍ର ହିଁ ସ୍ୱୟଂ ବିଷ୍ଣୁ। ବିଷ୍ଣୁଙ୍କର ସମସ୍ତ କାର୍ଯ୍ୟ ଓ ଗୁଣାବଳୀରେ ଅନୁରଞ୍ଜିତ ତେଣୁ ବିଶ୍ୱାମିତ୍ର ଭାବିଲେ ରାମଚନ୍ଦ୍ର ସାଧାରଣ ମଣିଷ ନୁହଁନ୍ତି। ରାମ ଅବତାରର ପୂର୍ବବର୍ତ୍ତୀ ଅବତାରଗୁଡ଼ିକରେ ଭଗବାନଙ୍କର ପ୍ରକଟିତ ଲୀଳାଖେଳା ପରି ରାମ ଅବତାରରେ ମଧ୍ୟ ସେହିପରି ଲୀଳା ଖେଳା ପ୍ରକଟିତ।

ସାରଳା ମହାଭାରତର ବନପର୍ବରେ ରାମଚରିତ ସଂକ୍ଷେପ ଭାବରେ ବର୍ଣ୍ଣିତ ହୋଇଛି। ଏତଦବ୍ୟତୀତ ଭୀଷ୍ମ ପର୍ବରେ ମଧ୍ୟ ରାମ ଅବତାରର ଉଲ୍ଲେଖ ପରିଲକ୍ଷିତ ହୁଏ। ଏଥିରେ ବିଷ୍ଣୁ ରାମାବତାର ଗ୍ରହଣ କରିବା କଥା କୁହାଯାଇଛି। ଏଥିରୁ ସ୍ପଷ୍ଟ ଭାବରେ ଅନୁମିତ ହୁଏ ଯେ ସାରଳା ଦାସ ରାମ ବିଷ୍ଣୁ ଓ ଜଗନ୍ନାଥଙ୍କୁ ଏକ ଓ ଅଭିନ୍ନ ବୋଲି ପରିକଳ୍ପନା କରିଛନ୍ତି। ବାଲ୍ମିକୀ ରାମାୟଣ ଓ ଜଗମୋହନ ରାମାୟଣ ରାମଚରିତ୍ରକୁ ଅନୁଧ୍ୟାନ କଲେ ସ୍ପଷ୍ଟ ଅନୁମିତ ହୁଏ ଯେ ବାଲ୍ମିକୀ ରାମଚନ୍ଦ୍ରଙ୍କୁ ଦେବତା ଅପେକ୍ଷା ମାନବୀୟ ଗୁଣରେ ଭୂଷିତ କରିଥିଲାବେଳେ ବଳରାମ ଦାସ ରାମଚନ୍ଦ୍ରଙ୍କୁ ମାନବ ଅପେକ୍ଷା ଦେବତାର ଆସନ ପ୍ରଦାନ କରିଛନ୍ତି। ତେଣୁ ବଳରାମ ଦାସଙ୍କ ରାମାୟଣରେ ରାମଚନ୍ଦ୍ର ବିଷ୍ଣୁଙ୍କର ଅବତାର ରୂପରେ ପ୍ରକଟିତ। ବ୍ରହ୍ମାଙ୍କ ବଳରେ ବଳିୟାନ ରାବଣର ନିଧନ ପାଇଁ ବିଷ୍ଣୁ ରାମ ଅବତାରରେ ଆବିର୍ଭୁତ ହୋଇଛନ୍ତି। ରାମଚନ୍ଦ୍ର ଭଗବାନଙ୍କର ଏକ ଅବତାର ଏଥିରେ ସନ୍ଦେହର ଅବକାଶ ନାହିଁ। କିନ୍ତୁ ବିଭିନ୍ନ ସମାଲୋଚକଙ୍କ ଦୃଷ୍ଟିରେ ସେ ଭିନ୍ନ ରୂପ ଧାରଣ କରିଛନ୍ତି। ଏହି ଭିନ୍ନ ଭିତରେ ସେ ଅଭିନ୍ନ, ରୂପ ଭିତରେ ସେ ଅରୂପ। ଆକାର ଭିତରେ ନିରାକାର ଓ କାଳ ଭିତରେ ସେ କାଳାତୀତ।

ଶିଖରପୁର ଉପରସାହି, କଟକ,ଦୂରଭାଷ : ୮୨୮୦୯୬୩୨୮୩/ ୯୪୩୮୫୮୩୨୮୯

# ଜୀବନ ଯୁଦ୍ଧର ଲଢ଼େଇରେ ଦିବ୍ୟାଙ୍ଗ ପୁଷ୍ପଲତା

॥ ସୁଶାନ୍ତ ଭୂୟାଁ ॥

ଲିଙ୍କରୋଡ଼ର ଗଳିପୋଲରୁ ଖାନନଗର ମୁଖ୍ୟ ରାସ୍ତା ପୂର୍ବରୁ ରେଳପୋଲର କିଛି ଦୂରର ବାମ ପାର୍ଶ୍ୱରେ ନୂଆଁଣିଆ ଭଙ୍ଗା ଛପର ଘର ଭିତରେ ଦିବ୍ୟାଙ୍ଗ ପୁଷ୍ପଲତାଙ୍କ ଛୋଟିଆ ଦୋକାନଟିଏ। ଯେଉଁଥିରେ ପାଞ୍ଚ ପ୍ରାଣୀ କୁଟୁମ୍ବ ପ୍ରତିପୋଷଣ ହୁଅନ୍ତି। ପିଲାଟି ଦିନରୁ ମେଧାବୀ ଛାତ୍ରୀଟିଏ ହୋଇ ପରିବାରର ସୁଖ ଦୁଃଖରେ ସାଥି ହେବାସହ ସମାଜ ସେବା ପାଇଁ ତାଙ୍କର ବହୁତ ଇଛା ଥିଲା। ହେଲେ ଭାଗ୍ୟ ସାଥ ଦେଲାନାହିଁ। ପୋଲିଓର ଅଭାବନୀୟ ସ୍ୱାସ୍ଥ୍ୟ ଦୁଃଖ ତାଙ୍କ ଦୁଇ ପାଦକୁ ବାନ୍ଧିଦେଲା। ସ୍ୱର୍ଗତଃ ସୁଦର୍ଶନ ସାହୁ ଓ ମା'ବାସନ୍ତୀ ଦେବୀଙ୍କ ଝିଅ ହେଉଛନ୍ତି ପୁଷ୍ପଲତା। ତିନି ଭଉଣୀ ଓ ଗୋଟିଏ ଭାଇଙ୍କୁ ନେଇ ତାଙ୍କର ହସ ଖୁସିର ଦୁନିଆ ଭିତରେ ପୋଲିଓର ଯନ୍ତ୍ରଣାଦାୟକ ଚଡ଼କ ସମଗ୍ର ପରିବାକୁ ମ୍ରିୟମାଣ କରିଦେଲା। ସ୍ଥାନୀୟ କୁସୁମଦେବୀ ମହାବିଦ୍ୟାଳୟରୁ ଯୁକ୍ତ+୨ ପାଠପଢ଼ିଥିବା ପୁଷ୍ପଲତା ପରିବାରର ଦାନାପାଣିର ଝଡ଼କୁ ନିଜ ମୁଣ୍ଡ ଉପରକୁ ନେଇଗଲେ। ବାପାଙ୍କର ପଚାଶ ବର୍ଷର ଛୋଟିଆ ବିସ୍କୁଟ ଷ୍ଟେସନାରୀ ସହ ସରକାରୀ ସ୍ୱୀକୃତି ପ୍ରାପ୍ତ ଭାଙ୍ଗ ଦୋକାନର ଦାୟିତ୍ୱ ସେ ନେଲେ। ଇତିମଧ୍ୟରେ ଦଶ ବର୍ଷ ହେଲାଣି ସରକାରଙ୍କ ସ୍ୱୀକୃତିପ୍ରାପ୍ତ ଦୋକାନରେ ସେ ଚଳତଶକ୍ତିହୀନ ହୋଇଥିବାରୁ ବସି ରହି ଦୋକାନ ଚଳାଉଛନ୍ତି। ଷୋଳବର୍ଷ ତଳୁ ରେଳବାଇର ଜାଗା ଉପରେ ତିଆରି ହୋଇଥିବା ତାଙ୍କ ଚାଳଛପର ମୁଣ୍ଡ ଗୁଞ୍ଜିବାର ଗୁଜୁରାଣର ସଂସ୍ଥାନଟି ଆଜି ଅନେକ ସମସ୍ୟା ଦେଇ ଗତି କରୁଛି। ସରକାରଙ୍କ କୌଣସି ସାହାଯ୍ୟ ସୁଯୋଗ ଏଯାବତ ସେ ପାଇନାହାଁନ୍ତି। ସରକାରୀ ଜାଗା ଉପରେ ଅସ୍ଥାୟୀ ଘରଟି କରିଥିବାରୁ ଚାଳଛପରର ଘରର ଭବିଷ୍ୟତକୁ ନେଇ ସେ ବଡ଼ ଚିନ୍ତାଗ୍ରସ୍ତ। ନିଜ ଅସୁସ୍ଥ ଓ ପରିଣତ ବୟସର ମାଆ ବାସନ୍ତୀ ଦେବୀ ଓ ତାଙ୍କର ଭଲ ମନ୍ଦ ତଥା ଦୈନନ୍ଦିନ କାର୍ଯ୍ୟ ତୁଲାଇବା ନିମିତ୍ତ ଭଉଣୀ ଲକ୍ଷ୍ମୀପ୍ରିୟା ଓ ଭିଣୋଇଙ୍କୁ ପାଖରେ ରଖିଛନ୍ତି।

ସରକାର ଦିବ୍ୟାଙ୍ଗ ମାନଙ୍କ ଥଇଥାନ ପାଇଁ ବିଶେଷକରି ମହିଳାମାନେ ଯେଉଁମାନଙ୍କ ଦାନା ପାଣିରେ ପରିବାର ପ୍ରତିପୋଷଣ ହେଉଛି ସେମାନଙ୍କ ଆର୍ଥିକ ଅଗ୍ରଗତି ଓ ଭରଣପୋଷଣ ପାଇଁ ଅନେକ ପର୍ଯ୍ୟାପ୍ତ ଯୋଜନା ରହିଛି। ବର୍ତ୍ତମାନର ରେଳବାଇର ଜାଗା ତାଙ୍କୁ ଲିଜ ସୂତ୍ରରେ ମିଳୁ ବୋଲି ତାଙ୍କର ଗୁହାରି ରହିଛି। ଭେଣ୍ଡିଂ ଜୋନଟିଏ ପାଇଲେ ନିରାପଦ ଭାବରେ ଦୁଇ ପଇସାର ଗୁଜୁରାଣ ଚଳାଇପାରିବେ। ତେବେ ତାଙ୍କର ସବୁଠାରୁ ବଡ଼ ଆବଶ୍ୟକତା ହେଉଛି ଗୋଟିଏ ତିନିଚକିଆ ଟ୍ରଲି। ସେ ଜଣେ ଚାଲିବା ପାଇଁ ଅକ୍ଷମ ହୋଇଥିବାବେଳେ ସର୍ବନିମ୍ନ ଯାତାୟତ ପାଇଁ ଟ୍ରଲି ଖଣ୍ଡେ ଅତ୍ୟନ୍ତ ପ୍ରୟୋଜନୀୟ ଓ ଗୁରୁତ୍ୱପୂର୍ଣ୍ଣ। ମେଧାବୀ ଛାତ୍ରୀଟି ହୋଇଥିବାରୁ ତାଙ୍କର ପାଠପଢ଼ା ପ୍ରତି ବହୁତ ଆଗ୍ରହ ତ ରହିଥିଲା ଯାହାର ଫଳସ୍ୱରୂପ ପ୍ରତିଦିନ ସେ ଚାରିପାଞ୍ଚଟି ଖବର କାଗଜ କିଣନ୍ତି। ଏହି ପ୍ରତିନିଧି ତାଙ୍କୁ ଭେଟିବାବେଳେ ତାଙ୍କ ପାଖରେ 'ପ୍ରଗତିବାଦୀ' ଠାରୁ ଅନ୍ୟ ଦୁଇ ତିନଟି ଖବର କାଗଜ ମଧ୍ୟ ଦେଖିବାକୁ ପାଇଥିଲେ। ଏଯାବତ କୌଣସି ସରକାରୀ ସହାୟତା ସେ ପାଇନାହାଁନ୍ତି ତାହା ହିଁ ବଡ଼ ଆଶ୍ଚର୍ଯ୍ୟର କଥା। ସ୍ଥାନୀୟ ସାଇ କମିଟି ଓ ଅଧିବାସୀ ବୃନ୍ଦଙ୍କର ତାଙ୍କ ଉପରେ ବହୁତ ଶ୍ରଦ୍ଧା ରହିଛି। ନିଜେ ଚଳତଶକ୍ତିହୀନ ହୋଇଥିଲେ ମଧ୍ୟ ନିଜ ସକ୍ଷମ ଅନୁଯାୟୀ ଯେତିକି ସମ୍ଭବ ଦାନଧର୍ମ କରନ୍ତି। ଦୋକାନକୁ ଆସୁଥିବା କୌଣସି ଗରିବ ଅସହାୟଙ୍କୁ ସେ ଯାହାବି ଟିକେ ହେଉ ଖାଲି ପେଟରେ ଫେରାନ୍ତି ନାହିଁ। ଦୋକାନର ପଛପଟେ ବୋହି ଯାଉଛି କାଠଯୋଡ଼ି ନଈ। ନଈର ଜଳଧାର ପ୍ରବାହିତ ପରି ଏପରି ଜଣେ ଚଳତଶକ୍ତିହୀନ ଅଥଚ ପରିବାର ଓ ସମାଜ ସେବାକୁ ବିନା ଦୁଃଖରେ ଆଗେଇ ନେଉଥିବା ମେହନତୀ ଝିଅଟିର ପ୍ରତିଜ୍ଞାବଦ୍ଧତା ଓ ସାଧୁ ସଚ୍ଚୋଟତା ପ୍ରଶଂସନୀୟ ନିଶ୍ଚୟ। ତାଙ୍କ ଦୋକାନରେ ଛାଡ଼ି ଯାଇଥିବା କିଛି ଅଜଣା ଲୋକଙ୍କ ମୂଲ୍ୟବାନ ସାମଗ୍ରୀ ସେ ଖୋଜିଲୋଡି ଫେରାଇଛନ୍ତି। ନାଁ ଚାହିଁଛନ୍ତି ପୁରସ୍କାର ନାଁ ପ୍ରଶଂସା। ଆଜିର ପ୍ରଚାର ସର୍ବସ୍ୱ ସମାଜ ସେବା ଯୁଗରେ ନିଜକୁ ବିଜ୍ଞପିତ କରିବା ପାଇଁ ସେ କେବେ ଚାହିଁନାହାଁନ୍ତି। ନିଜ ଆତ୍ମ ସମ୍ମାନ ଓ ସ୍ୱାଭିମାନକୁ ତଳେ ପକାଇ କାହା ପାଖରେ ହାତି ପାତି ନାହାଁନ୍ତି କି ମୁଣ୍ଡ ଝୁକାଇ ନାହାଁନ୍ତି। ପ୍ରଶାସନ ତାଙ୍କ ଅଭିଯୋଗକୁ ସହୃଦୟତାର ସହିତ ଶୁଣନ୍ତୁ। ତାଙ୍କ ନିଃସ୍ୱାର୍ଥପର ସେବା ଓ ଦିବ୍ୟାଙ୍ଗ ହୋଇ ମଧ୍ୟ ସ୍ୱାଭିମାନର ସହ ଜୀବନ ଯୁଦ୍ଧରେ ଲଢୁଥିବାର ପ୍ରତିଜ୍ଞାବଦ୍ଧତାକୁ ଶତ ସହସ୍ର ସଲାମ।




# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ଗୋଟିଏ ସରକାରୀ ଗୃହ, ଦୁଇ ଦୁଇ ଥର ଉଦଘାଟନ

ଦଶପଲ୍ଲା, (ମହାଭାରତ): ଦଶପଲ୍ଲା ଅଞ୍ଚଳରେ ଏକ ଅଜବ ଓ ଚର୍ଚ୍ଚାସ୍ପଦ ଘଟଣା ସାମ୍ନାକୁ ଆସିଛି। ସ୍ଥାନୀୟ ଅଞ୍ଚଳରେ ନୂତନ ଭାବେ ନିର୍ମିତ ମାତୃ ଓ ଶିଶୁ ଗୃହକୁ ଥରେ ନୁହେଁ, ବରଂ ଦୁଇ ଦୁଇ ଥର ଉଦଘାଟନ କରାଯାଇଛି। ସରକାରୀ ପ୍ରକଳ୍ପର ଶ୍ରେୟ ନେବାକୁ ଜନପ୍ରତିନିଧିଙ୍କ ମଧ୍ୟରେ ଚାଲିଥିବା ଏହି ପ୍ରତିଯୋଗିତାକୁ ନେଇ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ନାନା ଚର୍ଚ୍ଚା ଓ ପ୍ରତିକ୍ରିୟା ପ୍ରକାଶ ପାଇଛି। ମିଳିଥିବା ସୂଚନା ଅନୁସାରେ, ପ୍ରଥମେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ନିଜ ସମର୍ଥକଙ୍କୁ ଧରି ଏହି ମାତୃ ଓ ଶିଶୁ ଗୃହର ଉଦଘାଟନ କରିଥିଲେ। ତେବେ ଘଟଣା ଏତିକିରେ ଶେଷ ହୋଇନଥିଲା। ପରବର୍ତ୍ତୀ ସମୟରେ ପୁଣି ଥରେ ସେହି ଗୃହକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ। ଏହି ଦ୍ୱିତୀୟ ଉଦଘାଟନୀ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମଧୁମିତା ରଥ, ବିଡିଓ ଶରତ କୁମାର ମଲ୍ଲିକଙ୍କ ସମେତ ବିଜେପିର ବହୁ ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଗୋଟିଏ ନିର୍ଦ୍ଦିଷ୍ଟ ସରକାରୀ ଗୃହକୁ ଦୁଇଟି ଭିନ୍ନ ସମୟରେ ଅଲଗା ଅଲଗା ଜନପ୍ରତିନିଧିଙ୍କ ଦ୍ୱାରା ଉଦଘାଟନ କରାଯିବା ଘଟଣା ବର୍ତ୍ତମାନ ସମଗ୍ର ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ନିଜ ନାଁ କମାଇବା ଓ ରାଜନୈତିକ ବାହାବା ନେବା ପାଇଁ ଜନପ୍ରତିନିଧିଙ୍କ ମଧ୍ୟରେ ଚାଲିଥିବା ଏହି 'ହୋଡ଼'କୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଚର୍ଚ୍ଚା ଚାଲିଛି। ବଡ଼ କଥାହେଲା ମାତୃ ଓ ଶିଶୁ ଗୃହର ଉଦଘାଟନକୁ ସ୍ୱାସ୍ଥ୍ୟ କେନ୍ଦ୍ର ର ଅଧିକାରୀ କୌଣସି ଗଣମାଧ୍ୟମ କୁ ଖବର ଦେଇନଥିବା ଜଣାପଡିଛି। ଦୁଃଖର ବିଷୟ ବହୁ ପ୍ରତୀକ୍ଷା ପରେ ମାତୃ ଓ ଶିଶୁ ଗୃହ ଗୋଟିଏ ଦିନରେ ଦୁଇ ଦୁଇ ଥର ଉଦଘାଟନ ହେଲା ହେଲେ ଉଦଘାଟନ ପରେ ପୂର୍ବଭଳି ଗେଟ ବନ୍ଦ ଥିବା ଦେଖାଦେଇଛି। ଦେଖାଯାଉ କେବେ କୋଉଦିନ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହେଉଛି ତାହା ଦେଖିବାକୁ ରହିଲା।

## ଦଶପଲ୍ଲାରେ ୯୦ କେଜି ଗଞ୍ଜେଇ ଜବତ, ଜଣେ ଗିରଫ



ଦଶପଲ୍ଲା, (ମହାଭାରତ): ନୟାଗଡ଼ ଜିଲ୍ଲାର ଦଶପଲ୍ଲା ପୋଲିସ କୁ ମିଳିଛି ଏକ ବଡ଼ ସଫଳତା। ବଡ ଧରଣର ଚଢ଼ାଉ କରି ୯୦ କେଜି ଗଞ୍ଜେଇ ଜବତ କରିବା ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଗଞ୍ଜେଇ ପରିବହନରେ ବ୍ୟବହୃତ ମାରୁତି ସୁଜୁକି ବ୍ରିଜା କାର (ନଂ– ଡଓ ୦୯ ଔ ୨୪୨୪) ଓ ଏକ ରିଅଲମି ମୋବାଇଲ ଫୋନ୍ ମଧ୍ୟ ଜବତ ପୋଲିସ ତରଫରୁ ସୂଚନା ମିଳିଛି । ସୂଚନା ଅନୁଯାୟୀ, ଶନିବାର ରାତି ପ୍ରାୟ ୧୦ଟା ୩୦ ମିନିଟ ସମୟରେ ଦଶପଲ୍ଲା ଥାନା ଅଧିକାରୀ ବିନୟ ରଞ୍ଜନ ପରିଡାଙ୍କ ନିର୍ଦ୍ଦେଶକ୍ରମେ ଏସ୍ ?ଆଇ ଜେ.ସି.ବି. ଦଳେଇ ପାଟ୍ରୋଲିଂ କରୁଥିବା ବେଳେ ଘୋଳାହାଣ୍ଡି ଗ୍ରାମ ର ହରିଜନ ସାହି ଛକ ନିକଟରେ ସନ୍ଦେହଜନକ ଭାବେ ଯାଉଥିବା ଏକ ବ୍ରିଜା କାରକୁ ଅଟକାଇ ତଲାସି କରିଥିଲେ। କାରରୁ ୯୦ କେଜି ଗଞ୍ଜେଇ ଜବତ କରାଯିବା ସହ କନ୍ଧମାଳ ଜିଲ୍ଲା ଖଜୁରିପଡ଼ା ଥାନା ଅନ୍ତର୍ଗତ ଗୁଦାରି ଗ୍ରାମର ସିଦ୍ଧାର୍ଥ ଦିଗାଲ (୨୬)ଙ୍କୁ ଗିରଫ କରାଯାଇଥିଲା। ଜବତ ପ୍ରକ୍ରିୟା ସ୍ୱାଧୀନ ସାକ୍ଷୀ, ଓଜନକାରୀ ଏବଂ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ସମ୍ପନ୍ନ ହୋଇଥିଲା।ଏହି ଘଟଣାରେ ଦଶପଲ୍ଲା ଥାନାରେ କେସ୍ ନଂ–୧୯୫/୨୦୨୬, ଭାରତୀୟ ନ୍ୟାୟ ସଂହିତାର ଧାରା ୨୮୧/୧୨୫(ଏ) ଏବଂ ଏନ୍ ?ଡିପିଏସ୍ ? ଆଇନର ଧାରା ୨୦(ବି)(ସସ)(ଉ)ରେ ମାମଲା ରୁଜୁ କରାଯାଇଥିବା ବେଳେ ଘଟଣାର ଅଧିକ ତଦନ୍ତ ଜାରିରହିଥିବା ଥାନା ଅଧିକାରୀ ବିନୟ ରଞ୍ଜନ ପରିଡା ପ୍ରକାଶ କରିଛନ୍ତି ।

## କାଶୀନଗର ଦୈନିକ ବଜାରର ପରିତ୍ୟକ୍ତ ଅବସ୍ଥା ଦେଖି ବିଧାୟକ ତାଜୁବ.

ଗଜପତି, (ମହାଭାରତ) : ସ୍ଥାନୀୟ ବିଧାୟକ ଇଂ ରୁପେଶ କୁମାର ପାଣିଗ୍ରାହୀ ଆକସ୍ମିକ ଭାବେ କାଶୀନଗର ଗସ୍ତ କରି ଏଠାରେ ଥିବା ଅଟୋ ଷ୍ଟାଣ୍ଡ ଓ ବସ ଷ୍ଟାଣ୍ଡ ସହ ନିକଟରେ ଥିବା ଦୈନିକ ବଜାର ସ୍ଥିତି ଦେଖି ଆଚମ୍ବିତ ହୋଇ ଯାଇଥିଲେ। ପରିତ୍ୟକ୍ତ ଅବସ୍ଥାରେ ପଡି ରହିଥିବା ଦୈନିକ ବଜାର ଭିତରେ ଥିବା ଦୋକାନ ଗୃହ ଗୁଡ଼ିକ ଯେପରି ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି ଯାହା ଦ୍ୱାରା ରାତ୍ରି ସମୟରେ ବିଭିନ୍ନ ଅସମାଜିକ ବ୍ୟକ୍ତି ମାନଙ୍କ ଆଡ୍ଡା ସ୍ଥଳୀ ହୋଇ ପଡିଛି, ତତ ସହ ସ୍ୱଚ୍ଛତା ରକ୍ଷା ହେଉ ନ ଥିବା ବିଧାୟକ ଅନୁଧ୍ୟାନ କରିଥିଲେ। କିଛି ସ୍ଥାନୀୟ ବ୍ୟକ୍ତି ଯେଉଁ ଅଟୋ ଷ୍ଟାଣ୍ଡ ବର୍ତ୍ତମାନ ଅଛି ତାହା ଉଚ୍ଛେଦ କରି ସେହି ସ୍ଥାନରେ ଏକ ନୂତନ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରିବା ପାଇଁ ମସୁଧା ହେଉଥିବା ବିଧାୟକଙ୍କୁ ସୂଚନା ଦେବାରୁ ବିଧାୟକ ସଙ୍ଗେ ସଙ୍ଗେ ବିଭାଗୀୟ ଅଧିକାରୀ ଙ୍କ ସହ ଯୋଗାଯୋଗ କରି ଏଠାରୁ ଅଟୋ ଷ୍ଟାଣ୍ଡ ଉଚ୍ଛେଦ ହେଲେ କଣ ସବୁ ସମସ୍ୟା ଉପୁଜିବ ସେ ବିଷୟରେ ବାର୍ତ୍ତାଳାପ କରି ମାର୍କେଟ କମ୍ପ୍ଲେକ୍ସ ପାଇଁ ଏହା ଉପଯୁକ୍ତ ସ୍ଥାନ ନୁହଁ ବୋଲି ଅବଗତ କରିଥିଲେ। ସେହିପରି କାଶୀନଗର ଦୈନିକ ବଜାରର ଦୁରବସ୍ଥା ବିଷୟରେ ସ୍ଥାନୀୟ ବେପାରି ମନେ ବିଧାୟକ ନିକଟରେ ବିଭିନ୍ନ ସମସ୍ୟା ମାନ ଉପସ୍ଥାପନା କରି ଏଠାରେ କିପରି ଏକ ସୁସ୍ଥ ବାତାବରଣରେ ଏକ ସୁନ୍ଦର ଓ ସମସ୍ତଙ୍କୁ ଉପଯୋଗୀ ହେଲା ଭଳି ଏକ ଦୈନିକ ବଜାର ନିର୍ମାଣ ହେବ ସେଥି ପ୍ରତି ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ମଧ୍ୟ ବିଧାୟକ ଶ୍ରୀ ପାଣିଗ୍ରାହୀ ପ୍ରତିଶୃତି ଦେଇଥିଲେ। କାଶୀନଗର ବସ ଷ୍ଟାଣ୍ଡ ଠାରେ ସ୍ୱଚ୍ଛ ପାନୀୟ ଜଳ ଯୋଗାଣର ମଧ୍ୟ ସମସ୍ୟା ଥିବା ବେଳେ ବର୍ତମାନ ବସ ଷ୍ଟାଣ୍ଡର ରାସ୍ତା ପାର୍ଶ୍ୱରେ ନୂତନ ଭାବେ ନିର୍ମାଣ କାର୍ଯ୍ୟ ସରିଥିବା ଡ୍ରେନର ଚଉଡା ଯାହାକି ପୂର୍ବରୁ ୩ଫୁଟ ଥିଲା ତାହା ବର୍ତମାନ ସଂକୀର୍ଣ୍ଣ କରି ପ୍ରାୟ ଏକ ଫୁଟ ରେ ସୀମିତ ରଖିଥିବାରୁ ସ୍ଥାନୀୟ ଲୋକ ମନେ ଅଭିଯୋଗ କରି ଏହି ଡ୍ରେନ କୁ ତୁରନ୍ତ ଚଉଡା କରି ପୁଣି ଥରେ ନିର୍ମାଣ କରିବା ପାଇଁ ବିଧାୟକଙ୍କ ସମ୍ମୁଖରେ ଅଭିଯୋଗ ଆଣିଥିଲେ।

# ଭିଉ ଆଶାରେ ରିଲ୍ ଦୌଡ଼, ପଛକୁ ପଡୁଛି ପ୍ରକୃତ ସାମ୍ବାଦିକତା

ରାଇଘର, (ମହାଭାରତ) : ନବରଙ୍ଗପୁର ଜିଲ୍ଲାର ରାଇଘର ବ୍ଲକରେ ଦେଖା ଯାଇଅଛି ଏହି ଭାଳି ଆଚରଣ। ଆମେ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା କରିବା। ସାମ୍ବାଦିକତା ହେଉଛି ଲୋକତନ୍ତ୍ରର ଚତୁର୍ଥ ସ୍ତମ୍ଭ। ସମାଜକୁ ସଠିକ୍, ନିରପେକ୍ଷ ଓ ଦାୟିତ୍ୱପୂର୍ଣ୍ଣ ସୂଚନା ପହଞ୍ଚାଇବା ହେଉଛି ଜଣେ ସାମ୍ବାଦିକଙ୍କର ମୁଖ୍ୟ କର୍ତ୍ତବ୍ୟ। କିନ୍ତୁ ସୋସିଆଲ୍ ମିଡିଆର ବ୍ୟାପକ ବ୍ୟବହାର ସହିତ କେତେକ ସ୍ଥାନରେ ଖବର ପ୍ରସାରଣର ଶୈଳୀକୁ ନେଇ ପ୍ରଶ୍ନ ଉଠୁଛି। ଏହି ବିଷୟରେ ଆସନ୍ତୁ ବିସ୍ତୃତ ଆଲୋଚନା କରିବା।ଆଜିକାଲି ଅନେକ ସାମ୍ବାଦିକ ଓ କଣ୍ଟେଣ୍ଟ ସୃଷ୍ଟିକାରୀ ଫେସବୁକ୍, ୟୁଟ୍ୟୁବ୍ ଓ ଇନ୍ଷ୍ଟାଗ୍ରାମ୍ ପରି ସୋସିଆଲ୍ ମିଡିଆ ମାଧ୍ୟମରେ ଖବର ପ୍ରସାରଣ କରୁଛନ୍ତି। ଏହା ଏକ ସକାରାତ୍ମକ ପରିବର୍ତ୍ତନ ମଧ୍ୟ, କାରଣ ଏଥିରେ ଖବର ଶୀଘ୍ର ଲୋକଙ୍କ ପାଖକୁ ପହଞ୍ଚୁଛି।କିନ୍ତୁ ଏହା ସହିତ ଏକ ଚିନ୍ତାର ବିଷୟ ମଧ୍ୟ ସାମ୍ନାକୁ ଆସୁଛି। କେତେକ କ୍ଷେତ୍ରରେ ଅଧିକ ଭ୍ୟୁ, ଲାଇକ୍ କିମ୍ବା ଫଲୋଅର୍ ପାଇବାର ପ୍ରତିଯୋଗିତାରେ ଖବର ପ୍ରସ୍ତୁତିର ଭାଷା, ଆଚରଣ କିମ୍ବା ଉପସ୍ଥାପନାରେ ଶାଳୀନତା ରକ୍ଷା କରାଯାଉନଥିବା ବୋଲି ଅନେକ ଦର୍ଶକ ମତ ପ୍ରକାଶ କରୁଛନ୍ତି। କେବେ କେବେ ଅତିରଞ୍ଜିତ ଶୀର୍ଷକ, ଉତ୍ତେଜନାପୂର୍ଣ୍ଣ ଭାଷା କିମ୍ବା ଅପ୍ରମାଣିତ ସୂଚନା ଲୋକଙ୍କ ମଧ୍ୟରେ ବିଭ୍ରାନ୍ତି ସୃଷ୍ଟି କରିପାରେ।ଏହା କହିବା ଠିକ୍ ହେବ ନାହିଁ ଯେ ସମସ୍ତ ସାମ୍ବାଦିକ ଏପରି କରୁଛନ୍ତି। ବହୁ ସାମ୍ବାଦିକ ଆଜି ମଧ୍ୟ ନିଷ୍ଠା, ସତ୍ୟନିଷ୍ଠା ଓ ବୃତ୍ତିଗତ ମୂଲ୍ୟବୋଧ ସହ କାମ କରୁଛନ୍ତି। ତେଣୁ କେତେକ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ଆଧାରରେ ସମଗ୍ର ସାମ୍ବାଦିକ ସମାଜକୁ ବିଚାର କରିବା ମଧ୍ୟ ଉଚିତ୍ ନୁହେଁ।ଜଣେ ସାମ୍ବାଦିକଙ୍କର ପ୍ରକୃତ ପରିଚୟ ହେଉଛି ତାଙ୍କର ସତ୍ୟତା, ନିରପେକ୍ଷତା, ଶାଳୀନ ଭାଷା ଓ ସମାଜ ପ୍ରତି ଦାୟିତ୍ୱବୋଧ। ଖବରର ଉଦ୍ଦେଶ୍ୟ କେବଳ ଭ୍ୟୁ ବଢ଼ାଇବା ନୁହେଁ, ବରଂ ଜନସାଧାରଣଙ୍କୁ ସଠିକ୍ ସୂଚନା ପ୍ରଦାନ କରିବା।ସେଥିପାଇଁ ସମସ୍ତ ସାମ୍ବାଦିକ ଭାଇ ଓ ଭଉଣୀମାନଙ୍କ ପ୍ରତି ଅନୁରୋଧ ଖବର ପ୍ରସାରଣ ବେଳେ ବୃତ୍ତିଗତ ନୀତି, ଶାଳୀନତା ଓ ସତ୍ୟତାକୁ ସର୍ବାଧିକ ଗୁରୁତ୍ୱ ଦିଅନ୍ତୁ। ଲୋକଙ୍କ ବିଶ୍ୱାସ ହେଉଛି ସାମ୍ବାଦିକତାର ସବୁଠାରୁ ବଡ଼ ଶକ୍ତି। ସେହି ବିଶ୍ୱାସକୁ ବଜାୟ ରଖିବା ଆମ ସମସ୍ତଙ୍କର ସାମୂହିକ ଦାୟିତ୍ୱ।ସାମ୍ବାଦିକତା କେବଳ ଏକ ପେଶା ନୁହେଁ, ଏହା ସମାଜ ପ୍ରତି ଏକ ଦାୟିତ୍ୱ। ଯେତେବେଳେ ଖବର ସତ୍ୟ, ସନ୍ତୁଳିତ ଓ ଶାଳୀନ ଭାବରେ ପ୍ରସାରିତ ହୁଏ, ସେତେବେଳେ ସମାଜରେ ସାମ୍ବାଦିକଙ୍କ ସମ୍ମାନ ଓ ବିଶ୍ୱସନୀୟତା ଆହୁରି ସୁଦୃଢ଼ ହୁଏ।

## ଟିକିଟିରେ ବିଜେପିକୁ ଶକ୍ତ ଝଟ୍କା: ବିଧାୟକଙ୍କ କାର୍ଯ୍ୟକଳାପରେ ଅତିଷ୍ଠ ହୋଇ ବିଜେଡିରେ ସାମିଲ ହେଲେ ଜରଡ଼ା ଗଡ଼ର ବହୁ କର୍ମୀ

ପାତ୍ରପୁର ,(ମହାଭାରତ) ଗଞ୍ଜାମ ଜିଲ୍ଲା ଟିକିଟି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଜରଡ଼ା ପଞ୍ଚାୟତର ଜରଡ଼ା ଗଡ଼ ଗ୍ରାମର ୭ ନମ୍ବର ୱାର୍ଡର ଭାରତୀୟ ଜନତା ପାର୍ଟିର କର୍ମୀମାନେ ବିଧାୟକଙ୍କ ମନମୁଖି ତଥା ଜନବିରୋଧୀ କାର୍ଯ୍ୟରେ ଅତିଷ୍ଠ ହୋଇ ଆଜି ବିଜେପି ଛାଡ଼ି ବିଜେଡି ସାମିଲ ହେଇଥିବା ଜଣାପଡିଛି , ଦିନକୁ ଦିନ ଟିକିଟି ବିଜେପି ର ସଂଗଠନ ଭୁସୁଡ଼ିବାରେ ଲାଗିଛି । ବିଜୁ ଜନତା ଦଳର ସଂଗଠନ ଏବଂ ଟିକିଟି ର ସୁନା ପୁଅ ତଥା ବିଜୁ ଜନତା ଦଳର ବିଧାୟକ ପ୍ରାର୍ଥୀ ଚିନ୍ମୟାନନ୍ଦ ଶ୍ରିରୁପ ଦେବ ଙ୍କ ପ୍ରତି ଥିବା ଅଫୁରନ୍ତ ଭରସା ସହିତ ଦଳର ନୀତିଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ଟିକିଟି ରାଜଭାଟି ଠାରେ ଆନୁଷ୍ଠାନିକ ଭାବେ ବିଜୁ ଜନତା ଦଳ ପରିବାରରେ ସାମିଲ ହୋଇଛନ୍ତି। ଅଞ୍ଚଳରେ ଚାଲିଥିବା



ଅବ୍ୟବସ୍ଥା , ଦୁର୍ନୀତି ,ଜୁଆଖେଳ, ନାରୀ ନିର୍ଯାତନା , ନାରୀଙ୍କୁ ଆକ୍ରମଣ ଏବଂ ନେତୃତ୍ୱଙ୍କ ଜନବିରୋଧୀ ଆଭିମୁଖ୍ୟ ଯୋଗୁଁ ସାଧାରଣ ଲୋକଙ୍କ ନିକଟରେ ବିଜେପିର ଆସ୍ଥା ତୁଟିବାରେ ଲାଗିଛି। ବିପରୀତରେ, ବିଜୁ ଜନତା ଦଳ ବିଧାୟକ ପ୍ରାର୍ଥୀ ଶ୍ରୀରୂପ ଦେବ ଙ୍କ ବିକାଶମୂଳକ ଚିନ୍ତାଧାରା ଓ ଜନସେବା ପ୍ରତି ନିଷ୍ଠା ଦେଖି ଆଜି ଜରଡ଼ା ଗଡ଼ର ସଚେତନ ତଥା ଯୁବ କର୍ମୀ ବିଜେଡି ଆଡ଼କୁ ଆକୃଷ୍ଟ ହୋଇଛନ୍ତି। ଏହି ମିଶ୍ରଣ ପର୍ବ ସମୟରେ ନୂତନ ଭାବେ ଯୋଗଦେଇଥିବା ସମସ୍ତ କର୍ମୀଙ୍କୁ ଦଳୀୟ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିବା ସହ ଜରଡ଼ା ଗଡ଼ର ଏହି ସଚେତନ ଓ ଯୁବ କର୍ମୀମାନଙ୍କୁ ବିଜୁ ପରିବାରକୁ କୋଟି କୋଟି ସ୍ୱାଗତ ଏବଂ ଅଭିନନ୍ଦନ ଜଣାଇଛନ୍ତି ଟିକିଟି ମାଟିର ସୁନା ପୁଅ ଶ୍ରିରୁପ ଦେବ, ଏବଂ ସେ କହିଛନ୍ତି ଆପଣମାନଙ୍କ ଏହି ମିଶ୍ରଣ ଆଗାମୀ ଦିନରେ ଟିକିଟି ଅଞ୍ଚଳରେ ଆମ ଦଳର ସ୍ଥିତିକୁ ଆହୁରି ଅଧିକ ଶକ୍ତିଶାଳୀ କରିବ ।ସମସ୍ତେ ମିଶି ଟିକିଟିର ବିକାଶ ଓ ଜନସାଧାରଣଙ୍କ ସେବା ପାଇଁ ସଙ୍କଳ୍ପବଦ୍ଧ ଭାବେ କାର୍ଯ୍ୟ କରିବାକୁ ନିଷ୍ପତ୍ତି ଗ୍ରହଣ କରିଥିବା ନେଇ ସେ କହିଛନ୍ତି।

## ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କ ଝୁଲନ୍ତା ମୃତ ଦେହ ଉଦ୍ଧାର !

ଉମରକୋଟ, (ମହାଭାରତ) : ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଅନ୍ତର୍ଗତ ବାଟିବେଡା ସରକାରୀ ଆଶ୍ରମ ବିଦ୍ୟାଳୟର ଜଣେ ଅଷ୍ଟମ ଶ୍ରେଣୀର ଛାତ୍ରୀଙ୍କ ମୃତ୍ୟୁ ଘଟଣାକୁ ନେଇ ଅଞ୍ଚଳରେ ତୀବ୍ର ଉତ୍ତେଜନା ଓ ଶୋକର ପରିବେଶ ସୃଷ୍ଟି ହୋଇଛି। ମୃତ ଛାତ୍ରୀ ହେଲେ ଜବା ସାନ୍ତା (୧୪), ପିତା–ରାମ ସାନ୍ତା, ଗାଁ –ଦଲଦଲି । ସୂଚନା ଅନୁଯାୟୀ, ଗତ ରାତିରେ ହଷ୍ଟେଲରେ ରାତ୍ରି ଭୋଜନ ସମୟରେ ତିନିଜଣ ଛାତ୍ରୀ ଉପସ୍ଥିତ ନଥିବାରୁ ବିଦ୍ୟାଳୟ କର୍ତ୍ତୃପକ୍ଷ ସେମାନଙ୍କୁ ଖୋଜାଖୋଜି ଆରମ୍ଭ କରିଥିଲେ। କିଛି ସମୟ ପରେ ଦୁଇଜଣ ଛାତ୍ରୀ ଫେରି ଆସି ଜବା ସାନ୍ତା ବିଦ୍ୟାଳୟ ପାଚେରୀ ଡେଇଁ ବାହାରକୁ ଯାଇଥିବା କଥା କହିଥିଲେ। ପରେ ରାତି ପ୍ରାୟ ୧୨ଟା ସମୟରେ ବିଦ୍ୟାଳୟଠାରୁ ପ୍ରାୟ ଏକ କିଲୋମିଟର ଦୂର ଜଙ୍ଗଲ ଅଞ୍ଚଳର ଏକ ଗଛରେ ଓଢଣି ସାହାଯ୍ୟରେ ଝୁଲିଥିବା ଅବସ୍ଥାରେ ଛାତ୍ରୀଙ୍କୁ ଠାବ କରାଯାଇଥିଲା। ଖବର ପାଇ ଉମରକୋଟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ତଦନ୍ତ ଆରମ୍ଭ କରିଛି। ଘଟଣା ସମ୍ପର୍କରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ବିଦ୍ୟାଳୟର ଜଣେ ଶିକ୍ଷକ ଛାତ୍ରୀଙ୍କ ପରିବାରକୁ ଖବର ଦେଇଥିଲେ। ପରେ ପରିବାର ସଦସ୍ୟମାନେ ବିଦ୍ୟାଳୟରେ ପହଞ୍ଚି ପୋଲିସ ନିକଟରେ ଅଭିଯୋଗ କରିଥିଲେ। ପରିବାର ଲୋକଙ୍କ କହିବା ଅନୁଯାୟୀ, ଘଟଣା ପୂର୍ବରୁ ଛାତ୍ରୀ ଜଣେ ସହପାଠୀଙ୍କୁ ଏକ ଚିଠି ଲେଖିଥିଲେ, ଯାହା ପରେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପାଖକୁ ପହଞ୍ଚିଥିଲା। ତେବେ ସେହି ଚିଠିରେ କ'ଣ ଉଲ୍ଲେଖ ରହିଛି, ତାହା ତଦନ୍ତ ପରେ ସ୍ପଷ୍ଟ ହେବ। ପରିବାର ଲୋକେ ମୃତ୍ୟୁକୁ ସନ୍ଦେହଜନକ ବୋଲି ଦର୍ଶାଇ ବିଦ୍ୟାଳୟ ପରିଚାଳନାରେ ଅବହେଳା ହୋଇଥିବା ଅଭିଯୋଗ କରିଛନ୍ତି। ରାତିରେ ଜଣେ ଛାତ୍ରୀ କିପରି ହଷ୍ଟେଲ ଛାଡ଼ି ବାହାରକୁ ଗଲେ ଓ ଏତେ ଦୂରକୁ ପହଞ୍ଚିଲେ, ତାହାର ନିରପେକ୍ଷ ତଦନ୍ତ ହେବାକୁ ସେମାନେ ଦାବି କରିଛନ୍ତି। ଘଟଣାକୁ ନେଇ ମୃତ ଛାତ୍ରୀଙ୍କ ପରିବାର ପକ୍ଷରୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ, ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଏବଂ ନିରପେକ୍ଷ ତଦନ୍ତ ଦାବି କରାଯାଇଥିଲା। ଏହି ଦାବିକୁ ନେଇ ବାଟିବେଡା ସରକାରୀ ଆଶ୍ରମ ବିଦ୍ୟାଳୟ ସମ୍ମୁଖରେ ଛାତ୍ରୀଙ୍କ ମରଶରୀର ରଖି ପରିବାର ଲୋକେ ପ୍ରତିବାଦ କରିଥିଲେ। କଂଗ୍ରେସର ଜିଲ୍ଲା ସଭାପତି ସାନରାଜ ଗଣ୍ଡଙ୍କ ସମେତ ଦଳର ସ୍ଥାନୀୟ ନେତା ଓ କର୍ମୀମାନେ ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ। ପରିସ୍ଥିତିକୁ ଦେଖି ଘଟଣାସ୍ଥଳରେ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। ଦୀର୍ଘ ତିନି ଘଣ୍ଟା ଧରି ଆଲୋଚନା ଓ ପ୍ରତିବାଦ ପରେ ପୋଲିସ ଓ ପ୍ରଶାସନର ଉପସ୍ଥିତିରେ ବାଟିବେଡା ସରକାରୀ ଆଶ୍ରମ ବିଦ୍ୟାଳୟ ସମ୍ମୁଖରୁ ମୃତ ଛାତ୍ରୀ ଜବା ସାନ୍ତାଙ୍କ ମରଶରୀରକୁ ପୋଷ୍ଟମର୍ଟମ ପାଇଁ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟକୁ ପଠାଯାଇଥିଲା। ପ୍ରଥମେ ପରିବାର ଲୋକେ କ୍ଷତିପୂରଣ, ନିରପେକ୍ଷ ତଦନ୍ତ ଓ ଦୋଷୀଙ୍କ ବିରୋଧରେ କଠୋର ପଦକ୍ଷେପ ଦାବିରେ ଅଡ଼ି ରହିଥିଲେ। ପରେ ପ୍ରଶାସନ ପକ୍ଷରୁ ନିରପେକ୍ଷ ତଦନ୍ତର ଆଶ୍ୱାସନ ମିଳିବା ପରେ ଶବ ବ୍ୟାବଚ୍ଛେଦ ପାଇଁ ପଠାଯାଇଥିଲା ଏବଂ ଏହି ସମୟରେ ଜିଲ୍ଲା ମଙ୍ଗଳ ଅଧିକାରୀ ମୃତ ଛାତ୍ରୀଙ୍କ ପରିବାରକୁ ସରକାରଙ୍କ ପକ୍ଷରୁ ୨ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରାଯିବ ବୋଲି ପ୍ରତିଶୃତି ଦେଇଥିଲେ । ପୋଲିସ ପକ୍ଷରୁ କୁହାଯାଇଛି ଯେ, ଘଟଣାର ସମସ୍ତ ଦିଗକୁ ନେଇ ତଦନ୍ତ ଚାଲିଛି। ପୋଷ୍ଟମର୍ଟମ ରିପୋର୍ଟ, ବୈଜ୍ଞାନିକ ପ୍ରମାଣ ଏବଂ ତଦନ୍ତର ଚୂଡ଼ାନ୍ତ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ।

## କୁକୁଡ଼ା ଫାର୍ମ ଭିତରେ କଥିତ କ୍ଲିନିକ୍: ସର୍ଟିଫିକେଟ ଦେଖାଇ ଡାକ୍ତର ପରିଚୟରେ ଚିକିତ୍ସା ଅଭିଯୋଗ, ତଦନ୍ତ ଦାବି

ଟିଟିଲାଗଡ, (ମହାଭାରତ): ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ବ୍ଲକ ମାଲିଝର ଗ୍ରାମ ରେ ଏକ କୁକୁଡ଼ା ଫାର୍ମ ପରିସର ଭିତରେ କଥିତ ଭାବେ ଏକ କ୍ଲିନିକ୍ ଚାଲିଥିବା ଏବଂ ସର୍ଟିଫିକେଟ ଦେଖାଇ ନିଜକୁ ଡାକ୍ତର ପରିଚୟ ଦେଇ ରୋଗୀଙ୍କୁ ଚିକିତ୍ସା କରାଯାଉଥିବା ନେଇ ଅଭିଯୋଗ ଉଠିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଥିବା ବେଳେ ସମ୍ପୂର୍ଣ୍ଣ ଘଟଣାର ନିରପେକ୍ଷ ତଦନ୍ତ କରିବାକୁ ସାଧାରଣ ଲୋକ ଦାବି କରିଛନ୍ତି। ଅଭିଯୋଗ ଅନୁସାରେ, ଉକ୍ତ ବ୍ୟକ୍ତି ଏକ ସର୍ଟିଫିକେଟ ଦେଖାଇ ଡାକ୍ତର ବୋଲି ପରିଚୟ ଦେଉଥିବା ସହ ସେହି କୁକୁଡ଼ା ଫାର୍ମ ପରିସରରେ ରୋଗୀଙ୍କୁ ଦେଖୁଥିବା, ଔଷଧ ଦେଉଥିବା ଏବଂ ଚିକିତ୍ସା ସେବା ପ୍ରଦାନ କରୁଥିବା ନେଇ ସ୍ଥାନୀୟ ଲୋକ ପ୍ରଶ୍ନ ଉଠାଇଛନ୍ତି। ଏପରି ସ୍ଥାନରେ କ୍ଲିନିକ୍ ଚାଲିବା ପାଇଁ ଆବଶ୍ୟକ ସରକାରୀ ଅନୁମତି, ପଞ୍ଜୀକରଣ ଏବଂ ସ୍ୱାସ୍ଥ୍ୟ ବିଭାଗର ନିୟମ ପାଳନ କରାଯାଇଛି କି ନାହିଁ, ତାହାକୁ ନେଇ ମଧ୍ୟ ପ୍ରଶ୍ନ ଉଠୁଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, କୁକୁଡ଼ା ଫାର୍ମ ପରିସରରେ ଚିକିତ୍ସା ସେବା ଦିଆଯିବା ସ୍ୱଚ୍ଛତା ଓ ସଂକ୍ରମଣ ନିୟନ୍ତ୍ରଣ ଦୃଷ୍ଟିରୁ ମଧ୍ୟ ଯାଞ୍ଚର ବିଷୟ। ତେଣୁ ସମ୍ପୃକ୍ତ ବ୍ୟକ୍ତିଙ୍କ ଶିକ୍ଷାଗତ ଯୋଗ୍ୟତା, ମେଡିକାଲ୍ ପଞ୍ଜୀକରଣ, ଚିକିତ୍ସା କରିବାର ବୈଧ ଅଧିକାର ଏବଂ କ୍ଲିନିକ୍ ପରିଚାଳନା ସମ୍ବନ୍ଧୀୟ ସମସ୍ତ ଦଲିଲ ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଯାଞ୍ଚ କରାଯିବା ଆବଶ୍ୟକ ବୋଲି ଦାବି ହେଉଛି। ଏହି ଅଭିଯୋଗ ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗ ଏବଂ ସ୍ଥାନୀୟ ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଇ ପ୍ରକୃତ ସ୍ଥିତି ସ୍ପଷ୍ଟ କରାଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଯଦି କୌଣସି ଅନିୟମିତତା କିମ୍ବା ଆଇନ ଉଲ୍ଲଂଘନ ମିଳେ, ତେବେ ପ୍ରଚଳିତ ଆଇନ ଅନୁଯାୟୀ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ମଧ୍ୟ ଦାବି ହୋଇଛି।

## ବର୍ଷା ହେଲେ ଜଳମଗ୍ନ ୩୨୬ ନଂ ଜାତୀୟ ରାଜପଥ

ଲକ୍ଷ୍ମୀପୁର, (ମହାଭାରତ) : କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ କାକିରିଗୁମା ନିକଟସ୍ଥ ସିଦ୍ଧାର୍ଥ ଭିଲେଜ ପାଖରେ ସଙ୍ଗବନ୍ଧା ନଦୀ ଉପରେ ଥିବା ୩୨୬ ନମ୍ବର ଜାତୀୟ ରାଜପଥର ବ୍ରିଜ ବର୍ଷା ହେଲେ ଏବେ ଯାତ୍ରୀଙ୍କ ପାଇଁ ବଡ଼ ବିପଦର କାରଣ ପାଲଟିଛି। ସାମାନ୍ୟ ବର୍ଷା ହେଲେ ମଧ୍ୟ ବ୍ରିଜ ଉପରେ ଆଣ୍ଠୁଏ ପାଣି ଜମି ରହୁଥିବାରୁ ଦୈନିକ ଯାତାୟାତ କରୁଥିବା ହଜାର ହଜାର ବାଇକ, ଅଟୋ ଓ ଛୋଟ ବଡ଼ ଯାନବାହନ ଚାଳକ ଭୟ ଓ ଅନିଶ୍ଚିତତା ମଧ୍ୟରେ ଯାତ୍ରା କରିବାକୁ ବାଧ୍ୟ ହେଉଛନ୍ତି। ସ୍ଥାନୀୟ ଲୋକଙ୍କ କହିବାନୁସାରେ ବ୍ରିଜ ନିକଟରେ ସଠିକ୍ ଜଳ ନିଷ୍କାସନ ବ୍ୟବସ୍ଥା ନଥିବାରୁ ବର୍ଷା ପାଣି ନିଷ୍କାସିତ ହୋଇପାରୁନାହିଁ। ଫଳରେ ବ୍ରିଜ ଉପରେ ଆଣ୍ଠୁଏ ପାଣି ଜମି ରହୁଛି। ଏହା କେବଳ ଯାତାୟାତରେ ବାଧା ସୃଷ୍ଟି କରୁନାହିଁ, ବରଂ ଯେକୌଣସି ସମୟରେ ଦୁର୍ଘଟଣାର ଆଶଙ୍କାକୁ ମଧ୍ୟ ବଢ଼ାଇ ଦେଉଛି।

# ଜଳ ନିଷ୍କାସନରେ ବାଧା,ଚାଷୀଙ୍କ ମୁଣ୍ଡରେ ଚଡ଼କ : କୃତ୍ରିମ ବନ୍ୟାରେ ଫସଲ ନଷ୍ଟ

ବାରଙ୍ଗ, (ମହାଭାରତ): ବାରଙ୍ଗ ତହସିଲ ଅନ୍ତର୍ଗତ କୁରାଙ୍ଗଶାସନ ରାଜସ୍ୱ ନିରୀକ୍ଷକଙ୍କ ଅଧୀନ ବଡ଼ଝରିଲୋ ମୌଜାରେ ଗତ ୨୫ ତାରିଖ ରାତିରେ ହୋଇଥିବା ପ୍ରବଳ ବର୍ଷା ପରେ ସଙ୍ଗୀନ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଚାଷ ଜମିରୁ ବର୍ଷାଜଳ ନିଷ୍କାସନ ହୋଇ ନପାରିବାରୁ ଏକର ଏକର ଧାନ ଚାଷ ସମ୍ପୂର୍ଣ୍ଣ ଜଳମଗ୍ନ ହୋଇପଡ଼ିଛି। ଫଳରେ ଲକ୍ଷ ଲକ୍ଷ ଟଙ୍କାର ଫସଲ ନଷ୍ଟ ହେବା ଆଶଙ୍କାରେ ଚାଷୀମାନଙ୍କ ମଧ୍ୟରେ ଗଭୀର ଚିନ୍ତା ଦେଖାଦେଇଛି। ସ୍ଥାନୀୟ ଚାଷୀଙ୍କ ଅଭିଯୋଗ ଅନୁସାରେ, ଚାଷ ଜମିରୁ ଅତିରିକ୍ତ ପାଣି ନିଷ୍କାସନ ପାଇଁ ଜଳସମ୍ପଦ ବିଭାଗର କଟକ ଜିଲ୍ଲା ଡ୍ରେନେଜ୍ ସେକ୍ସନ ପକ୍ଷରୁ ନିର୍ମିତ ନାଳ ଓ ଡ୍ରେନେଜ୍ ବ୍ୟବସ୍ଥା ଦୀର୍ଘଦିନ ଧରି ସଫେଇ ଏବଂ ରକ୍ଷଣାବେକ୍ଷଣର ଅଭାବରେ ଅଚଳ



ହୋଇପଡ଼ିଛି। ଫଳସ୍ୱରୂପ ବର୍ଷାଜଳ ନିଷ୍କାସନ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇ କୃତ୍ରିମ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ଚାଷୀମାନେ ପ୍ରଶାସନର ଅବହେଳା ଓ ଦାୟିତ୍ୱହୀନତାକୁ ଏହି କ୍ଷତି ପାଇଁ ଦାୟୀ କରିଛନ୍ତି।ଅନ୍ୟପକ୍ଷରେ, ବାରଙ୍ଗ ତହସିଲ ପ୍ରଶାସନ ବିଲଡ଼ରମାନଙ୍କୁ ସୁବିଧା ଦେବା ପାଇଁ କ୍ଷେତ୍ର ତଦନ୍ତ ବିନା ଚାଷ ଜମିର କିଶମ ପରିବର୍ତ୍ତନ କରି ଘରବାରି ଶ୍ରେଣୀକୁ ଅନୁମତି ଦେଉଥିବା ଅଭିଯୋଗ ମଧ୍ୟ ଉଠିଛି। ଏହାର ସୁଯୋଗ ନେଇ ବିଲଡ଼ରମାନେ ବଡ଼ ବଡ଼ ପାଚେରୀ ନିର୍ମାଣ କରି ପ୍ରାକୃତିକ ଜଳ ନିଷ୍କାସନ ପଥକୁ ବନ୍ଦ କରିଦେଇଥିବାରୁ ବର୍ଷାଜଳ ଚାଷ ଜମିରେ ଜମି ରହୁଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହି ପରିସ୍ଥିତିରେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି ଭାଗଚାଷୀ ଓ କ୍ଷୁଦ୍ର ଚାଷୀ। ଚାଷ ପାଇଁ ଋଣ ଓ ଧାର–ଉଧାର କରି ବିହନ, ସାର ଏବଂ ଅନ୍ୟାନ୍ୟ କୃଷି ସାମଗ୍ରୀ କିଣି ଧାନ ରୋଇଥିବା ବେଳେ ବର୍ତ୍ତମାନ ଆଖି ଆଗରେ ଫସଲ ପାଣିରେ ବୁଡ଼ି ନଷ୍ଟ ହେଉଥିବା ଦେଖି ସେମାନେ ହତାଶ ହୋଇପଡ଼ିଛନ୍ତି। କ୍ଷତିଗ୍ରସ୍ତ ଚାଷୀମାନେ ତୁରନ୍ତ ପ୍ରଶାସନ ପକ୍ଷରୁ କ୍ଷେତ୍ର ପରିଦର୍ଶନ କରି ଜଳ ନିଷ୍କାସନ ବ୍ୟବସ୍ଥାର ତୁରନ୍ତ ସୁଧାର, ଡ୍ରେନେଜ୍ ନାଳର ସଫେଇ, ବେଆଇନ୍ ପାଚେରୀ ଯୋଗୁଁ ବାଧାପ୍ରାପ୍ତ ଜଳ ନିଷ୍କାସନ ପଥର ପୁନରୁଦ୍ଧାର ପାଇଁ ଦାବି କରିଛନ୍ତି।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






## ବ୍ରାଭୁଣୀ ନଦୀ ରୁ ମୃତ ଧୀବର ଉଦ୍ଧାର

ଦେବଗଡ଼ : (ମହା ଭାରତ) ବାରକୋଟ,:ବ୍ରାଭୁଣି ନଦୀ ରେ ଭାଶି ଆସିଥିବା ଜଣେ ମୃତ ଯୁବକ କୁ ଉଦ୍ଧାର କରିଛି ବାରକୋଟ ପୋଲିସ ୟ ସୂଚନା ଅନୁଯାୟୀ ଗତ ବୁଧ ବାର ତୟ୨୨/୭ ଦିନ ଠାରୁ ସୁର୍ଗତ, ଭୀମ ନାଏକ,ଙ୍କ ପୁତ୍ର ମୃତ ହ ଲ ନାଏକ , ମାଛ ମୟରିବାପାଇଁ ତାଙ୍କ ଗ୍ରାମ ପାଖରେ ଥିବା ବ୍ରୟଭୁଣୀ ନଦୀ କୁ ଯାଇ ଥିଲେ ,ହେଲେ ନଦୀରେ ଉପରେ ମୁଣ୍ଡରେ ପ୍ରବଳ ବର୍ଷା ହେବାରୁ , ନଦୀ ରେ ସେ ଭାଷୀ ଯାଇ କିଛି ଦିନ ପୂର୍ବରୁ ନିଖୋଜ ଥିଲେ,ହେଲେ କୌଣସି ପ୍ରକାର ରୁ , କଦଳୀ ପାଲ ଗ୍ରାମ ର, ବ୍ରୟଭଣି ନଦୀ କୂଳରେ ଶବ୍ ଭାଷୀ ବାର ପରିବାର ଲୋକେ ଖବର ପାଇ ସେଠାରେ ପହ□ଦେଖି, ଥିଲେ ସେମାନେ : ବାରକୋଟ ପୋଲିସ କୁ ଖବର ଦେଇ ଥିଲେ, ବାରକୋଟ ପୋଲିସ ଏବଂ ବାରକୋଟ ଦମକଳ ବାହିନୀ ଙ୍କ ମିଳିତ ଚେଷ୍ଟାରେ ଶବକୁ ନଦୀରୁ ଉଦ୍ଧାର କରି ସବ କୁ ଜବତକରିଛି ବାରକୋଟ ପୋଲିସ ୟ ମୃତ ବ୍ୟକ୍ତି ହେଲେ ଅଙ୍ଗରୋଇଡା ଗ୍ରାମ ,ଋନ୍ଦିପୋଶି ଥାନା,ଜିଲ୍ଲା ସୁନ୍ଦରଗଡ଼, ର ବୋଲି ବାରକୋଟ ପୋଲିସ ସୂଚନା ଦେଇଛନ୍ତିୟ ଶ ବ ବ୍ୟବଛେଦ ପରେ , ପରିବାର ଲୋକଙ୍କୁ ଶ ବ ହସ୍ତାନ୍ତର କରାଯିବ ବୋଲି ବାରକୋଟ ପୋଲିସ ସୂତ୍ରରୁ ପ୍ରକାଶ ମିଳିଛିୟ

## କୁସୁମୀ ରାମଲୀଳା ପଡ଼ିଆରେ ଶ୍ରୀରାମ ମନ୍ଦିର ନିର୍ମାଣ ପାଇଁ ଭୂମୀ ପରୀକ୍ଷା



**ସମ୍ବଲପୁର,:**ବିଗତ ୯ ବର୍ଷ ଧରି ଧାର୍ମିକ ପରମ୍ପରାର ପ୍ରତୀକ ପାଲଟିଥିବା କୁସୁମୀ ଗୁଦଗୁଦା ରାସ୍ତାସ୍ଥିତ ରାମଲୀଳା ପଡ଼ିଆରେ ଶ୍ରୀରାମଙ୍କ ସ୍ୱତନ୍ତ୍ର ମନ୍ଦିର ନିର୍ମାଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଶନିବାର ଦିନ ସମଲେଶ୍ୱରୀ ମନ୍ଦିର ନିକଟସ୍ଥ ଏହି ପଡ଼ିଆରେ ମନ୍ଦିର ନିର୍ମାଣ ପୂର୍ବରୁ ବାସ୍ତୁ ଦୋଷ ନିରାକରଣ ହେତୁ ଭୂମୀ ପରୀକ୍ଷା କରାଯାଇଛି।ପ୍ରତିବର୍ଷ ଚୈତ୍ର ମାସରେ ଏଠାରେ ସାତ ଦିନ ବ୍ୟାପୀ ସ୍ଥାନୀୟ ଅଞ୍ଚଳର କଳାକାରଙ୍କ ଦ୍ୱାରା ରାମାୟଣର ସାତ କାଣ୍ଡ ଆଧାରିତ ରାମଲୀଳା ଅନୁଷ୍ଠିତ ହୋଇଆସୁଛି। ଶ୍ରଦ୍ଧାଳୁଙ୍କ ଆଗ୍ରହ ଯୋଗୁଁ ଏହି ସ୍ଥାନଟି ବର୍ତ୍ତମାନ ରାମଲୀଳା ପଡ଼ିଆ ନାମରେ ଗୁଗଲ୍ ମ୍ୟାପ୍ ରେ ମଧ୍ୟ ଚିହ୍ନଟ ହୋଇସାରିଛି।ମନ୍ଦିର ନିର୍ମାଣ ପାଇଁ ଆୟୋଜିତ ଏହି ଭୂମୀ ପରୀକ୍ଷା ତିଗିରିଆ ନିବାସୀ ତଥା ପଞ୍ଚଗାଁର ପଣ୍ଡିତ ନିରୋଦ କୁମାର ଦାସଙ୍କ ଦ୍ୱାରା ବୈଦିକ ରୀତିନୀତି ଅନୁସାରେ ସମ୍ପନ୍ନ ହୋଇଥିଲା। ଏହି ଅବସରରେ ସର୍ବ ଦେବାଦେବୀଙ୍କ ଠାରୁ ଆଶୀର୍ବାଦ ଭିକ୍ଷା ସହ ଶାନ୍ତି ପାଠ ଓ ହୋମ କରାଯାଇଥିଲା।ଏହି କାର୍ଯ୍ୟକ୍ରମରେ କର୍ତ୍ତା ଭାବେ ବିଭୂତି କଲ୍ୟାଣ ପଟେଲ ଦାୟିତ୍ୱ ଗ୍ରହଣ କରିଥିଲେ। ଏଥିରେ ଆଦିତ୍ୟ ପଟେଲ, ସତ୍ୟ ନାରାୟଣ ହୋତା,ମିତ୍ରଭାନୁ ନାଏକ, ଚନ୍ଦ୍ରଭାନୁ ନାଏକ, ସୁରୀ ମହାକୁଲ, ଚନ୍ଦ୍ରହାସ କର୍ଣ୍ଣ,ମାନସ ମହାନ୍ତି, ସୁଲୋଚନା ଦାସ, ଜ୍ୟୋତି ପଟେଲ, ଲିଲିମା ପଟେଲ, ଅରୁଣ ନାଏକ, ଦୀପକ ସାହୁ, ସୁବାସ ପଟେଲ, ଅନୁପ ପଧାନ, ସଞ୍ଜୀବ ପଟେଲ, ତାପସ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।ଆୟୋଜକମାନଙ୍କ ସୂଚନା ଅନୁସାରେ, ଆଗାମୀ ଦିନରେ ଏକ ଶୁଭ ଦିନ ଦେଖି ମନ୍ଦିର ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ। ଏହି ନିଷ୍ପତ୍ତିକୁ ନେଇ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ମଧ୍ୟରେ ବେଶ୍ ଉତ୍ସାହ ଓ ଆନନ୍ଦ ପରିଲକ୍ଷିତ ହୋଇଛି।

## ସୁସ୍ଥ ଜୀବନ ପାଇଁ ପ୍ରଦୂଷଣ ମୁକ୍ତ ପରିବେଶ ସୃଷ୍ଟି କର

**ସମ୍ବଲପୁର,:**ଆଜି 'ସମ୍ବଲପୁର ସାର୍ବଜନୀନ ଗ୍ରନ୍ଥାଗାର' ଆନୁକୂଲ୍ୟରେ ଆୟୋଜିତ ହେଉଥିବା 'ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି' ଶିବିରର ପଞ୍ଚଦଶତମ ରବିବାସରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଜିର ଏହି କାର୍ଯ୍ୟକ୍ରମରେ ୨୨ଟି ବିଦ୍ୟାଳୟରୁ ୪୩ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଆଜି ପ୍ରାରମ୍ଭରେ ପ୍ରାର୍ଥନା ପରେ ଅବସର ପ୍ରାପ୍ତ ଭାଷା- ଶିକ୍ଷକ ଶ୍ରୀ ପଦ୍ମନାଭ ମହାକୁଡ଼ 'ଚଳ ନିର୍ଭୁଲ୍ ଇଂଲିଶ୍ କହିବା' ଶିକ୍ଷା ଦେଇଥିଲେ।ପ୍ରଥମ ଅଧିବେଶନରେ 'ଜୀବନ କୌଶଳ ଶିକ୍ଷା' କାର୍ଯ୍ୟକ୍ରମରେ 'ଅହିଂସା' ଶୀର୍ଷକ ଆଲୋଚନା କରି ଡ଼.ପର୍ଶୁରାମ ମିଶ୍ର ଅଗ୍ରଗାମୀ ଶିକ୍ଷା ପ୍ରତିଷ୍ଠାନର ପ୍ରାକ୍ତନ ଅଧ୍ୟକ୍ଷ ଡ଼. ମୀନକେତନ ପାଠୀ ଅହିଂସା ଆଚରଣ ଦ୍ୱାରା ଶାନ୍ତିପୂର୍ଣ୍ଣ ସହାବସ୍ଥାନ ସମ୍ଭବ ବୋଲି କହିଥିଲେ । ଦ୍ୱିତୀୟ ଅଧିବେଶନରେ 'ସ୍ୱାସ୍ଥ୍ୟ ସଚେତନତା ଶିକ୍ଷା' କାର୍ଯ୍ୟକ୍ରମରେ ବିଶିଷ୍ଟ ଚକ୍ଷୁ ରୋଗ ବିଶେଷଜ୍ଞ ଡାକ୍ତର ସୁରେଶ ଚନ୍ଦ୍ର ଦାନୀ କକ୍ଷ-ପ୍ରଦୂଷଣ ସମ୍ପର୍କରେ ଆଲୋଚନା କରି 'ସୁସ୍ଥ ଜୀବନ ପାଇଁ, ପ୍ରଦୂଷଣ ମୁକ୍ତ ପରିବେଶ ସୃଷ୍ଟି କର' ବୋଲି ଶିକ୍ଷାର୍ଥୀଙ୍କୁ ବୁଝାଇ ଥିଲେ ।

## ଚାରି ମାସ ହେଲାଣି ମିଳୁନି ବସୁଧା ପାଣି

# ପାଣି ଟୋପାଏ ପାଇଁ ଡହକ ବିକଳ ଲୋକେ



ପାଟଣାଗଡ, ( ମହାଭାରତ ) ରାଜ୍ୟ ସରକାର ଘରକୁ ଘର ବିଶୁଦ୍ଧ ପାଣି ଯୋଗାଇବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ହେଲେ କୋଟିଏ ଟଙ୍କାର ପାଣି ଟୋପାଏ ବି ପିଇବା ପାଇଁ ଲୋକଙ୍କ ଘରେ ପହଞ୍ଚି ପାରୁନାହିଁ । କେଉଁଠି ବସୁଧା ବର୍ଷ ବର୍ଷ ଧରି ନିର୍ମାଣ ଚାଲିଛି ତୋ ଆଉ କେଉଁଠି ନିର୍ମାଣ ଧୀନ ଅବସ୍ଥାରେ ହିଁ ଖରାପ ହୋଇ ଯାଉଛି । ସୂଚନା ମୁତାବକ ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ବ୍ଲକ ଧାତୁକ ଗ୍ରାମ ପଞ୍ଚାୟତର ଧାତୁକ ଗାଁରେ ଦୀର୍ଘ ଚାରି ପାଞ୍ଚ ମାସ ହେଲାଣି ବନ୍ଦ ପଡି ରହିଛି ବସୁଧା ଯୋଜନା । ଏହି ଗାଁରେ ମୋଟ ବାରରୁ ତେର ଶହ ଲୋକ ବସ ବାସ କରୁ କରୁଛନ୍ତି । ହେଲେ ଅନେକ ଗୁଡିକ ନଳକୂପ ଅଚଳା ଅବସ୍ଥାରେ ପଡ଼ି ରହିଥିବାରୁ ପାଣି ଟୋପାଏ ପାଇଁ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଗ୍ରାମବାସି । ଗ୍ରାମବାସୀଙ୍କ କହିବା ଅନୁଯାଇ ବସୁଧା ଯୋଜନା ଠିକ ଠାକ ଚାଲିଥିଲା ଯେତେବେଳେ ଆର ଡି ରୋଡ ତିଆରି ହେଲା ସେହି ସମୟରେ ଠିକାଦାର କେତେକ ଜାଗାରେ ପୋଲ ନିର୍ମାଣ କରୁଥିବା ସମୟରେ ରାସ୍ତା ପାର୍ଶ୍ୱରେ ଯାଇଥିବା ପାଇବଗୁଡିକ କାଟି ଦେଇ ଚାଲିଗଲା । ଠିକାଦାରଙ୍କୁ ଫୋନ ଯୋଗେ ଯୋଗାଯୋଗ କରିଥିଲେ ମଧ୍ୟ କିଛି ଉତ୍ତର ଦେଇ ନଥିଲା । ସ୍ଥାନୀୟ ଜନପ୍ରତିନିଧି ଠାରୁ ଆରମ୍ଭ କରି ଆର ଡବ୍ଲୁ ଏସ ଏସ ପ୍ରଯ୍ୟନ୍ତ ଜଣାଇ ଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିବା ଅଭିଯୋଗ କରିଛନ୍ତି ଗାଁ ଲୋକେ ।

## ମୁଁ କାହିଁକି ବୈଜ୍ଞାନିକ ହେବି କର୍ମଶାଳା ଆୟୋଜିତ



**ରାଉରକେଲା,:** ମୁଁ କାହିଁକି ବୈଜ୍ଞାନିକ ହେବି, ଏହି ସମ୍ପର୍କରେ ଏକ କର୍ମଶାଳା ଏସଏସଆରଭିଏମ୍ ପରିଚାଳିତ ସେକ୍ଟର ୨୦ ସ୍ଥିତ ଇସ୍ପାତ ଇଂଲିଶ ମାଧ୍ୟମିକ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷା ଡ ଖୁସବୁ ଜ୍ୟୋତିଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ସ୍ଥିତ ପ୍ରତିରକ୍ଷା କେନ୍ଦ୍ରର ବୈଜ୍ଞାନିକ ଡ ରତ୍ନାକର ଏସ ମହାପାତ୍ର ବିଷୟ ବିଶେଷଜ୍ଞ ଭାବେ ଯୋଗଦେଇ ଆଲୋଚ୍ୟ ପ୍ରସଙ୍ଗରେ ମତ ରଖିଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଲେ ଯେ ବିଜ୍ଞାନ କଣ ଓ କାହିଁକି ଜାଣିବା ହେଉଛି ବିଜ୍ଞାନ। କୌଣସି ବିଷୟରେ ଜାଣିବା ଓ କାହିଁକିର କାରଣ ଖୋଜିବା, ତଥା କେମେଷ୍ଟ୍ରୀ, ଫିଜିକ୍ସ ଓ ଗଣିତ ବ୍ୟବହାର କରି ସଠିକ ଲକ୍ଷ୍ୟ ନିରୁପଣ କରିବା ହିଁ ବିଜ୍ଞାନ। ଏହାସହ ମିସାଇଲ ବ୍ୟକ୍ତି ପ୍ରାକ୍ତନ ରାଷ୍ଟ୍ରପତି ଡ ଅବଦୁଲ କଲାମଙ୍କ ଓଡିଶା ସହ ସମ୍ପର୍କରେ ବକ୍ତବ୍ୟ ରଖିବା ସହ ବୈଜ୍ଞାନିକ ହେବାକୁ ହେଲେ ସେ ଛାତ୍ର ସମାଜକୁ ସ୍ୱପ୍ନ ଦେଖିବା ପାଇଁ ଆହ୍ୱାନ ଦେଇଥିଲେ।ଏଥିସହ ଚେଷ୍ଟା ନକରିବା ବିଫଳତାର ପ୍ରଥମ ପାହାଚ ସହ ନିରନ୍ତର ପ୍ରୟାସ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରାଯାଇ ଛାତ୍ର ଛାତ୍ରୀଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଡ ମହାପାତ୍ର ଦେଇଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ସୁପ୍ରିୟା ବରୁଆଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ନିର୍ଦ୍ଦେଶକ ଡ ଗିରିଜା ଶଙ୍କର ଦାସ ଓ ବିଦ୍ୟାଳୟର ଅଧକ୍ଷା ଡ ଖୁସବୁ ଜ୍ୟୋତି ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷୟିତ୍ରୀ ସୁସ୍ମିତା ପଟ୍ଟନାୟକ, ଶିବାନୀ ବହିଦାର, ମଧୁମିତା ଷଡ଼ଙ୍ଗୀ ଓ ଅନ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପାଟଣାଗଡ଼ ବିକାଶ ମଞ୍ଚର ନବମ ଅଧିବେଶନ ଅନୁଷ୍ଠିତ



ପାଟଣାଗଡ ( ମହାଭାରତ ) ପାଟଣାଗଡ଼ ସୁଭଦ୍ରା ଭବନ ଠାରେ ବିକାଶ ମଞ୍ଚ ଏକ ଗୁରୁତ୍ୱ ବୈଠକ ରୋହିତ ବହିଦାରଙ୍କ ସଭାପତିତ୍ୱରେ ତାରିଖ ୨୪- ୦୭ - ୨୦୨୬ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଥିଲା । ଏହି ଅବସରେ ମଞ୍ଚର ପଞ୍ଜିକରଣ ଜିଲ୍ଲା କାର୍ଯ୍ୟଳୟ ହୋଇ ଯାଇଥିବାରୁ ଶ୍ରୀ ଅନିରୁଦ୍ଧ ବୁଢ଼େକ ସୂଚନା ପ୍ରଦାନ କରିବା ସଙ୍ଗେ ସଙ୍ଗେ ଆଗାମୀ ଦିନର କାର୍ଯ୍ୟକଳାପ ବିଷୟରେ ଆଲୋକପାତ କରିଥିଲେ । ଉପସ୍ଥିତ ସମସ୍ତ ସଭ୍ୟ ଆଲୋଚନାରେ ଅଂଶ ଗ୍ରହଣ କରି ନିଜ ନିଜର ସୁଚିନ୍ତିତ ମତାମତ ଦେଇଥିଲେ। ଏହି ଅଧିବେଶନରେ ପାଟଣାଗଡ଼ ବିକାଶ ମଞ୍ଚ ଜନ ସମ୍ପର୍କ ଅଧିକାରୀ ରୂପେ ଶ୍ରୀ ନିରାକାର ପ୍ରଧାନଙ୍କୁ ଶ୍ରୀ ଭାଗ୍ୟବାନ ବିଶ୍ୱାଳ ଙ୍କୁ ସଂସ୍କୃତିକ ସମ୍ପାଦକ ରୂପେ ଏବଂ ଶ୍ରୀ ଯୋଗେଶ୍ୱର ଭୋଇ ଙ୍କୁ ସହକାରୀ ସଂସ୍କୃତିକ ରୂପେ ସର୍ବସାମ୍ମତି କ୍ରମେ ନିର୍ଦ୍ୱନ୍ଦରେ ନିର୍ବାଚିତ କରାଗଲା । ନୂତନ କରି ସଦସ୍ୟତା ଗ୍ରହଣ କରିଥିବା ନିରାକାର ପଧାନ ମୁନି ବାଗ ଯୋଗେଶ୍ୱର ଭୋଇ ଓ କିଶୋର କୁମାର ମହାଲିଙ୍ଗଙ୍କୁ ରମେଶ କୁମ୍ଭାର ଓ ସଂଗଠନ ସମ୍ପାଦକ ସଦାନନ୍ଦ ଛତ୍ରିଆ ଓ ସହ ସଙ୍ଗଠନ ସମ୍ପାଦକ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ । ସଭାରେ ଗତ ଆର୍ଥିକ ବର୍ଷର ଆୟ ବ୍ୟୟ ବିବରଣୀ କେଶିୟର ଅର୍ଜୁନ ଦୀପ ଉପସ୍ଥାପନ କରି ପ୍ରସ୍ତାବ ଆଗତ କରିଥିଲେ ଯେ ପାଣ୍ଠିକୁ ସ୍ୱଚ୍ଛତା ରଖିବା ପାଇଁ ଆଗାମୀ ଦିନରେ ଉକ୍ତ ଅନୁମୋଦିତ ଆର୍ଥିକ ବିବରଣୀକୁ ସ୍ଥାନୀୟ ଖବର କାଗଜରେ ପ୍ରକାଶ କରାଯିବ । ଅଧିବେଶନରେ ମଞ୍ଚର ମାନ୍ୟବର ସଦସ୍ୟ ଶ୍ରୀ ବ୍ରଜବନ୍ଧୁ ଠାକୁରଙ୍କୁ ତାଙ୍କ ସାହିତ୍ୟ କଳାକୃତି ଓ କବିତା ପାଇଁ ବ୍ଲୁଷ୍ଟାର ପବ୍ଲିକେସନ ପକ୍ଷରୁ ଷ୍ଟାର ଡଷ୍ଟ ଲିଗାସୀ ଆୱାର୍ଡ ଏବଂ ପ୍ରିଜମ ଅଫ ପଏଟରୀ ଆୱାର୍ଡ ୨୦୨୬ ଦିଆଯାଇ ସମ୍ମାନିତ କରାଗଲା । ସେହିଭଳି ଶ୍ରୀ ସଦାନନ୍ଦ ଛତ୍ରିଆ ଗତ ୩୧-୦୫-୨୦୨୬ ରେ ଜୀବନ ନିଗମ ପ୍ରଶାସନିକ ଅଧିକାରୀ ପଦରୁ ଅବସର କରି ନିଜକୁ ସମାଜ ସେବା କାର୍ଯ୍ୟରେ ସମର୍ପିତ କରିଥିବାରୁ ତାଙ୍କୁ ସମ୍ମାନିତ କରାଗଲା । ବୈଠକ ସମାପ୍ତି ପୂର୍ବରୁ ସମସ୍ତ ସଭ୍ୟ ଆଗାମୀ ଦିନରେ ବୃକ୍ଷ ରୋପଣ ବୃଦ୍ଧକ୍ଷ ବୃଦ୍ଧି ମାନଙ୍କୁ ସାମାଜିକ ନିରାପତ୍ତା ଅସହାୟ ଓ ଅନାଥ ସେବା କରିବା ପାଇଁ ସଙ୍କଳ୍ପ ନେଇଥିଲେ । ଶେଷରେ ମଞ୍ଚର ଉପସଭାପତି ଶ୍ରୀ ଗଗନ ବିହାରୀ ଦାସ ତାଙ୍କର ସଂକ୍ଷିପ୍ତ ଭାଷଣ ସହିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ ।

## ପୁଣି ଆରମ୍ଭ ହେଲା ରାତାରାତି ବାଲି ଚୋରା ଚାଲାଣ

## ଘର ଭିତରକୁ ପଶିଲା ବାଲି ବୋଝେଇ ହାଇୱା ଅଳ୍ପକେ ବର୍ତ୍ତିଲେ ପରିବାର ଲୋକ




ଆସିକା(ମହାଭାରତ)ପୁଣି ଆସିକା ସୋରଡ଼ା ଅଞ୍ଚଳରେ ଆରମ୍ଭ ହେଲା ରାତାରାତି ବାଲି ଚୋରା ଚାଲାଣ ଘର ଭିତରକୁ ପଶିଲା ବାଲି ବୋଝେଇ ହାଇୱା ଅଳ୍ପକେ ବର୍ତ୍ତିଲେ ପରିବାର ଲୋକେକ୍ଷ ଏହିଭଳି ଏକ ଲୋମହର୍ଷଣ କାରି ଘଟଣା ଘଟିଛି ଆସିକା ନିକଟ ଆର୍. ଦମୋଦର ପଲ୍ଲୀ ଗ୍ରାମରେ।ଏଥିରେ କେହି ମୃତାହତ ହୋଇନଥିବା ବେଳେ ଗାଡ଼ିର ଡ୍ରାଇଭର ଗୁରୁତର ହୋଇଛନ୍ତି। ପ୍ରକାଶ ଥାଉକି ଜି ଦାମଦର ପଲ୍ଲୀ ଦେଇ ଯାଇଥିବା ୫୯ ନମ୍ବର ଜତୀୟ ରାଜପଥରେ ସୋରଡାର ଏକ ବେଆଇନ ବାଲି ଘାଟରୁ ବାଲି ବୋଝେଇ ହୋଇ ରାତାରାତି ୨୨ ଗୋଟି ହାଇୱା ଦ୍ରୁତ ଗତିରେ ବ୍ରହ୍ମପୁର ଅଭିମୁଖେ ଯାଉଥିବା ବେଳେ ଦ୍ରୁତ ଓ ବେପରୁଆ ଗାଡି ଚଳନା ଯୋଗୁଁ ଓ ଡ଼ି ୦୭ ଏ ଜେଡ୍ ୦୯୪୭ ନମ୍ବର ବିଶିଷ୍ଟ ଏକ ବାଲି ବୋଝେଇ ହାଇୱା ରାତ୍ର ୨ଟା ସମୟରେ ଭାରସ୍ୟାମ ହରାଇ କେ ବାଇରୀ ଆଚାରୀଙ୍କ ଘର ସମ୍ମୁଖରେ ଥିବା ଏକ ବିଦ୍ୟୁତ ଟ୍ରାନସଫର୍ମର କୁ ପ୍ରଥମେ ଧକ୍କା ଦେଇ ଘର ଭିତରକୁ ପଶିଯାଇଥିଲାୟ ଏଥିରେ ଗାଡି ଡ୍ରାଇଭର ଗୁରୁତର ହୋଇଥିଲା ବେଳେ ଏକ ନିଶ୍ଚିତ ମୃତ୍ୟୁ ମୁଖରୁ ପରିବାର ଲୋକେ ଅଳ୍ପକେ ବର୍ତ୍ତି ଯାଇଛନ୍ତି।ଘଟଣା ସ୍ଥଳରେ ପୋଲିସ୍ ପହଞ୍ଚି ଘଟଣାର ତଦନ୍ତ କରି ଗାଡିଟିକୁ ଜବତ କରିଛି । ପ୍ରକାଶ ଥାଉକି ନୂତନ ବିଜେପି ସରକାର ଆସିବା ପରେ ବାଲି ଚୋରା ଚଲାଣକୁ ନେଇ ବିପୁଳ ରାଜସ୍ୱ କ୍ଷତି ଘଟିଛି। ଏଥି ପାଇଁ ବାଲି ମାଫିଆ ମାନଙ୍କୁ ବିରୋଧ କରି ଗ୍ରାମବାସୀଙ୍କ ସହ ମୁହାଁମୁହିଁ, ରାସ୍ତାରୋକ ସାଙ୍ଗକୁ ଅନେକ ବାଲି ମାଫିଆ ମାନେ ବିରୋଧ କରୁଥିବା ଲୋକଙ୍କୁ ଓ ତହସିଲଦାର,ଖଣି ଅଧିକାରୀ ମାନଙ୍କୁ ହତ୍ୟା ସାଙ୍ଗକୁ ବାଲି ଗାଡି ମଡ଼ାଇ ଆକ୍ରମଣ କରିବା ଘଟଣା ରାଜ୍ୟର ପ୍ରମୁଖ ଘଟଣା ହୋଇଛି। ଶେଷରେ ନିଜେ ସରକାର ସମସ୍ତ ବାଲି ଚୋରା ଚାଲାଣ ବନ୍ଦ କରିଥିଲେୟ କିନ୍ତୁ ଦୁଃଖ ଓ ପରିତାପର ବିଷୟ ସରକାରୀ ଦଳର ରାଜନେତା ଓ ଦଳୀୟ ଲୋକଙ୍କୁ ଅଧିକ ଅନୁକମ୍ପା ଦେଖାଇ ଟେଣ୍ଡର ନକରି ଅସ୍ଥାୟୀ ଭାବେ ସ୍ଥାନୀୟ ଖଣିବିଭାଗ ପୋଲିସ, ତହସିଲଦାର ଉପରେ ଚାପ ପକାଇ ପୁଣି ନାମକୁ ମାତ୍ର ଅସ୍ଥାୟୀ ବାଲି ଟେଣ୍ଡର କରି ସେହି ପୁରୁଣା ଦଳୀୟ ବାଲି ମାଫିଆ ମାନଙ୍କୁ ବେନିୟମ ଭାବେ ବାଲି ଘାଟ ପ୍ରଦାନ କରାଯାଇଛି। ସେମାନେ ଏକ ନିର୍ଦ୍ଦିଷ୍ଟ ବାଲି ଘାଟରୁ ବାଲି ନନେଇ ନଦୀର ବିଭିନ୍ନ ସ୍ଥାନରୁ ୱାୟୀ ଫର୍ମ (ବାଲି ଟିକସ ) ନ କାଟି ଚୋରାରେ ରାତି ତମାମ ନଦୀ ଭିତରେ ଏକାଧିକ ବଡ଼ ବଡ଼ ଜେସିବି ମେସିନ ଲଗାଇ ଶହ ଶହ ହାଇୱା ବାଲି ଜିଲ୍ଲା ର ବିଭିନ୍ନ ସହର ତଥା ପଡୋଶୀ ଆନ୍ଧ୍ରପ୍ରଦେଶ, ଛତିଶଗଡ଼ ଆଦି ରାଜ୍ୟକୁ ବାଲି ଚୋରା ଚାଲାଣ କରିଛନ୍ତି।

## ପାରଳା କଳା ସଂସ୍କୃତି ଟ୍ରଷ୍ଟ ପକ୍ଷରୁ ବିଶାଳ ପ୍ରସାଦ ସେବନ କାର୍ଯ୍ୟକ୍ରମ, ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ




ପାରଳାଖେମୁଣ୍ଡି(ମହାଭାରତ): ପବିତ୍ର ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଅବସରରେ ପାରଳା କଳା ସଂସ୍କୃତି ଟ୍ରଷ୍ଟ ପକ୍ଷରୁ ଏକ ବିଶାଳ ପ୍ରସାଦ ସେବନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଆଧାତ୍ମିକ ଓ ସେବାମୂଳକ କାର୍ଯ୍ୟକ୍ରମରେ ହଜାର ହଜାର ଶ୍ରଦ୍ଧାଳୁ ଯୋଗଦେଇ ମହାପ୍ରସାଦ ସେବନ କରିଥିଲେ।ଏହି ଅବସରରେ ପାରଳାଖେମୁଣ୍ଡି ବିଧାୟକ ରୂପେଶ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭକ୍ତମାନଙ୍କ ସହ ମହାପ୍ରସାଦ ସେବନ କରିବା ସହ ଆୟୋଜକମାନଙ୍କ ସେବାଭାବକୁ ପ୍ରଶଂସା କରିଥିଲେ। ସେହିପରି ହାଇଟେକ୍ ଗ୍ରୁପର ଅଧକ୍ଷ ଡ଼ଃ ତିରୁପତି ପାଣିଗ୍ରାହୀ ଉପସ୍ଥିତ ରହି ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ସମସ୍ତଙ୍କ ଉପରେ ବର୍ଷିତ ହେଉ ବୋଲି କାମନା କରିଥିଲେ।କାର୍ଯ୍ୟକ୍ରମରେ ଟ୍ରଷ୍ଟର ସଦସ୍ୟ, ବହୁ ବିଶିଷ୍ଟ ବ୍ୟକ୍ତି, ସମାଜସେବୀ ଓ ସ୍ୱେଚ୍ଛାସେବକମାନେ ଶୃଙ୍ଖଳିତ ଭାବରେ ପ୍ରସାଦ ବ□ନ କରିଥିଲେ। ଭକ୍ତମାନଙ୍କ ପାଇଁ ସୁଚାରୁ ଭାବେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିବାରୁ ସମସ୍ତଙ୍କ ପ୍ରଶଂସା ସାଉଁଟିଥିଲା।ରଥଯାତ୍ରାର ପବିତ୍ର ପରିବେଶରେ ଅନୁଷ୍ଠିତ ଏହି ପ୍ରସାଦ ସେବନ କାର୍ଯ୍ୟକ୍ରମ ଭକ୍ତି, ସେବା ଓ ସାମାଜିକ ସଦ୍ଭାବର ଏକ ଉଜ୍ଜ୍ୱଳ ନିଦର୍ଶନ ପାଲଟିଥିଲା।

## ନାଗାବଳୀ ଲାୟନ୍ସ କ୍ଲବ ତରଫରୁ ଜପାଖାଲ ସେବାଶ୍ରମରେ ବୃକ୍ଷରୋପଣ



**ରାୟଗଡ,:**ସୁସ୍ଥ ଓ ସବୁଜ ପରିବେଶ ଗଠନ ଦିଗରେ ଆଉ ଏକ ପଦକ୍ଷେପୟ ଲାୟନ୍ସ କ୍ଲବ୍ ନାଗାବଳୀ, ରାୟଗଡ ତରଫରୁ ହାଲୁଆ ଗ୍ରାମପଞ୍ଚାୟତର ଜପାଖାଲ ସେବାଶ୍ରମରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି।ଜୋନ୍ ଅଧକ୍ଷ ଡଃ ଦୁଷ୍ମନ୍ତ କୁମାର ମହାନ୍ତିଙ୍କ ନେତୃତ୍ୱରେ ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ସୁଜାତା ଜେନାଙ୍କ ପ୍ରତ୍ୟକ୍ଷ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କ୍ଲବ ସଭାପତି ଲାଏନ୍ ଡଃ ବିପିନ ବିହାରୀ ବିଶ୍ୱାଳ, ସମ୍ପାଦକ ସୁଦର୍ଶନ ପାଢ଼ୀ, କୋଷାଧ୍ୟକ୍ଷ ରାଜେନ୍ଦ୍ର କୁମାର ସାହୁ, ଉପ ସଭାପତି ଲାଏନ୍ ଅଜିତ ପାଣିଗ୍ରାହୀ, ଲାଏନ୍ ରୁବିରାଣୀ କୁଣ୍ଡୁ, ଲାଏନ୍ ଡଃ କୃଷ୍ଣପ୍ରିୟ ସାହାଣୀ, ଡଃ ନବ କିଶୋର କୁଣ୍ଡୁ, ଅରୁଣ ପାଣିଗ୍ରାହୀ, ମନ୍ମଥ ତୁଳ ପ୍ରମୁଖ ଉପସ୍ଥିତ ଥିଲେ। ଏହା ସହିତ ଜପାଖାଲ ସେବାଶ୍ରମର ଶିକ୍ଷକ ଶିକ୍ଷୟିତ୍ରୀ ତନୁଶ୍ରୀ ସାହୁକାର, ମୁଟିକା କାହ୍ନୁ, ସରୋଜ କୁମାର ଗୌଡ଼, ସୁଦର୍ଶନ ସେନାପତି ଏବଂ ଛାତ୍ରଛାତ୍ରୀମାନେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।ଏହି ଅବସରେ ଲିଚୁ, ଆମ୍ବ, ପିଜୁଳି, ଲେମ୍ବୁ, ପଣସ, ସୀତାଫଳ, ଅଁଳା, ବଉଳ ଆଦି ଫଳଦାୟୀ ବୃକ୍ଷ ରୋପଣ କରାଯାଇଥିଲା। ଆଗାମୀ ଦିନରେ ରାୟଗଡ ସମେତ ଆଖପାଖ ଗ୍ରାମାନଙ୍କରେ ମଧ୍ୟ ବ୍ୟାପକ ବୃକ୍ଷରୋପଣ କରାଯିବ ବୋଲି କ୍ଲବ ପକ୍ଷରୁ ସୂଚନା ଦିଆଯାଇଛି।

## ଛାତ୍ର ଛାତ୍ରୀଙ୍କ ସ୍ୱରକୁ ଦମନ ବିରୋଧରେ କଂଗ୍ରେସର ପ୍ରତିବାଦ




ଆସିକା (ମହାଭାରତ)ଦେଶ ବ୍ୟାପି ଚାଲିଥିବା ଛାତ୍ର ଆନ୍ଦୋଳନ ଦମନ କରିବା ପାଇଁ କେନ୍ଦ୍ର ବିଜେପି ସରକାର ଛାତ୍ର ଛାତ୍ରୀଙ୍କ ଉପରେ ଅଗଣତାନ୍ତ୍ରିକ ମାନବିକତା ବିହୀନ ଆକ୍ରମଣ ପ୍ରତିବାଦରେ ଜତୀୟ କଂଗ୍ରେସର କେନ୍ଦ୍ର କମିଟି ଆହ୍ୱାନ କ୍ରମେ ଦେଶର ସମସ୍ତ ବ୍ଲକ ଠାରେ ଆନ୍ଦୋଳନ ପାଇଁ ନିଷ୍ପତ୍ତି କ୍ରମେ ଆଜି ଆସିକା ବ୍ଲକ କଂଗ୍ରେସ ପକ୍ଷରୁ ଆସିକା ବିଜୁ ପଟ୍ଟନାୟକ ଛକ ଠାରେ ଆଜି ଅପରାହ୍ନ ରେ ଗଞ୍ଜାମ ପଶ୍ଚିମକଂଗ୍ରେସ ସଭାପତି କାଡମ.ଦଣ୍ଡପାଣି ପାତ୍ର ଙ୍କ ନେତୃତ୍ୱରେ ଏହି ବିକ୍ଷୋଭ ସାଙ୍ଗକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଧର୍ମେନ୍ଦ୍ର ପ୍ରଧାନ ଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା।ଏହି ପ୍ରତିବାଦ ସଭାରେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ରାଘବ ପରିଡା, ଯୁବ କଂଗ୍ରେସ ନେତା ସୁଶାନ୍ତ ରାଉତ,ହଜାରୀ ପରିଡା, ବଳରାମ ନାହାକ, ଶ୍ରୀକାନ୍ତ ଜେନା ସମେତ ଶତାଧିକ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ। ନିକଟରେ ଚଳିତ ଅଧିବେଶନ ରେ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି ସଂସଦରେ ଦେଶରେ ଛାତ୍ର ଆନ୍ଦୋଳନ ଏକ ଦୁର୍ଭାଗ୍ୟନଣଙ୍କ ବୋଲି ମନ୍ତବ୍ୟ ଦେବା ଓ ଆଜି ଛାତ୍ର ମାନଙ୍କ ଦାବୀ କ୍ରମେ ପ୍ରଧାନମନ୍ତ୍ରୀ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଙ୍କୁ ଇସ୍ତଫା ଦେବା ପାଇଁ କହିବା ନୀତିକୁ ଦୃଢ଼ ବିରୋଧ କରିବା ସହ ଛାତ୍ରଙ୍କ ଦାବୀ ପୂରଣ କରିବା ପାଇଁ କଂଗ୍ରେସ ପକ୍ଷରୁ କୁଶ ପୁତ୍ତଳିକା ଦାହ କରିଥିଲେ।



# ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ



ସୋମବାର, ୨୭ ଜୁଲାଇ, ୨୦୨୬



## ପେପର୍ ଲିକ୍ ରୋକିବାକୁ କଠୋର ଆଇନ, ଦୋଷୀଙ୍କୁ ୧୦ ବର୍ଷ ଜେଲ୍ ଓ ୧୦ କୋଟି ଜରିମାନା

ନୂଆଦିଲ୍ଲୀ: ପେପର୍ ଲିକ୍ ରୋକିବାକୁ କଠୋର ହେବ ଦଣ୍ଡ । ପରୀକ୍ଷା ମାଫିଆଙ୍କ ପାଇଁ ଆହୁରି କଡ଼ା ହେବ ଆଇନ । ୩ ମାସରେ ବିଚାର, ସଂଗଠିତ ଅପରାଧରେ ୧୦ ବର୍ଷ ଜେଲ୍ ଓ ୧୦ କୋଟି ଜରିମାନା । ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଓ ଅନିୟମିତତା ବିରୋଧରେ ଆହୁରି କଠୋର ହେବାକୁ ଯାଉଛନ୍ତି କେନ୍ଦ୍ର ସରକାର । ସୋମବାର ଲୋକସଭାରେ ଆସିବାକୁ ଥିବା ନୂଆ ସଂଶୋଧନ ବିଲ୍ ରେ ଜେଲ୍ ଦଣ୍ଡ ଓ ଜରିମାନା ବୃଦ୍ଧି ସହ ମାମଲାର ଶୀଘ୍ର ବିଚାର ପାଇଁ ଫାଷ୍ଟ ଟ୍ରାକ୍ କୋର୍ଟର ବ୍ୟବସ୍ଥା ରହିବ। ଚାର୍ଜସିଟ୍ ଦାଖଲ ହେବାର ୩ ମାସ ମଧ୍ୟରେ ବିଚାର ଶେଷ କରିବା ଏହାର ମୁଖ୍ୟ ଲକ୍ଷ୍ୟ ରହିଛି।

ଦିଲ୍ଲୀ ସମେତ ଦେଶର ବିଭିନ୍ନ ସ୍ଥାନରେ ଛାତ୍ରଛାତ୍ରୀ ଓ ସିଜେପିର ତୀବ୍ର ଆନ୍ଦୋଳନ ପରେ ଚଙ୍କଭ-କ୍ଷସମ ରଙ୍ଘବଙ୍କସଭବଙ୍ଗସକ୍ଟଭଙ୍ଗ ଆକ୍ଟ ୨୦୨୪ରେ ବ୍ୟାପକ ସଂଶୋଧନ ଆଣିବାକୁ ସରକାର ପ୍ରସ୍ତୁତ ହୋଇଛନ୍ତି। ସୋମବାର ମନ୍ତ୍ରୀ ଜିତେନ୍ଦ୍ର ସିଂହ ଲୋକସଭାରେ ଏହି ବିଲ୍ ଉପସ୍ଥାପନ କରିବେ। ନୂଆ ବ୍ୟବସ୍ଥାରେ ସ୍ପେଶାଲ୍ ଟାସ୍କ ଫୋର୍ସ ଗଠନ, ନିର୍ଦ୍ଧାରିତ ସମୟ ମଧ୍ୟରେ ତଦନ୍ତ ଏବଂ ବିଚାର ସମୟରେ ପ୍ରତିଦିନ ଶୁଣାଣି ପାଇଁ ବ୍ୟବସ୍ଥା ରଖିବାର ପ୍ରସ୍ତାବ ରହିଛି। ପ୍ରସ୍ତାବିତ ଆଇନ ଅନୁସାରେ ପରୀକ୍ଷାରେ 'ଅନୁଚିତ ଉପାୟ ଓ ଅପରାଧ'ରେ ଦୋଷୀ ସାବ୍ୟସ୍ତ ବ୍ୟକ୍ତିଙ୍କୁ ସର୍ବନିମ୍ନ ୫ ବର୍ଷରୁ ସର୍ବାଧିକ ୧୦ ବର୍ଷ ପର୍ଯ୍ୟନ୍ତ ଜେଲ୍ ହୋଇପାରିବ। ଏହାସହ ୫୦ ଲକ୍ଷ ପର୍ଯ୍ୟନ୍ତ ଜରିମାନା ଲାଗିପାରିବ। ବର୍ତ୍ତମାନ ଆଇନରେ ଏଥିପାଇଁ ୩ରୁ ୫ ବର୍ଷ ଜେଲ୍ ଏବଂ ୧୦ ଲକ୍ଷ ଜରିମାନାର ବ୍ୟବସ୍ଥା ରହିଛି। ପରୀକ୍ଷା





ପରିଚାଳନା ସହ ଜଡ଼ିତ କୌଣସି ସର୍ଭିସ୍ ପ୍ରୋଭାଇଡର ଦୋଷୀ ସାବ୍ୟସ୍ତ ହେଲେ ୫ କୋଟି ଜରିମାନା ହୋଇପାରିବ। ଏହାସହ ପରୀକ୍ଷା ପରିଚାଳନାର ଆନୁପାତିକ ଖର୍ଚ୍ଚ ମଧ୍ୟ ସମ୍ପୃକ୍ତ ସଂସ୍ଥାଠାରୁ ଆଦାୟ କରାଯିବ ଏବଂ ୮ ବର୍ଷ ପର୍ଯ୍ୟନ୍ତ କୌଣସି ସରକାରୀ ପରୀକ୍ଷା ପରିଚାଳନା ଦାୟିତ୍ୱ ଦିଆଯିବ ନାହିଁ। ବର୍ତ୍ତମାନ ଆଇନରେ ଏହି ଜରିମାନା ୧ କୋଟି ଓ ପ୍ରତିବନ୍ଧକ ଅବଧି ୪ ବର୍ଷ ରହିଛି। ତଦନ୍ତରେ ସର୍ଭିସ୍ ପ୍ରୋଭାଇଡର ସଂସ୍ଥାର କୌଣସି ନିର୍ଦ୍ଦେଶକ, ବରିଷ୍ଠ ପରିଚାଳନା ଅଧିକାରୀ କିମ୍ବା ଦାୟିତ୍ୱରେ ଥିବା ବ୍ୟକ୍ତି ଦୋଷୀ ମିଳିଲେ ସେମାନଙ୍କ ପାଇଁ ସର୍ବନିମ୍ନ ଜେଲ୍ ଅବଧି ୩ ବର୍ଷରୁ ୫ ବର୍ଷକୁ ଏବଂ ଜରିମାନା ୨ କୋଟିରୁ ୫ କୋଟିକୁ ବୃଦ୍ଧି କରିବା ପ୍ରସ୍ତାବ ରହିଛି।

ସେପଟେ ସଂଗଠିତ ଭାବେ ପେପର୍ ଲିକ୍ କରାଯାଇଥିବା ମାମଲାରେ ଆହୁରି କଠୋର ଦଣ୍ଡ ପ୍ରସ୍ତାବ ରହିଛି। ଏଭଳି ଅପରାଧରେ ସମ୍ପୃକ୍ତ ବ୍ୟକ୍ତି କିମ୍ବା ଗୋଷ୍ଠୀକୁ ସର୍ବନିମ୍ନ ୭ ବର୍ଷରୁ ସର୍ବାଧିକ ୧୦ ବର୍ଷ ଜେଲ୍ ସହ ୧୦ କୋଟି ଜରିମାନା ଦେବାକୁ ପଡ଼ିପାରେ। ସରକାରଙ୍କ କହିବା ଅନୁସାରେ, ଗତ କିଛି ବର୍ଷରେ ବିଭିନ୍ନ ସରକାରୀ ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ଓ ଅନିୟମିତତାର ଘଟଣା ପରୀକ୍ଷା ବ୍ୟବସ୍ଥାର ସ୍ୱଚ୍ଛତା ଓ ବିଶ୍ୱସନୀୟତାକୁ ପ୍ରଭାବିତ କରିଛି। ତେଣୁ ପରୀକ୍ଷା ବ୍ୟବସ୍ଥାକୁ ଅଧିକ ବିଶ୍ୱସନୀୟ କରିବା ସହ ତଦନ୍ତ ଓ ବିଚାରକୁ ସମୟସୀମା ମଧ୍ୟରେ ଶେଷ କରିବା ଲକ୍ଷ୍ୟରେ ଏହି ସଂଶୋଧନ ଅଣାଯାଉଛି।

## ଗାତରେ ପଡ଼ି ୬ ବର୍ଷର ଶିଶୁ ମୃତ୍ୟୁ ଘଟଣା, ଠିକାଦାର ଗିରଫ

ଗ୍ରେଟର ନୋଏଡା : ଉତ୍ତର ପ୍ରଦେଶର ଗ୍ରେଟର ନୋଏଡାର ଡାଲେଲଗଡ଼ ଗାଁରେ ଖାଲରେ ପଡି ୬ ବର୍ଷର ପିଲାର ଜୀବନ ଚାଲିଯାଇଛି । ଶନିବାର ସନ୍ଧ୍ୟାରେ ଦେବାଂଶ ନାମକ ୩ ବର୍ଷର ଜଣେ ଶିଶୁ ତାଙ୍କ ମା'ଙ୍କ ସହ ଏକ ଭୋଜି କାର୍ଯ୍ୟକ୍ରମକୁ ଯାଇଥିଲା । ଅନ୍ୟ ପିଲାମାନଙ୍କ ସହ ଖେଳୁଥିବାବେଳେ ହଠାତ୍ ବର୍ଷା ପାଣିରେ ଭର୍ତ୍ତି ଏକ ଖାଲରେ ଖସି ପଡ଼ିଥିଲେ । ପରିବାର ଲୋକ ଓ ସ୍ଥାନୀୟ ବାସିନ୍ଦା ତୁରନ୍ତ ଶିଶୁଟିକୁ ଉଦ୍ଧାର କରିଥିଲେ । ହେଲେ ଡାକ୍ତରଖାନାରେ ଶିଶୁଟିକୁ ଡାକ୍ତର ମୃତ ଘୋଷଣା କରିଥିଲେ । ଏହି ଘଟଣା ପରେ ପରିବାରରେ ଶୋକର ଛାୟା ଖେଳିଯାଇଛି । ଏହି ମାମଲାରେ ପ୍ରାଧିକରଣ ଏବେ କାର୍ଯ୍ୟନାଠୋନ କରି ୩ ଜଣଙ୍କ ବିରୋଧରେ ଏଫଆଇଆର ଦାୟର କରିବା ସହିତ ଠିକାଦାରଙ୍କୁ ଗିରଫ କରିଛି । ସ୍ଥାନୀୟ ଲୋକଙ୍କ ଅଭିଯୋଗ ଯେ, ବହୁଦିନ ଧରି ଏହି ଗଭୀର ଗାତଟି ଖୋଲା ପଡ଼ିଥିଲା ଏବଂ ବର୍ଷା ଯୋଗୁଁ ପାଣିରେ ଭରିଯାଇଥିଲା । ପୂର୍ବରୁ ମଧ୍ୟ ଏଭଳି ବିପଜ୍ଜନକ ଗାତକୁ ଭରାଇବା ପାଇଁ ପ୍ରଶାସନକୁ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନଥିଲା । ଘଟଣା ପରେ ସ୍ଥାନୀୟ ଲୋକଙ୍କ ଆକ୍ରୋଶ ଦେଖିବାକୁ ମିଳିଥିଲା । ତେବେ ଗ୍ରେଟର ନୋଏଡା କର୍ତ୍ତୃପକ୍ଷ କହିଛନ୍ତି, ଯେଉଁ ସ୍ଥାନରେ ଘଟଣା ଘଟିଛି ତାହା ସରକାରୀ ଜମି ନୁହେଁ, ବରଂ ବ୍ୟକ୍ତିଗତ ଜମି । ସେହି କାରଣରୁ ସେଠାରେ ସିଧାସଳଖ କାମ କରିବା ସମ୍ଭବ ନଥିଲା ବୋଲି ସଫେଇ ଦେଇଛି ପ୍ରଶାସନ । ଘଟଣା ସ୍ଥଳରେ ଏସଡିଏମ ଆଶୁତୋଷ ମୌକେ ପହଞ୍ଚି ଯାଞ୍ଚ ଆରମ୍ଭ କରିଛନ୍ତି । ତୁରନ୍ତ ଗାତ ଅଞ୍ଚଳକୁ ବ୍ୟାରିକେଡିଂ କରିବା ସହିତ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ କହିଛନ୍ତି । ସ୍ଥାନୀୟ ଲୋକ ଏଫଆଇଆର ଦାୟର କରି ଠିକାଦାର, ସୁପରଭାଇଜର, ଟେକ୍ନିକାଲ ସୁପରଭାଇଜର ବିରୋକ୍ଷରେ ମୁକଦ୍ଦମା ଦାୟର କରିଛନ୍ତି । ଏହାସହିତ ଠିକାଦାରକୁ ବ୍ଲାକଲିଷ୍ଟ କରାଯାଇଛି । ସେମାନଙ୍କ ବିରୁଦ୍ଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନେବାକୁ କୁହାଯାଇଛି ।

## ଆଗାମୀ ୨୦୨୮ ବିଧାନସଭା ନିର୍ବାଚନ ଲଢିବେନି ସିଦ୍ଧରମୈୟା



ବେଙ୍ଗାଲୁରୁ : କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା କଂଗ୍ରେସ ନେତା ସିଦ୍ଧରମୈୟାକୁ ନେଇ ବଡ଼ ଖବର । ସିଦ୍ଧରମୈୟା ୨୦୨୮ ବିଧାନସଭା ନିର୍ବାଚନରେ ଲଢ଼ିବେ ନାହିଁ ବୋଲି ଘୋଷଣା କରିଛନ୍ତି । ନିର୍ବାଚନ ନ ଲଢିବା ମାନେ ନୁହେଁ କି ସେ ରାଜନୀତିରୁ ଦୂରେଇ ଯିବେ । କିନ୍ତୁ ରାଜନୀତିରେ ସକ୍ରିୟ ରହିବେ ଏବଂ ଲୋକଙ୍କ ସୁଖ ଦୁଃଖକୁ ନେଇ ସ୍ୱର ଉତ୍ତୋଳନ କରିବେ । ସିଦ୍ଧରମୈୟାକୁ ନେଇ କର୍ଣ୍ଣାଟକ ରାଜନୀତିରେ ଚର୍ଚ୍ଚା ଆରମ୍ଭ ହୋଇଛନ୍ତି । ସେ ଇନଷ୍ଟାଗ୍ରାମରେ ଏକ ପୋଷ୍ଟ କରି କହିଛନ୍ତି, ମୁଁ ଏବେ ୭୯ ବର୍ଷ ବୟସରେ, ଆମ ସରକାରର କାର୍ଯ୍ୟକାଳ ଆହୁରି ଦେଢ଼ ବର୍ଷ ବାକି ଅଛି । ସେତେବେଳକୁ ମୁଁ ୮୧-୮୨ ବର୍ଷ ବୟସର ହେବି । ମୋର ସ୍ୱାସ୍ଥ୍ୟ ଆଉ ପୂର୍ବ ପରି ଭଲ ନାହିଁ । ପୂର୍ବ ପରି ଉତ୍ସାହର ସହିତ କାମ କରିବା ଆଉ ସମ୍ଭବ ନୁହେଁ । ମାଣ୍ଡ୍ୟା ଜିଲ୍ଲାର କେ.ଆର. ପେଟରେ ଏକ ବ୍ୟକ୍ତିଗତ କାର୍ଯ୍ୟକ୍ରମରେ ସିଦ୍ଧରମୈୟା ଏହି କଥା କହିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି, ଆଜିର ରାଜନୀତିରେ ଦୁର୍ନୀତି ପ୍ରବେଶ କରିଛି । ତେଣୁ ମୁଁ ବିଧାନସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବି ନାହିଁ । ତେବେ ରାଜନୀତିରେ ସକ୍ରିୟ ରହି, ମୁଁ ଲୋକଙ୍କ ସୁଖ ଏବଂ ଦୁଃଖର ସ୍ୱର ହୋଇ ରହିବି । ୨୦୨୮ ବେଳକୁ ରାଜନୈତିକ ଜୀବନର ୫୦ ବର୍ଷ ପୂରଣ ହେବ । ରାଜନୀତିରେ ୧୯୭୮ରେ ଯୋଗ ଦେଇଥିଲେ । ସେ କହିଛନ୍ତି, ବରୁଣା ନିର୍ବାଚନ ମଣ୍ଡଳୀର ଲୋକମାନେ ମୋତେ ପୁଣି ଥରେ ନିର୍ବାଚନ ଲଢ଼ିବାକୁ ଅନୁରୋଧ କରୁଛନ୍ତି । କିନ୍ତୁ ମୁଁ ଆଉ କୌଣସି ନିର୍ବାଚନ ନ ଲଢ଼ିବାକୁ ନିଷ୍ପତ୍ତି ନେଇଛି । ଆଜିର ରାଜନୀତି ସମ୍ପୂର୍ଣ୍ଣ ଦୁର୍ନୀତିଗ୍ରସ୍ତ ହୋଇଗଲାଣି । ସଚ୍ଚୋଟ ରାଜନୀତି ପାଇଁ ଆଉ କୌଣସି ସ୍ଥାନ ନାହିଁ । ଏମିତି ଦେଖି ମୁଁ ଭବିଷ୍ୟତରେ ନିର୍ବାଚନ ନ ଲଢ଼ିବାକୁ ନିଷ୍ପତ୍ତି ନେଇଛି । ପାଞ୍ଚ ଦଶନ୍ଧି ଧରି ରାଜ୍ୟର ଲୋକମାନେ ମୋତେ ନିଜର ବୋଲି ଭାବିଛନ୍ତି । ମୁଁ ସେମାନଙ୍କ ନିକଟରେ ଏହି ଋଣୀ । ତେଣୁ, ମୋର ଭବିଷ୍ୟତ ଜୀବନ ମଧ୍ୟ ଜନସେବା ପାଇଁ ସମର୍ପିତ ରହିବ ।

## ୧୪ ଦିନିଆ ନ୍ୟାୟିକ ହେପାଜତକୁ ଗଲେ ତେଜ ପ୍ରତାପ ଯାଦବ

ପାଟନା : ବିହାର ବନ୍ଦ ବେଳେ ପ୍ରଦର୍ଶନ ବେଳେ ପୋଲିସ ସହ ମୁହାଁମୁହିଁ ମାମଲାରେ ଆରଜେଡି ମୁଖ୍ୟ ଲାଲୁ ଯାଦବଙ୍କ ବଡ ପୁଅ ତେଜ ପ୍ରତାପ ଯାଦବଙ୍କୁ ପୋଲିସ ଗିରଫ କରିଛି । ମାମଲାରେ ତେଜ ପ୍ରତାପ ଯାଦବଙ୍କୁ ପୋଲିସ ଗିରଫ କରି ଜେଲ୍ ପଠାଇ ଦେଇଛି । ଶନିବାର ବିଳମ୍ବିତ ରାତ୍ରରେ ତାଙ୍କୁ ଗିରଫ କରାଯିବା ପରେ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ଉପସ୍ଥିତ କରାଯାଇଥିଲା । ଏହାପରେ ତାଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ଖବର ମୁତାବକ, ନିଟ୍ ପେପର ଲିକ୍ ଏବଂ ପ୍ରଦର୍ଶନକାରୀଙ୍କ ଉପରେ ପୋଲିସର ଆକ୍ରମଣକୁ ବିରୋଧ କରି ଶନିବାର ବିହାର ବନ୍ଦ ଡାକରା ଦିଆଯାଇଥିଲା । ତେଜ୍ ପ୍ରତାପ ବନ୍ଦ ସମର୍ଥନରେ ଛାତ୍ରଙ୍କ ସହ ରାମଗୁଲାମ ଛକରେ ପହଁଚିବା ସହ ରାସ୍ତାରେ ଧାରଣା ଦେଇଥିଲେ । ଏହାପରେ ପ୍ରଦର୍ଶନକାରୀ ଡାକବଙ୍ଗଳା ଛକ ଆଡେ ଶୋଭାଯାତ୍ରା ବାହାର କରିଥିଲେ । କିନ୍ତୁ ପ୍ରଦର୍ଶନୀ ପଥ ନିକଟରେ



ସେମାନଙ୍କୁ ଅଟକ ରଖାଯାଇଥିଲା । ଘଟଣା ପରେ ତେଜ ପ୍ରତାପ ସନ୍ଧ୍ୟାରେ ଏକ ସପିଂ ମଲ୍ ଯାଇଥିଲେ । ସେଠାରେ ପାଟନା ପୋଲିସର ଏକ ଟିମ୍ ପହଁଚି ତାଙ୍କୁ ଗିରଫ କରିଥିଲା । ପୋଲିସ ଗିରଫ କରି ନେବା ବେଳେ ତେଜ ପ୍ରତାପ ଯାଦବ ପୋଲିସ ଗାଡ଼ିରେ ଯିବା ବେଳେ କହିଥିଲେ, ଆମେ ଛାତ୍ରମାନଙ୍କ ସହିତ କାନ୍ଧରେ କାନ୍ଧ ମିଶାଇ ରହିଛୁ । ଯଦି ଆବଶ୍ୟକତା ପଡେ, ଛାତ୍ରଙ୍କ ଅଧିକାର ପାଇଁ ନିଜ ଜୀବନ ଦେବାକୁ ପ୍ରସ୍ତୁତ ରହିଛୁ । ତେଜ ପ୍ରତାପ ଯାଦବ ପ୍ରଦର୍ଶନରେ ସାମିଲ ହେବା ପୂର୍ବରୁ ନିଟ୍ ପେପର ଲିକ୍ ପ୍ରସଙ୍ଗ ଉପରେ ଛାତ୍ରଙ୍କ ଦାବିକୁ ସମର୍ଥନ କରିଥିଲେ । ସେ ମଧ୍ୟ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ମାଗିଥିଲେ ।

ସୂଚନାଯୋଗ୍ୟ, ବିହାର ବନ୍ଦ ବେଳେ ଛାତ୍ର ସଙ୍ଗଠନମାନେ ବିଭିନ୍ନ ଜିଲ୍ଲାରେ ବିରୋଧ ପ୍ରଦର୍ଶନ କରିଥିଲେ । ଅନେକ ସ୍ଥାନରେ ପ୍ରଦର୍ଶନକାରୀ ଏବଂ ପୋଲିସ ମୁହାଁମୁହିଁ ହୋଇଥିଲେ । ଅନେକ ସ୍ଥାନରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା । କିଛି ସ୍ଥାନରେ ପୋଲିସ ଉପରକୁ ପଥର ମାଡ଼ ମଧ୍ୟ ହୋଇଥିଲା । ଆନ୍ଦୋଳନ ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିଥିଲା ।

## ସ୍ପେନ୍-ଫ୍ରାନ୍ସରେ ଭୟଙ୍କର ବନାଗ୍ନି, ଜଳିଗଲା ଲକ୍ଷାଧିକ ହେକ୍ଟର ଜଙ୍ଗଲ

ନୂଆଦିଲ୍ଲୀ: ସ୍ପେନ ଓ ଫ୍ରାନ୍ସରେ ଜଳୁଛି ଜଙ୍ଗଲ । ପ୍ରବଳ ଗ୍ରୀଷ୍ମଲହରୀ ଯୋଗୁ ଉଭୟ ସ୍ପେନ୍ ଓ ଫ୍ରାନ୍ସରେ ଭୟଙ୍କର ରୂପ ନେଇଛି ବନାଗ୍ନି । ସ୍ପେନରେ ପ୍ରାୟ ୧୯ ହଜାର ଓ ଫ୍ରାନ୍ସରେ ୯୮ ହଜାର ହେକ୍ଟରରୁ ଉର୍ଦ୍ଧ୍ୱ ପରିମିତ ଜଙ୍ଗଲ ଜମି ଜଳିପୋଡ଼ି ଛାରଖାର ହୋଇଛି । ଏହି ବନାଗ୍ନି କେବଳ ଜଙ୍ଗଲରେ ସୀମିତ ନ ରହି ଗ୍ରାମାଞ୍ଚଳକୁ ବ୍ୟାପିବାରେ ଲାଗିଛି । ଏଥିଯୋଗୁ ଲୋକେ ବାସହରା ହେବା ୩ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ସ୍ଥିତି ଏତେ ଭୟଙ୍କର ହୋଇଛି ଯେ, ସ୍ପେନ୍ ସରକାର ଏଥିପାଇଁ ଜାତୀୟ ଜରୁରିକାଳୀନ ସ୍ଥିତି ଘୋଷଣା କରିଛନ୍ତି। ଦେଶରେ ଜଳୁଥିବା ଭୟାବହ ଜଙ୍ଗଲ ନିଆଁ ଆଗାମୀ କିଛି ଘଣ୍ଟା ପାଇଁ ଅତ୍ୟନ୍ତ 'ଜଟିଳ' ରହିବ ବୋଲି ଚେତାବନୀ ଦେଇଛନ୍ତି ସ୍ପେନର ପ୍ରଧାନମନ୍ତ୍ରୀ ପେଡ୍ରୋ ସାଞ୍ଚେଜ୍। କେବଳ ସ୍ପେନରେ ପ୍ରାୟ ୭୦ ହଜାର ଲୋକଙ୍କୁ ସେମାନଙ୍କ ଘରୁ ସ୍ଥାନାନ୍ତର କରାଯାଇଛି। ସେହିପରି ପ୍ରାୟ ୪୦ ହଜାର ଲୋକଙ୍କୁ ଘର ଭିତରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ପବନର ଦିଗ ଅନିଶ୍ଚିତ ଥିବାରୁ ନିଆଁ ଆହୁରି ବ୍ୟାପିବା ଆଶଙ୍କା ରହିଛି। ଏଣୁ ଜନସାଧାରଣଙ୍କ ଜୀବନ ରକ୍ଷା ପ୍ରାଥମିକତା ବୋଲି ସ୍ପେନ୍ ପ୍ରଧାନମନ୍ତ୍ରୀ କହିଛନ୍ତି। ଅପରପକ୍ଷେ ଫ୍ରାନ୍ସର ଦକ୍ଷିଣ-ପଶ୍ଚିମ ପ୍ରଦେଶ ବୋର୍ଡେକ୍ସର ଆଖପାଖ ଅଞ୍ଚଳରୁ ପ୍ରାୟ ୧ଲକ୍ଷ ୯୭ ହଜାର ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଫ୍ରାନ୍ସର ଆଭ୍ୟନ୍ତରୀଣ ମନ୍ତ୍ରଣାଳୟ ଅନୁଯାୟୀ, ଚଳିତ ବର୍ଷ ପ୍ରାୟ ୯୮ ହଜାର ହେକ୍ଟର ଜଙ୍ଗଲ ଜମି ଜଳିପୋଡ଼ି ଛାରଖାର ହୋଇଯାଇଛି। ଅପରପକ୍ଷେ ସ୍ପେନକୁ ସାହାଯ୍ୟ କରିବାକୁ ଗ୍ରୀସ୍, ଇଟାଲୀ ଓ ପର୍ତ୍ତୁଗାଲ୍ ଭଳି ଦେଶ ନିଜର ଅଗ୍ନିଶମ ବାହିନୀ ଓ ସାମରିକ ସହାୟତା ଜାରି ରଖିଛନ୍ତି।

## ଓଲଟିଲା ବସ୍, ୨ ମୃତ

ଉତ୍ତରପ୍ରଦେଶ : ଉତ୍ତରପ୍ରଦେଶ ସମ୍ଭଲ ଜିଲ୍ଲା ଗଙ୍ଗା ଏକ୍ସପ୍ରେସ ୱେରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ବହଜୋଇ କୋତିୱାଲି ଅଞ୍ଚଳ ଲହରାବନ ଇଣ୍ଟରଚେଞ୍ଜ ନିକଟରେ ଯାତ୍ରୀବାହୀ ଏକ ଡବଲ ଡେକର ବସ୍ ଅନିୟନ୍ତ୍ରିତ ହୋଇ ଡିଭାଇଡରରେ ଧକ୍କା ହୋଇ ଓଲଟିପଡିଛି । ଦୁର୍ଘଟଣାରେ ଘଟଣା ସ୍ଥଳରେ ଦୁଇ ଜଣ ଯାତ୍ରୀଙ୍କ ମୃତ୍ୟୁ ହୋଇଥିବା ବେଳେ ୨୪ରୁ ଅଧିକ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି । ସେମାନଙ୍କୁ ସ୍ଥାନୀୟ ହସପିଟାଲରେ ଭର୍ତ୍ତିର୍ କରାଯାଇଛି । ଖବର ମୁତାବକ, ଡବଲ୍ ଡେକର ବସ୍ ବହରାଇଚରୁ ପଞ୍ଜାବ ଜଳନ୍ଧର ଯାଉଥିଲା । ପ୍ରାରମ୍ଭିକ ଯାଞ୍ଚରୁ ଜଣାପଡିଛି ଯେ, ବସ୍ ଡ୍ରାଇଭରଙ୍କୁ ନିଦ ଆସିବା କାରଣରୁ ବସ୍ ନିୟନ୍ତ୍ରଣ ହରାଇ ଡିଭାଇଡରରେ ପିଟି ହୋଇଥିଲା । ବସ୍ ସ୍ପିଡ ଅଧିକ ଥିବାରୁ ପିଟି ହେବା ପରେ ଓଲଟି ପଡିଥିଲା । ବସ୍ ଓଲଟିବା ପରେ ଯାତ୍ରୀଙ୍କ ମଧ୍ୟରେ ଚିତ୍କାର ଶୁଣିବାକୁ ମିଳିଥିଲା । ଅନେକ ଯାତ୍ରୀ ବସରେ ଫସିଯାଇଥିବାର ଦେଖି ସ୍ଥାନୀୟ ଲୋକ ପହଞ୍ଚି ଉଦ୍ଧାର କରିଥିଲେ । ସ୍ଥାନୀୟ ଲୋକ ପୋଲିସକୁ ଘଟଣା ବିଷୟରେ ସୂଚନା ଦେଇଥିଲେ । ପୋଲିସ, ଆମ୍ବୁଲାନ୍ସ ଏବଂ ଉଦ୍ଧାରକାରୀ ଦଳ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାରକାର୍ଯ୍ୟ କରିଥିଲେ । ରେସକ୍ୟୁ ଅପରେସନରେ ବସରେ ଫସିଥିବା ଯାତ୍ରୀଙ୍କୁ ଉଦ୍ଧାର କରାଯାଇଥିଲା । ଆହତଙ୍କୁ ତତ୍କାଳ ସ୍ଥାନୀୟ ହସପିଟାଲରେ ଭର୍ତ୍ତି କରାଯାଇଥିଲା । ଏଠାରେ ପ୍ରାଥମିକ ଉପଚାର କରିବା ପରେ ଗୁରୁତର ଆହତ ଯାତ୍ରୀଙ୍କୁ ଅନ୍ୟ ହସପିଟାଲକୁ ରେଫର କରାଯାଇଛି । ଏଠାରେ ଅନେକ ଆହତଙ୍କ ଅବସ୍ଥା ଗୁରୁତର ରହିଛି । ସେମାନଙ୍କ ଚିକିତ୍ସା ଜାରି ରହିଛି । ପ୍ରଶାସନ ଲଗାତାର ସ୍ଥିତି ଉପରେ ନଜର ରଖିଛି ।

## ପ୍ରହ୍ଲାଦ ଯୋଶୀ ନୂଆ କେନ୍ଦ୍ର ଶିକ୍ଷାମନ୍ତ୍ରୀ

ନୂଆଦିଲ୍ଲୀ : କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ କେନ୍ଦ୍ର ଶିକ୍ଷାମନ୍ତ୍ରାଳୟର ଅତିରିକ୍ତ ଦାୟିତ୍ୱ। କେନ୍ଦ୍ର ଶିକ୍ଷାମନ୍ତ୍ରୀ ପଦରୁ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ଦେବା ପରେ କ୍ୟାବିନେଟ ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ଏହି ଦାୟିତ୍ୱ ପ୍ରଦାନ କରାଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଧର୍ମେନ୍ଦ୍ରଙ୍କ ଇସ୍ତଫା ପତ୍ର ଗ୍ରହଣ କରିବା ସହ ପ୍ରହ୍ଲାଦ ଯୋଶୀଙ୍କ ନୂତନ ନିଯୁକ୍ତିକୁ ଅନୁମୋଦନ କରିଛନ୍ତି। କର୍ଣ୍ଣାଟକର ବରିଷ୍ଠ ବିଜେପି ନେତା ତଥା କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ବର୍ତ୍ତମାନ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ସମେତ ଶକ୍ତି ମନ୍ତ୍ରଣାଳୟ ଦାୟିତ୍ୱ ତୁଲାଉଛନ୍ତି। ଧର୍ମେନ୍ଦ୍ରଙ୍କ ଇସ୍ତଫା ପରେ ଏବେ ସେ ଶିକ୍ଷା ମନ୍ତ୍ରଣାଳୟର ଅତିରିକ୍ତ କାର୍ଯ୍ୟଭାର ସମ୍ଭାଳିବେ। ତେବେ ନିଟ୍ ୟୁଜି ପ୍ରଶ୍ନପତ୍ର ଲିକ୍ ବିବାଦକୁ ନେଇ ଦେଶବ୍ୟାପୀ ଛାତ୍ର ଆନ୍ଦୋଳନ ମଧ୍ୟରେ ଆଜି କେନ୍ଦ୍ର ଶିକ୍ଷାମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି ଧର୍ମେନ୍ଦ୍ର ପ୍ରଧାନ। ନୈତିକତା ଦୃଷ୍ଟିରୁ ସେ ନିଜଆଡୁ ଇସ୍ତଫା ଦେଇଥିବା ଘୋଷଣା କରିଛନ୍ତି। ଦେଶର ଯୁବପିଢ଼ି ଓ ଛାତ୍ରଛାତ୍ରୀଙ୍କ ଆକାଂକ୍ଷାକୁ ସମ୍ମାନ ଜଣାଇ ଧର୍ମେନ୍ଦ୍ର ଇସ୍ତଫା ଦେଇଥିବା କହିଛନ୍ତି।

## ଚୀନରେ ତାଣ୍ଡବ ରଚୁଛି ଘୂର୍ଣ୍ଣିଝଡ଼ ନୌଲ୍, ୪୦୦ରୁ ଅଧିକ ଉଡ଼ାଣ ବନ୍ଦ, ୧୫୦ ଟ୍ରେନ ସେବା ବାତିଲ

ନୂଆଦିଲ୍ଲୀ : ଦକ୍ଷିଣ ଚୀନ୍ ଉପକୂଳବର୍ତ୍ତୀ ଅଞ୍ଚଳରେ ଶକ୍ତିଶାଳୀ ଘୂର୍ଣ୍ଣିଝଡ଼ ନୌଲ୍ ସ୍ଥଳଭାଗ ଛୁଇଁଛି । ଗୁଆଙ୍ଗଡୋଙ୍ଗ ପ୍ରାନ୍ତରେ ରେଡ୍ ଆଲର୍ଟ ଜାରି କରାଯାଇଛି । ଘଣ୍ଟା ପ୍ରତି ୧୪୫ କିଲୋମିଟର ବେଗରେ ପବନ ବହିବା ସହ ପ୍ରବଳ ବର୍ଷା ଯୋଗୁଁ ଜନଜୀବନ ସମ୍ପୂର୍ଣ୍ଣ ଭାବରେ ବିପର୍ଯ୍ୟସ୍ତ ହୋଇପଡ଼ିଛି । ଗୁଆଙ୍ଗଡୋଙ୍ଗ ପ୍ରଦେଶର ହୁଇଡୋଙ୍ଗ କାଉଣ୍ଟିରେ ଭୋର ପ୍ରାୟ ୩ଟା ୫୦ ମିନିଟରେ ଏହି ଟାଇଫୁନ୍ ଲ୍ୟାଣ୍ଡଫଲ୍ କରିଛି । ନୌଲ୍ ପ୍ରଭାବରେ ସ୍ଥାନୀୟ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଛି । ଏହାହକୁ ଦେଖି ପ୍ରଶାସନ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି । ଦକ୍ଷିଣ ଚୀନ ଗୁଆଙ୍ଗଡୋଙ୍ଗ ପ୍ରଦେଶରେ ଝଡ଼ର ସବୁଠାରୁ ଅଧିକ ପ୍ରଭାବ ପରିବହନ ସେବା ଉପରେ ପଡ଼ିଛି । ସୁରକ୍ଷା ଦୃଷ୍ଟିରୁ ହଂକଂ ବିମାନବନ୍ଦରରୁ ୪୧୦ରୁ ଅଧିକ ବିମାନ ଉଡ଼ାଣ ବାତିଲ





କରାଯାଇଥିବା ବେଳେ ଗୁଆଙ୍ଗଡୋଙ୍ଗରେ ସମସ୍ତ ହାଇସ୍ପିଡ ଟ୍ରେନ୍ ସେବାକୁ ବାତିଲ କରାଯାଇଛି । ବିଭିନ୍ନ ବିପଦସଙ୍କୁଳ ଅଞ୍ଚଳରୁ ପ୍ରାୟ ୩ ଲକ୍ଷ ୪୦ ହଜାରରୁ ଅଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ଏମାନଙ୍କ ପାଇଁ ୨୮ଟି ଅସ୍ଥାୟୀ ଆଶ୍ରମ ସ୍ଥଳ ଖୋଲିଦିଆଯାଇଛି । ଘୂର୍ଣ୍ଣିଝଡ ଲ୍ୟାଣ୍ଡଫଲ କରିବା ପରେ ଉତ୍ତର ପଶ୍ଚିମ ଦିଗକୁ ଅଗ୍ରଗତି କରୁଛି ଏବଂ ଧୀରେ ଧୀରେ ଦୁର୍ବଳ ହେଉଛି । ସ୍ଥଳଭାଗ ଛୁଇଁବା ପରେ ଝଡ଼ଟି ଧୀରେ ଧୀରେ ଚୀନର ଆଭ୍ୟନ୍ତରୀଣ ଅଞ୍ଚଳ ଆଡ଼କୁ ଗତି କରୁଛି, ଏହାର ଶକ୍ତି ପୂର୍ବ ଅପେକ୍ଷା ସାମାନ୍ୟ ହ୍ରାସ ପାଇଥିବା କୁହାଯାଉଛି । ବିପର୍ଯ୍ୟୟର ଗମ୍ଭୀରତାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି।

ଟାଇଫୁନ୍ ନୌଲ୍ ପ୍ରଭାବରେ କେବଳ ଚୀନ୍ ନୁହେଁ ବରଂ ହଂକଂ ଏବଂ ତାଇୱାନ ଶୋଚନୀୟ ହୋଇପଡ଼ିଛି । ହଂକଂରେ ପ୍ରବଳ ପବନ ଯୋଗୁଁ ଏକ ନିର୍ମାଣାଧୀନ ଉଚ୍ଚ କୋଠା ଭୁଶୁଡ଼ି ପଡ଼ିଥିବା ବେଳେ ତାଇୱାନର ଦକ୍ଷିଣ ଓ ପୂର୍ବ ଭାଗରେ ପ୍ରବଳ ବର୍ଷା ଜାରି ରହିଛି । ଚୀନ ଏବଂ ହଂକଂ ପ୍ରଶାସନ ଲୋକଙ୍କୁ ସତର୍କ ରହିବାକୁ ଅପିଲ୍ କରିଛନ୍ତି । ସୂଚନାଯୋଗ୍ୟ, ଏହା ପୂର୍ବରୁ ଟାଇଫୁନ୍ ବାଭି ଏବଂ ମାୟସାକ୍ ଦେଶରେ ବ୍ୟାପକ ତାଣ୍ଡବ ରଚିଥିଲା । ଆଗାମୀ କିଛି ଦିନ ପର୍ଯ୍ୟନ୍ତ ଗୁଆଙ୍ଗଡୋଙ୍ଗ ଏବଂ ଦକ୍ଷିଣ-ପୂର୍ବ ଫୁଜିଆନ୍ ପ୍ରଦେଶରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି, ତେଣୁ ପ୍ରଶାସନ ପକ୍ଷରୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି ବୋଲି ପାଣିପାଗ ବିଜ୍ଞାନୀମାନେ ଚେତାବନୀ ଦେଇଛନ୍ତି । ଉଦ୍ଧାରକାରୀ ଦଳକୁ ସମ୍ଭାବିତ ବିପର୍ଯ୍ୟୟ ପାଇଁ ହାଇ ଆଲର୍ଟରେ ରଖାଯାଇଛି ।

# ଇତିହାସ ରଚିଲେ ଅନାହତ

## ଭାରତର ପ୍ରଥମ ବିଶ୍ୱ ଜୁନିୟର ସ୍କ୍ୱାଶ୍ ଚାମ୍ପିଅନ୍

ନୂଆଦିଲ୍ଲୀ, ୨୬।୦୭: କାନାଡାରେ ଅନୁଷ୍ଠିତ ବିଶ୍ୱ ଜୁନିୟର ସ୍କ୍ୱାଶ୍ ଚାମ୍ପିଅନସିପରେ ଭାରତର ଅନାହତ ସିଂହ ଚାମ୍ପିଅନ ଆଖ୍ୟା ଅର୍ଜନ କରି ଇତିହାସ ରଚିଛନ୍ତି । ସେ ଫାଇନାଲ୍‌ରେ ଇଜିପ୍ଟର ରୁକାୟା ସାଲେମଙ୍କୁ ୧୧-୩, ୧୧-୭, ୧୧-୯ ସେଟ୍‌ରେ ପରାସ୍ତ କରିଥିଲେ । ଭାରତର ପ୍ରଥମ ଖେଳାଳି ଭାବେ ସେ ଜୁନିୟର ବିଶ୍ୱ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି । ତାଙ୍କ ପୂର୍ବରୁ କେବଳ ଜ୍ୟୋତ୍ସ୍ନା ଚିନ୍ନାପା ୨୦୦୫ରେ ରନର୍ସ ଅପ ହୋଇଥିଲେ । ଜୁନିୟର ସ୍କ୍ୱାଶ୍ ବିଶ୍ୱ ଚାମ୍ପିୟନଶିପରେ ଇଜିପ୍ଟର ୧୫ ବର୍ଷର ଆଧିପତ୍ୟକୁ ଶେଷ କରି ଟାଇଟଲ୍ ଜିତିଛନ୍ତି ଅନାହତ ।

ଅନାହତଙ୍କ ବିଜୟ ସହ ଦୀର୍ଘ ୧୫ ବର୍ଷ ଧରି ଜାରି ରହିଥିବା ଇଜିପ୍ଟର ଆଧିପତ୍ୟରେ ପୂର୍ଣ୍ଣଚ୍ଛେଦ ପଡିଛି । ପୂର୍ବରୁ ଅନାହତ ସେମି ଫାଇନାଲରେ ଇଜିପ୍ଟର ବାର୍ବ ସିମେହଙ୍କୁ ୩-୧ (୧୧-୩, ୮-୧୧, ୧୧-୪, ୧୧-୬)ରେ ପରାସ୍ତ କରିଥିଲେ । ସମ୍ପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟରେ ମୋଟ୍ ୬ଟି ମ୍ୟାଚରୁ ଅନାହତ କେବଳ ୨ଟି ସେଟ୍ ପରାଜିତ ହୋଇଥିଲେ । ସେ ପ୍ରଥମ ରାଉଣ୍ଡ୍‌ରେ ଅଷ୍ଟ୍ରେଲିଆର ଲିଲି ୱିଲସନଙ୍କୁ ୩-୦ରେ ପରାସ୍ତ କରିଥିଲେ । ଏହାପରେ ସେ ହଂକଂର ପୁଇ ୟିନ ଚୋଲେ ଓ ମାଲେସିଆର ଡୋୟେସ ୟେ ସାନ ଲିଙ୍କୁ ହରାଇ କ୍ୱାର୍ଟର ଫାଇନାଲ୍‌ରେ ପ୍ରବେଶ କରିଥିଲେ । କ୍ୱାର୍ଟର ଫାଇନାଲ୍‌ରେ ଫାଇନାଲ୍ ପର୍ଯ୍ୟନ୍ତ ସେ ୩ଜଣ




ଇଜିପ୍ଟ ଖେଳାଳିଙ୍କୁ ସାମ୍ନା କରିଥିଲେ । କ୍ୱାର୍ଟରରେ ହବିବା ରିଜକଙ୍କୁ ସେ ୩-୧ରେ ପରାସ୍ତ କରିଥିଲେ ।

ଅନାହତଙ୍କ ଏହି ଐତିହାସିକ ସଫଳତା ପାଇଁ କେନ୍ଦ୍ର କ୍ରୀଡ଼ା ମନ୍ତ୍ରୀ ମନସୁଖ ମାଣ୍ଡାଭିଅ ଅଭିନନ୍ଦନ ଜଣାଇଛନ୍ତି । ସେ ଶୁଭେଚ୍ଛା ବାର୍ତ୍ତା ପୋଷ୍ଟ କରିଛନ୍ତି, 'ଇତିହାସ ରଚିତ ହୋଇଛି ! ବିଶ୍ୱ ସ୍କ୍ୱାଶ୍ ଜୁନିଅର ଚାମ୍ପିଅନସିପ୍ ଜିତିଥିବା ପ୍ରଥମ ଭାରତୀୟ ହେବା ପାଇଁ ଅନାହତ ସିଂହଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ! ଏହି ଅଭୂତପୂର୍ବ ସଫଳତା ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଏକ ଗର୍ବର ମୁହୂର୍ତ୍ତ ।'

ଏବେ ଅଲିମ୍ପିକ୍ସରେ ଅନାହତଙ୍କଠାରୁ ଆଶା- ସ୍କ୍ୱାଶ୍‌କୁ ଲସ୍ ଆଞ୍ଜେଲସ୍‌ରେ ହେବାକୁ ଥିବା ୨୦୨୮ ଅଲିମ୍ପିକ୍ ଗେମ୍ସରେ ସାମିଲ କରାଯାଇଛି । ବିଶ୍ୱ ଜୁନିୟର ସ୍କ୍ୱାଶ୍‌ରେ ଅନାହତଙ୍କର ଏହି ବିଜୟ ତାଙ୍କ ଆତ୍ମବିଶ୍ୱାସକୁ ଯଥେଷ୍ଟ ବୃଦ୍ଧି କରିବ । ଜୁନିଅର ସ୍ତରରେ ତାଙ୍କର ଦକ୍ଷତା ପ୍ରଦର୍ଶନ କରିବା ପରେ, ସମସ୍ତେ ଆଶା କରୁଛନ୍ତି ଯେ, ଅନାହତ ସିନିୟର ବର୍ଗରେ ସମାନ ପ୍ରଦର୍ଶନ କରିବେ । ଅନହତ ବର୍ତ୍ତମାନ ବରିଷ୍ଠ ପିଏସଏ ଟୁର୍ ବିଶ୍ୱ ରାଙ୍କିଙ୍ଗରେ ଶ୍ରେଷ୍ଠ ୨୦ ଖେଳାଳିଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି । ତେଣୁ, ତାଙ୍କ ପାଖରେ ଏବେ ବି ତାଙ୍କ ରାଙ୍କିଙ୍ଗକୁ ଆହୁରି ଉନ୍ନତ କରିବାର ସୁଯୋଗ ଅଛି ।

## ତିନି ମ୍ୟାଚରେ ଅଭିଷେକଙ୍କୁ ଆଉଟ୍ କଲେ ମୁଜରବାନି

ନୂଆଦିଲ୍ଲୀ, ୨୬।୭: ବିଶ୍ୱର ନମ୍ବର ୱାନ୍ ବ୍ୟାଟ୍ସମ୍ୟାନ ଭାବେ ଜଣାଶୁଣା ଥିବା ଅଭିଷେକ ଶର୍ମାଙ୍କୁ ଲାଗିଛି କାହା ନଜର ଲଗାତାର ହେଉଛନ୍ତି ବିଫଳ । ଜିମ୍ବାଓ୍ବେ ବିପକ୍ଷରେ ସାଥୀ ଓପନର ଯୁବ ଖେଳାଳି ବୈଭବ ଅର୍ଦ୍ଧଶତକ ହାସଲ କରୁଥିବାବେଳେ ଚାଲୁନି ଅଭିଷେକଙ୍କ ବ୍ୟାଟ୍ । ତିନୋଟି ମ୍ୟାଚରେ ହେଲେ ଫ୍ଲପ୍ । ତିନୋଟିଯାକ ମ୍ୟାଚରେ ଛୁଇଁ ପାରିଲେନି ଦୁଇ ଅଙ୍କ । ତେବେ ସବୁଠାରୁ ବଡ଼ କଥା ହେଉଛି କି, ତିନୋଟି ଯାକ ମ୍ୟାଚରେ ତାଙ୍କୁ କେବଳ ଜଣେ ବୋଲର କରିଛନ୍ତି ଶିକାର । ବେସିଂ ମୁଜରବାନିଙ୍କ ବଲରେ ଆଉଟ୍ ହୋଇ ଫେରିଛନ୍ତି ପାଭିଲିୟନ୍ । ୨୯ ବର୍ଷୀୟ ମୁଜରବାନି ଭାରତୀୟ ଓପନର ଅଭିଷେକଙ୍କୁ ତିନୋଟି ଯାକ ମ୍ୟାଚରେ ହାତ ଖୋଲିବାକୁ ଦେଇନାହାନ୍ତି । ୧,୮ ଏବଂ ଆଜି ମାତ୍ର ୨ ରନ୍ କରି ଆଉଟ୍ ହୋଇଛନ୍ତି ଅଭିଷେକ । ତିନୋଟି ମ୍ୟାଚରେ ମାତ୍ର ୧୧ ରନ୍ କରିଛନ୍ତି ଅଭିଷେକ । ଯାହା ଏବେ ଅଭିଷେକଙ୍କ ପରବର୍ତ୍ତୀ ମ୍ୟାଚ ଉପରେ ପ୍ରଭାବ ପକାଇବ ବୋଲି କୁହାଯାଉଛି । ମୁଜରବାନିଙ୍କ ବଲକୁ ବୁଝିବା ପୂର୍ବରୁ ଆଉଟ୍ ହୋଇଛନ୍ତି ଅଭିଷେକ । ଜିମ୍ବାୱେ ବିପକ୍ଷରେ ଟି-୨୦ ସିରିଜର ଦ୍ୱିତୀୟ ମ୍ୟାଚରେ ଭାରତ ୯୦ ରନରେ ବିଜୟ ହାସଲ କରିଛି । ତଥାପି, ପ୍ରାରମ୍ଭିକ ବ୍ୟାଟ୍ସମ୍ୟାନ ଅଭିଷେକ ଶର୍ମା ପୁଣି ଥରେ ବ୍ୟାଟରେ ପ୍ରଭାବ ପକାଇପାରିଲେ ନାହିଁ, ୮ ବଲରେ ୮ ରନ କରିବା ପରେ ତାଙ୍କର ୱିକେଟ ହରାଇଲେ । ତଥାପି, ସେ ବ୍ୟାଟରେ ଚମକ ଦେଖାଇ ନଥିଲେ ମଧ୍ୟ, ସେ ବଲରେ ଇତିହାସ ରଚିଲେ । ପ୍ରକୃତରେ, ଅଭିଷେକ ଶର୍ମା ହରାରେ ସ୍ପଟର୍ସ କ୍ଲବରେ ଚମତ୍କାର ବୋଲିଂ କରିଥିଲେ, ୩ ୱିକେଟ ନେଇଥିଲେ । ଏହା କରି, ସେ ଟି-୨୦ ମ୍ୟାଚରେ ୩ ୱିକେଟ ନେଇଥିବା ପ୍ରଥମ ଭାରତୀୟ ପ୍ରାରମ୍ଭିକ ବ୍ୟାଟ୍ସମ୍ୟାନ ହୋଇଥିଲେ ।




### ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡା

## ଭାରତ ପାଇଁ ପ୍ରଥମ ରୌପ୍ୟ ପଦକ ଜିତିଲେ ଋଷିକାନ୍ତ

ନୂଆଦିଲ୍ଲୀ: ସ୍କଟଲ୍ୟାଣ୍ଡର ଗ୍ଲାସଗୋରେ ଚାଲିଥିବା ରାଜ୍ୟଗୋଷ୍ଠୀ କ୍ରୀଡାରେ ରବିବାର ଭାରତକୁ ମିଳିଛି ପ୍ରଥମ ରୌପ୍ୟ ପଦକ । ଦେଶ ପାଇଁ ଏହି ପଦକ ଜିତିଛନ୍ତି ଭାରୋତ୍ତୋଳକ ଋଷିକାନ୍ତ ସିଂହ ଚନମ୍ବମ ।

୬୦ କେଜି ପୁରୁଷ ବର୍ଗରେ ଋଷିକାନ୍ତ ସିଂହ ଚନମ୍ବମଙ୍କୁ ମିଳିଛି ଏହି ସଫଳତା । ସେ ମୋଟ୍ ୨୬୪ କେଜି (୧୨୧ ଓ ୧୪୩)ର ଓଜନ ଉଠାଇ ରୌପ୍ୟ ପଦକ ଜିତିଛନ୍ତି ।ମଣିପୁରର ଋଷିକାନ୍ତ ସ୍ନାଚ୍ ଏବଂ କ୍ଲିନ୍ ଆଣ୍ଡ୍ ଜର୍କ ବିଭାଗକୁ ମିଶାଇ ମୋଟ ୨୬୪ କିଗ୍ରା ଓଜନ ଉଠାଇ ରୌପ୍ୟ ପଦକ ଜିତିଛନ୍ତି । ସ୍ନାଚ୍‌ରେ ୧୨୧ କିଗ୍ରା ଓଜନ ଉଠାଇ ରାଜ୍ୟ ଗୋଷ୍ଠୀ କ୍ରୀଡାରେ ରେକର୍ଡ ଭାଙ୍ଗିଥିବା ରିଷିକାନ୍ତ ତାଙ୍କର ଏକମାତ୍ର ସଫଳ କ୍ଲିନ୍ ଆଣ୍ଡ୍ ଜର୍କ ପ୍ରଚେଷ୍ଟାରେ ୧୪୩ କିଗ୍ରା ଉଠାଇବାରେ ସକ୍ଷମ ହୋଇଥିଲେ ।ଅନ୍ୟପକ୍ଷରେ ଏହି ବର୍ଗରେ ମାଲେସିଆର ମହମ୍ମଦ ଅନିକ ବିନ କାସଦାନ ସର୍ବାଧିକ ୨୭୩ କିଗ୍ରା ଓଜନ ଉଠାଇ ରାଜ୍ୟଗୋଷ୍ଠୀ କ୍ରୀଡାରେ ରେକର୍ଡ ସ୍ଥାପନ କରିବା ସହ ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ସେହିପରି କେନ୍ୟାର ଜୋଶୁଆ ଅମୁଙ୍ଗା ମବୋୟା ତାଙ୍କର ଶେଷ କ୍ଲିନ୍ ଆଣ୍ଡ୍ ଜର୍କ ପ୍ରଚେଷ୍ଟାରେ ୧୪୫ କିଲୋଗ୍ରାମର ଓଜନ ଉଠାଇବା ସହ ମୋଟ ୨୬୦ କେଜି (୧୧୫+୧୪୫) ସହ ବ୍ରୋଞ୍ଜ ପଦକ ସୁନିଶ୍ଚିତ କରିଥିଲେ । ଋଷିକାନ୍ତ ସିଂହ ଚନମ୍ବମ ରୌପ୍ୟ ପଦକ ଜିତିବା ପରେ ଚଳିତ ରାଜ୍ୟଗୋଷ୍ଠୀ କ୍ରୀଡାରେ ଭାରତର ପଦକ ସଂଖ୍ୟା ୨କୁ ବୃଦ୍ଧି ପାଇଛି । ଏହା ପୂର୍ବରୁ ଭାରତକୁ ଏକ ବ୍ରୋଞ୍ଜ ପଦକ ମିଳିଥିଲା । ଆଉ ଦେଶ ପାଇଁ ଏହି ପଦକ ହାତେଇ ଥିଲେ ବିହାରର ୨୯ ବର୍ଷୀୟ ଝଣ୍ଟୁ କୁମାର । ସେ ପୁରୁଷ ହେଭିୱେଟ୍ ପାରା ପାୱାରଲିଫ୍ଟିଂରେ ବ୍ରୋଞ୍ଜ ପଦକ ଜିତିଥିଲେ ।




# ଜିମ୍ବାୱେ ବିପକ୍ଷ ଟି୨୦ ଶୃଙ୍ଖଳା ମୂଳପୋଛ କଲା ଭାରତ

## ସୂର୍ଯ୍ୟବଂଶୀଙ୍କ ଧୂଆଁଧାର ୮୧, ଭାରତ ୧୯୨/୫, ଜିମ୍ବାୱେ ୧୫୭/୭







ହରାରେ: ତୃତୀୟ ତଥା ଅନ୍ତିମ ଟି୨୦ ସହିତ ଜିମ୍ବାୱେ ବିପକ୍ଷରେ ଭାରତ ଶୃଙ୍ଖଳା ମୂଳପୋଛ କରିଛି । ଭାରତ ପ୍ରଥମ ମ୍ୟାଚ୍‌କୁ ୭ୱିକେଟ୍ ଏବଂ ଦ୍ୱିତୀୟ ମୁକାବିଲାରେ ୯୦ରନ୍‌ରେ ବିଜୟ ହାସଲ କରିଥିଲା । ତୃତୀୟ ମ୍ୟାଚ୍‌ରେ ୩୫ ରନ୍‌ରେ ବିଜୟୀ ହୋଇଛି । ହରାରେ ସ୍ପୋର୍ଟସ କ୍ଲବରେ ରବିବାର ଟି୨୦ ଶୃଙ୍ଖଳାର ତୃତୀୟ ମୁକାବିଲାରେ ଭାରତ ଉଭୟ ବ୍ୟାଟିଂ ଏବଂ ବୋଲିଂରେ ଦମଦାର ପ୍ରଦର୍ଶନ କରିଛି । ୧୯୩ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ଘରୋଇ ଦଳ ୨୦ ଓଭରରେ ୭ଟି ୱିକେଟ୍ କରି ୧୫୭ ରନ୍ କରିପାରିଛି ।

ଜିମ୍ବାୱେ ପାଇଁ ରାୟନ ବୁର୍ଲ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ । ସେ ଅର୍ଦ୍ଧଶତକ ହାସଲ କରିଥିଲେ । ୱେସଲି ମାଧେଭୀରା ୨୮ ରନ୍ ବେନ୍ କୁରାନ ୨୦ ରନ୍ ଏବଂ ଡ୍ରିନ ମେୟର୍ସ ୧୯ ରନ୍ କରିଥିଲେ । ଅନ୍ୟ ବ୍ୟାଟରମାନଙ୍କର ପ୍ରଦର୍ଶନ ନୈରାଶ୍ୟଜନକ ଥିଲା । ମୟଙ୍କ ଅଗ୍ରୱାଲ ଏବଂ ଯଶ ଠାକୁର ୨ଟି ଲେଖାଏଁ ଅକ୍ତିଆର କରିଥିଲେ । ଅଶୋକ ଶର୍ମା ଏବଂ ରବି ବିଷ୍ଣୋୟୀଙ୍କୁ ଗୋଟିଏ ଲେଖାଏଁ ୱିକେଟ୍ ମିଳିଥିଲା ।

ଟସ୍ ଜିଣି ଭାରତ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଶ୍ରେୟସ ଆୟରଙ୍କ ନେତୃତ୍ୱରେ ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୫ଟି ୱିକେଟ୍ ହରାଇ ୧୯୨ ରନ୍ ସଂଗ୍ରହ କରିଥିଲା । ଭାରତ ପାଇଁ ବୈଭବ ସୂର୍ଯ୍ୟବଂଶୀ ଏବଂ ଅଭିଷେକ ଶର୍ମା ଇନିଂସ ଆରମ୍ଭ କରିଥିଲେ । ଉଭୟ ଯୁବ ଖେଳାଳି ପ୍ରଥମ ୱିକେଟ୍ ପାଇଁ ୨୦ ରନ୍ ସଂଗ୍ରହ କରିଥିଲେ । ଏଥର ମଧ୍ୟ ଅଭିଷେକ ଶର୍ମା ଦର୍ଶକମାନଙ୍କୁ ନିରାଶ କରିଥିଲେ । ସେ ମାତ୍ର ୨ ରନ୍ ସଂଗ୍ରହ କରି ଆଉଟ୍ ହୋଇଥିଲେ । ଜିମ୍ବାୱେର ଦ୍ୱିତୀୟ ଶିକାର ହୋଇଥିଲେ ଇଶାନ କିଶନ, ଯିଏକି ଆଉଟ୍ ହେବା ପୂର୍ବରୁ ୨୬ଟି ବଲ୍ ଖେଳି ୪ଟି ଚୌକା ବଳରେ ୨୯ ରନ୍ କରିଥିଲେ ।

ଭାରତ ତୃତୀୟ ୱିକେଟ୍ ଭାବେ ବୈଭବ ସୂର୍ଯ୍ୟବଂଶୀଙ୍କୁ ହରାଇଥିଲା । ବିସ୍ମୟ ବାଳକ ବୈଭବ ବ୍ୟକ୍ତିଗତ ଭାବେ ଦଳ ପାଇଁ ସର୍ବାଧିକ ରନ୍ କରିଥିଲେ । ସେ ୪୯ଟି ବଲ୍ ଖେଳି ୮ଟି ଚୌକା ଏବଂ ୪ଟି ଛକା ବଳରେ ୮୧ ରନ୍ କରିଥିଲେ । ଅଧିନାୟକ ଶ୍ରେୟସ ଆୟର ୧୮ଟି ବଲ୍ ଖେଳି ୨ଟି ଚୌକା ବଳରେ ୨୭ ରନ୍ ସଂଗ୍ରହ କରିଥିଲେ ।

ସେହିପରି ଜିମ୍ବାୱେ ଦ୍ୱାରା ଆଉଟ୍ ହେବା ପୂର୍ବରୁ ରିଙ୍କୁ ସିଂହ ୨୫ ରନ୍ ସଂଗ୍ରହ କରିଥିଲେ । ସେ ୧୪ଟି ବଲ୍‌ର ସାମ୍ନା କରି ୨ଟି ଚୌକା ଏବଂ ଗୋଟିଏ ଛକା ମାରିଥିଲେ । ତିଲକ ବର୍ମା ୯ଟି ବଲ୍ ଖେଳି ଗୋଟିଏ ଛକା ସହାୟତାରେ ଅପରାଜିତ ୧୧ ରନ୍ କରିଥିଲେ । ଜିମ୍ବାୱେ ପକ୍ଷରୁ ବ୍ରାଡ୍ ଇଭାନ ସର୍ବାଧିକ ୨ଟି ୱିକେଟ୍ ଅକ୍ତିଆର କରିଥିଲେ । ସିକନ୍ଦର ରାଜା, ବ୍ଲେସିଂ ମୁଜରୱାନୀ ଏବଂ ୱେସଲି ମଧେବୀରାଙ୍କୁ ଗୋଟିଏ ଲେଖାଏଁ ୱିକେଟ୍ ମିଳିଥିଲା ।

## ପାକିସ୍ତାନକୁ ହରାଇ ଚାମ୍ପିୟନ ହେଲା ଭାରତ

ନୂଆଦିଲ୍ଲୀ, ୨୬।୭: ଭାରତର ସବ୍-ଜୁନିଅର୍ ପୁରୁଷ ହକି ଟିମ୍ ପାକିସ୍ତାନକୁ ହରାଇ ଇତିହାସ ରଚିଛି । ଶନିବାର ଦିନ ମସ୍କଟରେ ଖେଳାଯାଉଥିବା ପୁରୁଷ ଯୁବ ହକି ୫ଏସ୍ ଏସୀୟ ଚାମ୍ପିୟନସିପ୍ ୨୦୨୬ରେ ଫାଇନାଲରେ ଭାରତ ପାକିସ୍ତାନକୁ ୩-୧ରେ ମାତ୍ ଦେଇ ସ୍ୱର୍ଣ୍ଣ ପଦକ ନିଜ ନାମରେ କରିଛି । ଭାରତୀୟ ଟିମ୍‌ର ବିଜୟ ନାୟକ ଥିଲେ ରୋମିତ ପାଲ, ଅଧିନାୟକ କେତନ କୁଶୱାହା ଏବଂ ଶାହରୁଖ ଅଲି, ଯେଉଁମାନେ ଗୋଟିଏ ଗୋଟିଏ ଗୋଲ୍ କରି ପାକିସ୍ତାନର ଖେଳାଳିଙ୍କ ଆଶାକୁ ଧୂଳିସାତ କରି ଦେଇଥିଲେ ।ଆସନ୍ତା ବର୍ଷ ହେବାକୁ ଥିବା ପ୍ରଥମ ଏଫଆଇଏଚ ଯୁବ ହକି ୫ଏସ୍ ବିଶ୍ୱ କପ୍ ପାଇଁ ଯୋଗ୍ୟତା ଅର୍ଜନ୍ କରିଛି । ଫାଇନାଲର ପ୍ରାରମ୍ଭରେ ଟିମ୍ ଇଣ୍ଡିଆ ପାକିସ୍ତାନ୍ ଉପରେ ଚାପ ପକାଇ ଥିଲା । ଫାଷ୍ଟ ଡିଫେନ୍ସ ମାଧ୍ୟମରେ ଭାରତ ପୂରା ବାଜି ନିଜ ସପକ୍ଷରେ କରି ନେଇଥିଲା । ମ୍ୟାଚ୍ ଆରମ୍ଭରୁ ହିଁ ଭାରତୀୟ ଖେଳାଳିମାନେ ଆକ୍ରମଣାତ୍ମକ ମ୍ୟାଚ୍ ଖେଳିଥିଲେ । ମ୍ୟାଚ୍‌ର ୫ ମିନିଟ୍‌ରେ ରୋମିତ ପାଲଙ୍କ ଚମତ୍କାର ଗୋଲ ବଳରେ ଭାରତ ୧-୦ରେ ଆଗୁଆ ରହିଥିଲା । ପ୍ରଥମ ପର୍ଯ୍ୟାୟରେ ପାକିସ୍ତାନ ଭାରତୀୟ ଟିମ୍‌ର ରଣନୀତିକୁ ବୁଝିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିଲା । ଦ୍ୱିତୀୟ ପର୍ଯ୍ୟାୟରେ ଭାରତ ପତିଆରା ଜମାଇ ନେଇଥିଲା । ଦଳର ଅଧିନାୟକ କେତନ କୁଶୱାହା ୧୨ତମ ମିନିଟ୍‌ରେ ଦ୍ୱିତୀୟ ଗୋଲ ସ୍କୋର କରି ବିଜୟ ଆଡକୁ ବାଟ କାଢି ନେଇଥିଲେ । ଏହାର ଏକ ମିନିଟ୍ ପରେ ଶାହରୁଖ ଅଲି ତୃତୀୟ ଗୋଲ ଦେଇ ପାକିସ୍ତାନର ପ୍ରତ୍ୟାବର୍ତ୍ତନର ସମସ୍ତ ଆଶାକୁ ଧୂଳିସାତ୍ କରିଦେଇଥିଲେ ।ପାକିସ୍ତାନ ପକ୍ଷରୁ ୧୬ତମ ମିନିଟ୍‌ରେ ମହମ୍ମଦ ଉସମାନ ଗୋଟିଏ ଗୋଲ କରିଥିଲେ ମଧ୍ୟ ତାହା ଦଳ ପାଇଁ ଫଳପ୍ରଦ ହୋଇପାରି ନଥିଲା । ଶେଷରେ ୩-୧ ଗୋଲରେ ବିଜୟ ହାସଲ କରି ଭାରତ ସବ୍-ଜୁନିୟର ପୁରୁଷ ହକି ଚାମ୍ପିଅନ୍ ହୋଇଥିଲା । ଅନ୍ୟପଟେ ଭାରତୀୟ ମହିଳା ସବ୍-ଜୁନିୟର ଦଳ ଭଲ ପ୍ରଦର୍ଶନ କରିଥିଲେ ମଧ୍ୟ ଫାଇନାଲରେ ଚୀନ୍ ବିପକ୍ଷରେ ରୋମାଞ୍ଚକର ଲଢେଇ ପରେ ପରାଜିତ ହୋଇ ରୌପ୍ୟ ପଦକରେ ସନ୍ତୁଷ୍ଟ ହେବାକୁ ପଡିଛି । ଦଳଗୁଡ଼ିକର ଏହି ସଫଳତା ପରେ ହକି ଇଣ୍ଡିଆ ପକ୍ଷରୁ ନଗଦ ପୁରସ୍କାର ଘୋଷଣା କରାଯାଇଛି । ବିଜେତା ପୁରୁଷ ଦଳର ପ୍ରତ୍ୟେକ ଖେଳାଳିଙ୍କୁ ୨ ଲକ୍ଷ ଟଙ୍କା ଏବଂ ସପୋର୍ଟ ଷ୍ଟାଫ୍‌ର ପ୍ରତ୍ୟେକ ସଦସ୍ୟଙ୍କୁ ୧ ଲକ୍ଷ ଟଙ୍କା ପ୍ରଦାନ କରାଯିବ । ସେହିପରି ମହିଳା ଦଳର ପ୍ରତ୍ୟେକ ଖେଳାଳିଙ୍କୁ ୧ ଲକ୍ଷ ଟଙ୍କା ଏବଂ ସପୋର୍ଟ ଷ୍ଟାଫ୍‌ର ପ୍ରତ୍ୟେକ ସଦସ୍ୟଙ୍କୁ ୫୦ ହଜାର ଟଙ୍କା ପୁରସ୍କାର ଦିଆଯିବ ।

ଏଥିପାଇଁ ହକି ଇଣ୍ଡିଆର ଅଧ୍ୟକ୍ଷ ଦିଲୀପ ତିର୍କୀ ଉଭୟ ଦଳକୁ ଅଭିନନ୍ଦନ ଜଣାଇଛନ୍ତି । ଯୁବ ଖେଳାଳିମାନେ ଦେଶର ଗୌରବ ବଢ଼ାଇ ଥିବା ଅଧ୍ୟକ୍ଷ କହିଛନ୍ତି । ଭବିଷ୍ୟତରେ ଏହି ଖେଳାଳିମାନେ ସିନିୟର ସ୍ତରରେ ମଧ୍ୟ ଭାରତ ପାଇଁ ବଡ଼ ସଫଳତା ଆଣିବେ ବୋଲି ସେ ଆଶା ପ୍ରକାଶ କରିଛନ୍ତି । ସେହିପରି ହକି ଇଣ୍ଡିଆର ମହାସଚିବ ଭୋଳାନାଥ ସିଂହ କହିଛନ୍ତି, ସମଗ୍ର ଟୁର୍ଣ୍ଣାମେଣ୍ଟରେ ଉଭୟ ଦଳ ଶୃଙ୍ଖଳା, ଦକ୍ଷତା ଏବଂ ଲୁଆ ମନୋବୃତ୍ତି ଯୋଗୁଁ ଉତ୍କୃଷ୍ଟ ପ୍ରଦର୍ଶନ କରିଛନ୍ତି ।

## ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ହ୍ୟାଣ୍ଡସେକ୍ ବିବାଦ

ଗ୍ଲାସ୍‌ଗୋ, ୨୬।୭: ଅପରେସନ ସିନ୍ଦୂର' ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ରାଜନୈତିକ ତିକ୍ତତା ବୃଦ୍ଧି ପାଇବା ସହ ଖେଳାଳିମାନେ ପରସ୍ପର ସହ ହାତ ମିଳାଇବାକୁ ଏଡ଼ାଉଥିବା ନଜରକୁ ଆସିଛି । ତେବେ ଚାଲିଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଏହାର କିଛି ଭିନ୍ନ ଚିତ୍ର ଦେଖିବାକୁ ମିଳିପାରେ । ପାକିସ୍ତାନୀ ଖେଳାଳିଙ୍କ ସହ ହାତ ମିଳାଇବା କିମ୍ବା ଅଭିବାଦନ ଆଦାନପ୍ରଦାନ କରିବା ଉପରେ ଭାରତୀୟ କ୍ରୀଡ଼ା ସଂଘଗୁଡ଼ିକ ପକ୍ଷରୁ କୌଣସି ପ୍ରକାରର କଟକଣା ଲଗାଯାଇନାହିଁ ।ଭାରତୀୟ କ୍ରୀଡ଼ା ସଂଘଗୁଡ଼ିକ ସ୍ପଷ୍ଟ କରିଛନ୍ତି ଯେ, ମୈଦାନରେ କିମ୍ବା ମୈଦାନ ବାହାରେ ପାକିସ୍ତାନୀ ପ୍ରତିଦ୍ୱନ୍ଦ୍ୱୀଙ୍କ ସହ ହାତ ମିଳାଇବେ କି ନାହିଁ, ସେ ନେଇ ସଂପୃକ୍ତ ଖେଳାଳିମାନେ ନିଜେ ନିଷ୍ପତ୍ତି ନେଇପାରିବେ । ସୂଚନାଯୋଗ୍ୟ ଯେ, ଏଥର ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତୀୟ ଓ ପାକିସ୍ତାନୀ ଆଥ୍ଲେଟମାନେ ସମାନ ହୋଟେଲ୍‌ରେ ରହୁଛନ୍ତି । ଉଦାହରଣ ସ୍ୱରୂପ, ଭାରତର ତାରକା ଜାଭେଲିନ୍ ଥ୍ରୋଅର୍ ନୀରଜ ଚୋପ୍ରା ଏବଂ ପାକିସ୍ତାନର ଅର୍ସଦ ନଦିମ ଜୋନ୍-୩ରେ ଥିବା ଏକା ହୋଟେଲ୍‌ରେ ରହୁଛନ୍ତି । ଏଭଳି ପରିସ୍ଥିତିରେ ଖେଳାଳିମାନଙ୍କ ମଧ୍ୟରେ ସାକ୍ଷାତ ଓ କଥାବାର୍ତ୍ତା ହେବା ସ୍ୱାଭାବିକ ।ତେବେ ଶିଷ୍ଟାଚାର ଦୃଷ୍ଟିରୁ ସାଧାରଣ କଥାବାର୍ତ୍ତା ଓ ହାତ ମିଳାଇବାକୁ ଅନୁମତି ଥିଲେ ହେଁ ଉପହାର ଦିଆନିଆ ଉପରେ କିଛି କଟକଣା ଜାରି କରାଯାଇଛି । ଅପରପକ୍ଷରେ, ଲନ୍ ବଲ୍ ସଂଘ ପକ୍ଷରୁ ହସ୍ତମର୍ଦ୍ଦନ କିମ୍ବା ଉପହାର ଆଦାନପ୍ରଦାନ ଉପରେ କୌଣସି ପ୍ରକାରର କଟକଣା ରଖାଯାଇନାହିଁ ।

## ଆହତ ହେଲେ ଇଂଲିଶ ଜିମ୍ନାଷ୍ଟିକ୍

ଗ୍ଲାସ୍‌ଗୋ, ୨୬।୭: ଗ୍ଲାସଗୋ କମନୱେଲଥ ଗେମ୍ ୨୦୨୬ ରେ ପୁରୁଷ ଟିମ୍ ଜିମ୍ନାଷ୍ଟିକ୍ ଫାଇନାଲରେ ଏକ ଅଘଟଣ ଘଟି ଯାଇଛି । ୧୯ ବର୍ଷିୟ ଇଂଲିଶ ଜିମ୍ନାଷ୍ଟିକ୍ ଗେବ୍ରିଏଲ୍ ଲେଙ୍ଗଟନ୍ ହାଇ ବାର୍‌ରେ ଅଭ୍ୟାସ କରୁଥିବା ସମୟରେ ତାଙ୍କ ହାତ ଖସିଯାଇଥିଲା ଏବଂ ସେ ହଠାତ୍ ମୁଣ୍ଡ ମାଡି ପଡି ଯାଇଥିଲେ । ଏହି ସମୟରେ ମେଡାଲ ଷ୍ଟାଫ୍ ତୁରନ୍ତ ଧାଇଁ ଆସି ମେଡିକାଲ ଟିମ୍ ତୁରନ୍ତ ତାଙ୍କୁ ହସ୍ପିଟାଲ ନେଇଯାଇଥିଲେ ।

ଲେଙ୍ଗଟନ୍ କିଛି ସମୟ ଧରି ସେପରି ପଡି ରହିଥିଲେ ଏବଂ ଉଠିପାରି ନଥିବାରୁ ତାଙ୍କର ବେକ ଏବଂ ମୁଣ୍ଡରେ ଆଘାତ ଲାଗିଥିବା ଅନୁମାନ କରାଯାଇଥିଲା । ଏହି ଘଟଣା ଏତେ ଭୟାବହ ଥିଲା ଯେ ସେଠାରେ ଉପସ୍ଥିତ ଖେଳାଳି ଏବଂ ଦର୍ଶକ ସ୍ତବ୍ଧ ରହି ଯାଇଥିଲେ । ଏହି ଅଘଟଣ ପରେ ପ୍ରତିଯୋଗୀତାକୁ କିଛି କ୍ଷଣ ପାଇଁ ବନ୍ଦ କରାଯାଇଥିଲା ।

ରିପୋର୍ଟରୁ ଜଣାପଡିଛି ଯେ ଗେବ୍ରିଏଲ୍ ଲେଙ୍ଗଟନ୍‌ଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବର୍ତ୍ତମାନ ସ୍ଥିର ରହିଛି । ବ୍ରିଟିଶ ଜିମ୍ନାଷ୍ଟିକ୍ସ ପକ୍ଷରୁ ସୂଚନା ଦେଇ କହିଛି ଯେ ତାଙ୍କର ସ୍କାନ୍ କରାଯାଇଥିଲା ଏବଂ ସମସ୍ତ ରିପୋର୍ଟ ସକାରାତ୍ମକ ରହିଛି । ଗେବ୍ରିଏଲଙ୍କୁ ଗୁରୁତର ଆଘାତ ଲାଗି ନଥିବାରୁ ତାଙ୍କୁ ହସ୍ପିଟାଲରୁ ଡିସ୍‌ଚାର୍ଜ



କରାଯାଇ ତାଙ୍କର ହୋଟେଲକୁ ପଠାଯାଇଛି । ସେଠାରେ ମେଡିକାଲ୍ ଟିମ ନିରନ୍ତର ତତ୍ତ୍ୱାବଧାନରେ ତାଙ୍କର ଚିକିତ୍ସା ଜାରି ରହିଛି ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com
Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ